# ଧରିତ୍ରୀ DHARITRI

ବ୍ରହ୍ମପୁର, ରବିବାର, ଅଗଷ୍ଟ ୨୩/୨୦୨୦ (୧୬ ପୃଷ୍ଠା+ଛୁଟିଦିନ) | Berhampur, Sunday, August 23/2020 | ★★★

୧୬ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**୫ ବର୍ଷ ପରେ ଫେରିଲେ ବିପାଶା**

ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ ବିବାହ ପରେ ଅଭିନୟରୁ ଦୂରେଇ ଯାଇଥିବା ବେଳେ ପାଞ୍ଚ ବର୍ଷ ପରେ ସ୍ୱାମୀ କରନ ସିଂ ଗ୍ରୋଭରଙ୍କ ସହ 'ଡେଞ୍ଜରିୟସ୍'ରେ ନଜର ଆସିବେ। **୧୪**

**୧୬** **କେ.ଏଲ୍. ରାହୁଲଙ୍କ ସହାୟତା**

କ୍ରିକେଟର ଲୋକେଶ ରାହୁଲ ବେଙ୍ଗାଲୁରୁ ବିମାନବନ୍ଦରରେ କାର୍ଯ୍ୟରତ ସିଆଇଏସ୍ଏଫ୍ କର୍ମଚାରୀଙ୍କ ଲାଗି ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ (ପିପିଇ) ଦାନ କରିଛନ୍ତି।




# ଆଜି ଗଣପର୍ବ ନୂଆଁଖାଇ

ସମ୍ବଲପୁର, ୨୨।୮ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ରବିବାର ପାଳିତ ହେବ। ମହାମାରୀ କରୋନା ସତ୍ତ୍ୱେ ଗଣପର୍ବ ଲାଗି ପଶ୍ଚିମ ଓଡ଼ିଶା ଚଳଚଞ୍ଚଳ ହୋଇ ଉଠିଛି । ପରମ୍ପରାନୁସାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କଠାରେ ପୂର୍ବାହ୍ନ ୯ଟା ୪୫ ମିନିଟରୁ ୯ଟା ୫୦ ମିନିଟ ମଧ୍ୟେ ନବାନ୍ନ ଭୋଗ ଲାଗିବ। ସେହିପରି ନୂଆପଡା ଜିଲା ଟାନୱାଟ କଣା ଭଇଁରା ଓ ସମଲେଇ, ବରଗଡ ଓ ଝାରସୁଗୁଡ଼ା ଜିଲାର ସମଲେଇ, ☞ପୃଷ୍ଠା–୪

**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକାପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ।

**ଆଜିର ସମ୍ପାଦକୀୟ**

ଉତ୍ତର ମିଳିଯିବ

# ୨୪ରୁ ବଡ଼ ବର୍ଷା

- ଲଘୁଚାପ ଯୋଗୁ ୪ ଦିନ ବର୍ଷିବ
- ଫୁଲିବ ପ୍ରମୁଖ ନଦୀ
- ବନ୍ୟା ଆଶଙ୍କା

ଭୁବନେଶ୍ୱର,୨୨।୮(ବ୍ୟୁରୋ)

ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଦାନା ବାନ୍ଧୁଛି। ଆସନ୍ତା ୨୪ରେ ଏହା ଲଘୁଚାପରେ ପରିଣତ ହେବା ଯୋଗୁ ୨୭ ତାରିଖ ଯାଏ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଲଘୁଚାପ ଯୋଗୁ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ନଦୀରେ ବନ୍ୟା ହୋଇପାରେ। ଗତ ୧୮ ତାରିଖରେ ହୋଇଥିବା ଲଘୁଚାପ ଯୋଗୁ ବଡ଼ ଓ ଶାଖା ନଦୀଗୁଡିକରେ ବନ୍ୟା ପାଣି ପ୍ରବାହିତ ହେଉଛି। ତେଣୁ ୨୪ ତାରିଖର ଲଘୁଚାପ ସ୍ଥିତିକୁ ଆହୁରି ବିଗାଡ଼ିବ ବୋଲି ଆଶଙ୍କା କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୪ ତାରିଖ ରାତିରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁରୁ, କଟକ, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସୁନ୍ଦରଗଡ଼, ଦେବଗଡ଼, କଳାହାଣ୍ଡି, ଏବଂ କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଏବଂ ସୁନ୍ଦରଗଡ଼ ଜିଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପୁରୀ, ଖୋର୍ଦ୍ଧା, ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ଅଗଷ୍ଟ ୨୬ରେ ଲଘୁଚାପ ଯୋଗୁ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝର, ନୂଆପଡ଼ା ଏବଂ ବୌଦ୍ଧ ଜିଲାରେ ଅତି ପ୍ରବଳ ବର୍ଷା ହୋଇପାରେ। ସେହିଦିନ ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ମାଲକାନଗିରି, କୋରାପୁଟ, କନ୍ଧମାଳ ଜିଲାରେ ପ୍ରବଳ ବର୍ଷା ହେବ ସମ୍ଭାବନା ରହିଛି। ୨୭ ତାରିଖରେ ମଧ୍ୟ ଏହି ସବୁ ଜିଲାରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାକୁ ୪୫ରୁ ☞ପୃଷ୍ଠା–୪



# ୧୬ ପଇସା ବଢ଼ିଲା ପେଟ୍ରୋଲ

**ସପ୍ତାହରେ ୬ ଦିନ ବଢିଛି ଦର**



ଭୁବନେଶ୍ୱର,୨୨।୮

ଲଗାତର ତୃତୀୟ ଦିନ ପାଇଁ ତୈଳ ବିପଣନ କମ୍ପାନୀଗୁଡିକ ପେଟ୍ରୋଲ ଦର ବଢାଇଛନ୍ତି। ଫଳରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ୧୬ ପଇସା ବଢି ଦର ୮୧.୯୦ ଟଙ୍କାରେ ପହଞ୍ଚିଛି। ଏଠାରେ ଡିଜେଲ ଦର ଅପରିବର୍ତ୍ତିତ ୮୦.୦୩ ଟଙ୍କା ରହିଛି। ଗତ ୭ ଦିନ ମଧ୍ୟରେ ପେଟ୍ରୋଲ ଦର ୬ ଦିନ ବଢିଛି। ଗତ ରବିବାର ପେଟ୍ରୋଲ ଦର ୧୨ ପଇସା ବଢ଼ିଥିବାବେଳେ ସୋମବାର ୧୫ ପଇସା ଏବଂ ମଙ୍ଗଳବାର ୧୪ ପଇସା ବଢିଥିଲା। ସେହିଭଳି ଗୁରୁବାର ପେଟ୍ରୋଲ ଦର ୧୦ ପଇସା ଏବଂ ଶୁକ୍ରବାର ୨୦ ପଇସା ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଅଗଷ୍ଟ ୧୬ ପରଠାରୁ ପେଟ୍ରୋଲ ଦର ୮୭ ପଇସା ବୃଦ୍ଧି ଘଟିଲାଣି। ସେହିଭଳି ଲଗାତର ୨୩ ଦିନ ହେବ ଡିଜେଲ ଦରରେ କୌଣସି ☞ପୃଷ୍ଠା–୪

# ଆନ୍ତଃରାଜ୍ୟ ପରିବହନ ବନ୍ଦ କରନାହିଁ

**ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ**

ନୂଆଦିଲ୍ଲୀ, ୨୨।୮

ଅନ୍ଲକ୍ ୩ ବା କରୋନାଜନିତ ଲକ୍ଡାଉନ କଟକଣା କୋହଳ ହେବାର ତୃତୀୟ ପର୍ଯ୍ୟାୟରେ ଆନ୍ତଃରାଜ୍ୟ କିମ୍ବା ରାଜ୍ୟ ଭିତରେ ଜନସାଧାରଣଙ୍କ ଯାତାୟାତ ଓ ମାଲ୍ ପରିବହନ ଉପରେ କେନ୍ଦ୍ରୀୟ ଗାଇଡ୍ଲାଇନରେ କୌଣସି କଟକଣା ଲାଗୁ ହୋଇନାହିଁ। ତେଣୁ ଆନ୍ତଃରାଜ୍ୟ ଯାତାୟାତ ଓ ପରିବହନ ବନ୍ଦ ନ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲ୍ଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଶନିବାର ପତ୍ର ଲେଖି ଏହା ମନେ ପକାଇଦେଇଛନ୍ତି।

ଅନେକ ରାଜ୍ୟର ଜିଲାସ୍ତରୀୟ ଅଧିକାରୀମାନେ ପରିବହନ ଉପରେ କଟକଣା ଜାରି କରୁଥିବା ଜଣାପଡିଛି। ଏହାଦ୍ୱାରା ଯୋଗାଣ ଶୃଙ୍ଖଳ ପ୍ରଭାବିତ ହେବା ସହ ଆର୍ଥିକ କାର୍ଯ୍ୟକଳାପ ଓ ନିଯୁକ୍ତି ବାଧାପ୍ରାପ୍ତ ହେଉଛି ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଗମନାଗମନ ଓ ସାମଗ୍ରୀ ପରିବହନ ପାଇଁ ପୃଥକ ଅନୁମତି କିମ୍ବା ଇ-ପର୍ମିଟ୍ର ଆବଶ୍ୟକତା ନାହିଁ ବୋଲି ଗାଇଡ୍ଲାଇନର ପାରାଗ୍ରାଫ୍ ୫ରେ କୁହାଯାଇଥିଲା। ରାଜ୍ୟଗୁଡ଼ିକ ଯଦି କଟକଣା ଜାରି କରନ୍ତି ତେବେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ବ୍ୟବସ୍ଥା ଅନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଥିବା ଗାଇଡ୍ଲାଇନର ଉଲ୍ଲଂଘନ ହେବ ବୋଲି ଭାଲ୍ଲା ସତର୍କ କରାଇଦେଇଛନ୍ତି। ଯଦି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ କୌଣସି କଟକଣା ଲଗାଇଥାନ୍ତି, ତେବେ ତାକୁ ତୁରନ୍ତ ପ୍ରତ୍ୟାହାର ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗାଇଡ୍ଲାଇନ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଲକ୍ଡାଉନର ପ୍ରଥମ ଦୁଇମାସ ସୀମାପାର ଯାତାୟାତ ଓ ମାଲ୍ ପରିବହନ ବନ୍ଦ ରହିଥିଲା। ☞ପୃଷ୍ଠା–୪

# କାମ ସରିଲେ ସେତୁ ରଚିବ କୀର୍ତ୍ତିମାନ

- ନିର୍ମାଣ ଚାଲିଛି ଆଠମଲ୍ଲିକ-ଧଳପୁର ବ୍ରିଜ
- ୩.୩୨୦ କିମି ସହ ହେବ ଓଡ଼ିଶାର ସବୁଠୁ ଲମ୍ବା

ପରିକ୍ଷିତ ସାହୁ

ବଉଣ୍ଡା, ୨୨।୮

ଧାର୍ଯ୍ୟ ଅବଧି ୮ ମାସ ତଳୁ ଶେଷ ହେଲାଣି। ତଥାପି ମହାନଦୀ ଉପରେ ନିର୍ମାଣ ସରୁନି ଓଡ଼ିଶାର ସବୁଠୁ ଲମ୍ବା ସେତୁର ଗୌରବ ଅର୍ଜନ କରିବାକୁ ଯାଉଥିବା ଆଠମଲ୍ଲିକ-ଧଳପୁର ସେତୁ। ଅନୁଗୋଳ ଜିଲା ଆଠମଲ୍ଲିକରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁରକୁ ସଂଯୋଗ କରୁଥିବା ଏହି ୩ କିଲୋମିଟର ୩୨୦ ମିଟର ଦୀର୍ଘ ସେତୁ କାମ ଶେଷ ହେଲେ ଏହା ନୂଆ କୀର୍ତ୍ତିମାନ ସୃଷ୍ଟି କରିବ। ଏପରିକି ବର୍ତ୍ତମାନ ରାଜ୍ୟର ସବୁଠୁ ଦୀର୍ଘତମ ପୋଲ (୨.୮୮ କିଲୋମିଟର)ର ରେକର୍ଡ ବହନ କରୁଥିବା କଟକ ତ୍ରିଶୂଳିଆସ୍ଥିତ କାଠଯୋଡ଼ି ଉପରେ ନିର୍ମିତ 'ନେତାଜୀ ସୁଭାଷ ଚନ୍ଦ୍ର ବୋଷ' ସେତୁକୁ ମଧ୍ୟ ଏହା ପଛରେ ପକାଇଦେବ।



ମହାନଦୀ ଉପରେ ନିର୍ମାଣାଧୀନ ଆଠମଲ୍ଲିକ-ଧଳପୁର ସେତୁ।

କେନ୍ଦ୍ରୀୟ ଓଡ଼ିଶାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସଂଯୋଗକୁ ଆହୁରି ସୁଗମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୧ ମେ ୨୦୧୫ରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁରଠାରେ ମହାନଦୀ ଉପରେ ଏହି ଦ୍ୱିତୀୟ ସେତୁର ଶିଳାନ୍ୟାସ କରିଥିଲେ। ପ୍ରଥମେ ବିଭାଗ ପକ୍ଷରୁ ୧୪୨ କୋଟି ଟଙ୍କାର ଟେଣ୍ଡର ଡକାହୋଇଥିଲା। ପରେ ଠିକାସଂସ୍ଥା ୧୬୮ କୋଟି ୯୧ ଲକ୍ଷ ଟଙ୍କାରେ ଟେଣ୍ଡର ନେଇ କାମ କରିବା ପାଇଁ ସ୍ଥିର କରିଥିଲା। ୨୦୧୬ରୁ ଏହି ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଡିସେମ୍ବର ୪, ୨୦୧୯ରେ କାର୍ଯ୍ୟ ସମାପ୍ତ ☞ପୃଷ୍ଠା–୪


DADLS - 54

'ନୂଆଁଖାଇ'–୨୦୨୦ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR-15001/13/0085/2021

DADLS - 54

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଶୁଭେଚ୍ଛା



ପବିତ୍ର ନୂଆଁଖାଇ ଅବସର୍‌ନେ ଆପଣମାନଙ୍କୁ ସମ୍‌କୁ ମୋର୍ ଜୁହାର୍ । ନୂଆଁଖାଇ ସମ୍‌କର ଲାଗି ସୁଖ୍, ଶାନ୍ତି ଆର୍ ସମୃଦ୍ଧି ଆନିଦେଉ । ମା ସମଲେଶ୍ୱରୀଙ୍କନେ ମୋର୍ ଏତ୍‌କି ପ୍ରାର୍ଥନା ।

କୋଭିଡ କଟକଣାକେ ମାନିକରି ଆର୍ ସାମାଜିକ ଦୂରତାକେ ରକ୍ଷାକରି ନୂଆଁଖାଇ ପରବ୍ ପାଳନ କର୍‌ବାର ଲାଗି ମୋର ସମ୍‌କେ ଅନୁରୋଧ ।

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0085/2021

DADLS - 54



'ନୂଆଖାଇ' – ୨୦୨୦ ଅବସରରେ ବାର୍ତ୍ତା

ସ୍ନେହ, ଶ୍ରଦ୍ଧା ଓ ସମୃଦ୍ଧିର ପ୍ରତୀକ କୃଷିଭିତ୍ତିକ ଗଣପର୍ବ 'ନୂଆଖାଇ' ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସଂପ୍ରୀତି ଓ ଭାତୃଭାବର ଏହି ଅନନ୍ୟ ଲୋକପର୍ବରେ ଆରାଧ୍ୟା ଦେବୀ ମା' ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଆମ ରାଜ୍ୟ ଶସ୍ୟଶ୍ୟାମଳା ହେଉ, ଚାଷୀକୂଳର ଉନ୍ନତି ଘଟୁ, ଏହାହିଁ ମୁଁ କାମନା କରୁଛି ।

ଆସନ୍ତୁ, ଧୈର୍ଯ୍ୟ ଓ ସାହସର ସହିତ ସମସ୍ତେ କରୋନା କଟକଣାକୁ ମାନି ଏ ବର୍ଷର ନୂଆଖାଇକୁ ପାଳନ କରିବା ଏବଂ ଏହି ମହାମାରୀ ବିରୁଦ୍ଧରେ ଜାରି ରହିଥିବା ଆମର ଲଢ଼େଇକୁ ସଶକ୍ତ କରିବା ।

(ରଘୁନନ୍ଦନ ଦାସ)

ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0085/2021



ନୂଆଁଖାଇ ପାଇଁ ଶନିବାର ସମ୍ବଲପୁର ବଜାରରେ ବିଭିନ୍ନ ସାମଗ୍ରୀ କିଣିବା ଲାଗି ଲୋକଙ୍କ ଭିଡ଼।

# ନୂଆଁଖାଇରେ ପତ୍ରର ଭୂମିକା



ବଲାଙ୍ଗୀର ଡେଲି ମାର୍କେଟ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ଦନା ଓ ଖଲି।

ଗଣପର୍ବ ନୂଆଁଖାଇରେ ବିଭିନ୍ନ ପତ୍ରର ଭୂମିକାକୁ ଗୁରୁତ୍ୱ ଦିଆଯାଏ। ସେଦିନ ନବାନ୍ନ ଭକ୍ଷଣ ଲାଗି ନାନା ସମ୍ପ୍ରଦାୟ ଲୋକଙ୍କ ପାଇଁ ଭିନ୍ନ ଭିନ୍ନ ପତ୍ରର ବ୍ୟବସ୍ଥା ରହିଛି । ଗଉଡ, କନ୍ଧ, ତେଲି, ବ୍ରାହ୍ମଣ, ଭୁଲିଆ, ମାଳି ସମ୍ପ୍ରଦାୟର ଲୋକେ କୁରେଇ ପତ୍ରରେ ନୂଆଁ ଖାଉଥିବା ବେଳେ ଡୁମ୍ବାଳ ସହ ଆଉ କେତେକ ସମ୍ପ୍ରଦାୟର ଲୋକେ ଭେଲୁଆଁ, ମହୁଲ, ରେଙ୍ଗାଲ ଆଦି ପତ୍ରରେ ନୂଆଁ ଖାଇଥାନ୍ତି । ସେହିପରି ଅନ୍ୟ କେତେକ ସମ୍ପ୍ରଦାୟର ଲୋକେ ସାରୁ, କଦଳୀ ଏବଂ ପଣସ ପତ୍ରରେ ମଧ ନବାନ୍ନ ଭକ୍ଷଣ କରନ୍ତି । ମହତ୍ୱପୂର୍ଣ୍ଣ ବିଷୟ ହେଲା ନବାନ୍ନ ଭକ୍ଷଣ ପାଇଁ ଯେଉଁ ଗଛରୁ ଲୋକମାନେ ପତ୍ର ସଂଗ୍ରହ କରିଥାନ୍ତି ସେହି ବୃକ୍ଷକୁ ପ୍ରଥମେ ପୂଜା କରିବାର ବିଧି ରହିଛି । ପରିବାରର ସାଧବାମାନେ ନିର୍ଦ୍ଦିଷ୍ଟ ବୃକ୍ଷ ନିକଟକୁ ଯାଇ ପୂଜା କରିବା ପରେ ପତ୍ର ତୋଳନ୍ତି । ଭଲ ପତ୍ରରେ ଖଲି ଓ ଦନା ପ୍ରସ୍ତୁତ କରାଯାଇ ସେଥିରେ ପ୍ରଥମେ ଇଷ୍ଟ ଦେବାଦେବୀଙ୍କୁ ନବାନ୍ନ ଅର୍ପଣ କରାଯାଏ । ପରେ ପରିବାରର ସଦସ୍ୟମାନେ ସେହି ପତ୍ରରେ ନିର୍ମିତ ଖଲି ଓ ଦନାରେ ନବାନ୍ନ ଭକ୍ଷଣ କରନ୍ତି । ଏପରି ପରମ୍ପରା ଗଛଲତାପ୍ରତି ମଣିଷର ରହିଥିବା ଶ୍ରଦ୍ଧାକୁ ପ୍ରତିପାଦିତ କରିଛି । ହେଲେ ଚଳିତ ବର୍ଷ କରୋନା କଟକଣାର ପ୍ରଭାବ ନୂଆଁଖାଇ ଉପରେ ପଡିଛି । ଏହି ପର୍ବର ତିନି ଚାରି ଦିନ ପୂର୍ବରୁ ଦିନ ମଜୁରିଆମାନେ ଜଙ୍ଗଲକୁ ଯାଇ ସର୍ଗିପତ୍ର, ରେଙ୍ଗାଲ ପତ୍ର, କୁରେଇ ପତ୍ର ସଂଗ୍ରହ କରିଥାନ୍ତି । ସେମାନେ ସେଥିରେ ଦନା ଓ ଖଲି ତିଆରି କରି ବିଭିନ୍ନ ବଜାର ଓ ହାଟରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତି । ହେଲେ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି । ଅଳ୍ପ କେତେଜଣ ଗାଁ ଗହଳିର ପତ୍ର ତୋଳାଳୀ ବଜାରକୁ ଆସି ନିଜ ତିଆରି ଦନା, ଖଲି ବିକ୍ରି ପାଇଁ ବଲାଙ୍ଗୀର ରାସ୍ତା ପାର୍ଶ୍ୱରେ ପସରା ମେଲାଇଛନ୍ତି । ଉଲ୍ଲେଖଯୋଗ୍ୟ, ନୁଆଁଖାଇରେ କୌଣସି ସମ୍ପ୍ରଦାୟର ଲୋକେ ବାସନ,କୁସନ ବ୍ୟବହାର କରି ନ ଥାନ୍ତି । ସେମାନେ ନିର୍ଦ୍ଧାରିତ ପତ୍ରରେ ତିଆରି ଦନା ଓ ଖଲିରେ ନୁଆଁଖାଇ ପ୍ରସାଦ ଖାଇଥାନ୍ତି । ଆବଶ୍ୟକ ପଡିଲେ ସେହି ଦନା ଓ ଖଲିରେ ପ୍ରସାଦ ବଣ୍ଟନ କରିଥାନ୍ତି ।

*–ସୁରେନ୍ଦ୍ର କଠାର*
*ଫଟୋ–ସୁନୀଲ ମହାନ୍ତି*

# ତିହାର ବଜାର



ନୂଆଁଖାଇ ଆଧୁନିକ ସମାଜକୁ ଦୈନଦିନ ଜୀବନଚର୍ଯ୍ୟା, ବ୍ୟବହାର,ଐତିହ୍ୟ,ସଂସ୍କୃତି, ପରମ୍ପରା ଓ ଖାଦ୍ୟପେୟ ଉପରେ ଶିକ୍ଷା ଦିଏ। ନୂଆଁଖାଇ ଦିନ ନୂଆ ପାତ୍ରରେ ରୋଷେଇ କରିବା, ନୂଆଁ କପଡା ପିନ୍ଧିବା, ଦେବାଦେବୀଙ୍କୁ ନୂଆ ବସ୍ତ୍ର ପିନ୍ଧାଇବା ପରମ୍ପରା ରହିଛି। ଏଣୁ ଦିନକ ପୂର୍ବରୁ ଅର୍ଥାତ୍ ଗଣେଶ ପୂଜା ଦିନ ସ୍ୱତନ୍ତ୍ର ବଜାର ବସିଥାଏ। ଏହି ବଜାରକୁ ନୂଆଁଖାଇ ତିହାର ବଜାର ବୋଲି କୁହାଯାଏ। ନୂଆଁଖାଇ ପାଇଁ ଆବଶ୍ୟକ ମାଟିପାତ୍ର, କପଡା, ବାସନ କୁସନ, ପନିପରିବା ସବୁ କିଛି ଏହି ବଜାରରେ ମିଳେ। ଆବଶ୍ୟକତା ଅନୁସାରେ ଲୋକେ କିଣା ବିକା କରନ୍ତି। ଏଥିରେ ନୂଆବସ୍ତ୍ର, ମାଟିପାତ୍ର, ପତ୍ର ଦନା ଓ ଖଲି, ନଡିଆ, ପନିପରିବା, ଡାଲି, ଗୁଡ, ଚିନି, ସୁଜି, ଅଟା ପ୍ରଭୃତି ସାମଗ୍ରୀ ଏହି ବଜାରରୁ ଲୋକେ କିଣିଥାନ୍ତି । ଅତୀତରେ ଗଉଁତିଆ, ଜମିଦାରମାନେ ହଳିଆଙ୍କୁ ନୂଆଁଖାଇ ବେଭାର ଦେଉଥିଲେ। ପାଖ ପଡୋଶୀଙ୍କୁ ମଧ ଭାର ଆଦାନପ୍ରଦାନ କରାଯାଉଥିଲା। ସେହିସବୁ ଭାର ସାମଗ୍ରୀ ବି ଲୋକେ ତିହାର ବଜାରରୁ କିଣୁଥିଲେ। ତେଣୁ ଏହି ପର୍ବକୁ ଭାଇଚାରାର ପର୍ବ ବୋଲି ମଧ କୁହାଯାଏ।

*–ଶୁଭାଶିଷ ପାଢୀ*



ସମ୍ବଲପୁରରେ ଜଣେ ଯୁବତୀ ନୂଆଁ ଧାନ କିଣୁଛନ୍ତି।

SAMBALPUR NURSING COLLEGE
Approved Govt. of Odisha, Govt. of India and University
ADMISSION OPEN
ANM
2 Years
+2 Any Stream
GNM
3 Years
+2 Any Stream
40% For General
35% For SC & ST
B. Sc. Nursing
4 Years, +2 Science (PCB)
45% For General, 40% For SC & ST
FOR FURTHER DETAILS CONTACT-
AT- ASA ACADEMY, PO- JAYANTAPUR
DIST- SAMBALPUR- 768112
Mob. 9338204000, 9338426555.
Email ID: sambalpur.nc@gmail.com
Website: sambalpurnursingcollege.org




ନୂଆଁଖାଇ ଜୁହାର୍
ମହାନ ଗଣପର୍ବ ନୂଆଁଖାଇ ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଆସନ୍ତୁ ସରକାରଙ୍କ ନିୟମ ମାନିବା, କରୋନାକୁ ହରାଇବା।



ଶ୍ରୀ ଚନ୍ଦ୍ରଶେଖର ବାଗ
( ସମାଜସେବୀ )
କେନାଲ ଏଭେନ୍ୟୁ, ୱାର୍ଡ ନଂ-୧୭, ବରଗଡ଼

ସିଏଚ୍‌ଏସ୍‌ଇ +୨ ବାଣିଜ୍ୟ ୨୦୨୦ ପରୀକ୍ଷାରେ ବିକାଶ ଛାତ୍ରଛାତ୍ରୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ
୫୫୪ ମାର୍କ ସହ ଶିଖର ଅଗ୍ରୱାଲ୍ ପଶ୍ଚିମ ଓଡ଼ିଶା ଟପର୍
Western Odisha Topper
Sikhar Agrawal — STATE Rank 6th — 554 MARKS — Bargarh Campus
Durgeswari Agrawal- — 549 MARKS — Bargarh Campus
Vishal Kumar Choudhury — 545 MARKS — Sambalpur Campus
Ishika Goyal — 544 MARKS — Bhawanipatna Campus
Sikha Agrawal — 542 MARKS — Bargarh Campus
Chandan Meher — 540 MARKS — Bargarh Campus
Anish Pradhan — 537 MARKS — Sambalpur Campus
Abhisek Pradhan — 531 MARKS — Sambalpur Campus
Barsha Rani Naik — 530 MARKS — Sambalpur Campus
Deeptimayee Meher — 526 MARKS — Bargarh Campus
Jubuli Badhai — 523 MARKS — Sambalpur Campus
Priyanka Pradhan — 521 MARKS — Sambalpur Campus
Rajaram Badhai — 521 MARKS — Sambalpur Campus
Abhijit Rout — 519 MARKS — Sambalpur Campus
Arpita Naik — 514 MARKS — Sambalpur Campus
Swagat Kumar Behera — 511 MARKS — Bhawanipatna Campus
Bandana Sahoo — 508 MARKS — Bhawanipatna Campus
Premananda Meher — 507 MARKS — Bargarh Campus
Tinkle Sahu — 503 MARKS — Sambalpur Campus

| Result Analysis | Above 500 Marks | Above 80% | First Class | Students Appeared |
|---|---|---|---|---|
| Bargarh Campus | 06 | 08 | 33 | 52 |
| Sambalpur Campus | 10 | 15 | 47 | 53 |
| Bhawani-patna Campus | 03 | 04 | 19 | 49 |

19 students scored above 500 Marks
99% Success Rate
ବିକାଶ, ଏକମାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଯିଏକି ନିଜସ୍ୱ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍ କ୍ଲାସ୍, ଅନ୍‌ଲାଇନ୍ ଏସାଇନ୍‌ମେଣ୍ଟ ଓ ଅନ୍‌ଲାଇନ୍ ପରୀକ୍ଷା କରୁଛି ।
ବିକାଶ ଦ୍ୱାରା ପ୍ରସ୍ତୁତ ନିଜସ୍ୱ ଅନ୍‌ଲାଇନ୍ ଶିକ୍ଷାଦାନ ଆପ୍ — vidya Learning Made Easy
ଅନ୍‌ଲାଇନ୍ ଏଡ୍‌ମିଶନ୍ ସାମ୍ସ (SAMS) ମାଧ୍ୟମରେ କରାଯାଇପାରିବ ।
- ବିକାଶ ହାୟର୍ ସେକେଣ୍ଡାରୀ ସ୍କୁଲ୍, ବରାହଗୁଡ଼ା
- ବିକାଶ ହାୟର୍ ସେକେଣ୍ଡାରୀ ସ୍କୁଲ୍, ସମ୍ବଲପୁର
- ସରସ୍ୱତୀ ସାଇନ୍ସ ହାୟର୍ ସେକେଣ୍ଡାରୀ ସ୍କୁଲ୍, ଭବାନୀପାଟଣା
ଏ-୧ ଛାତ୍ରଛାତ୍ରୀଙ୍କ ପାଇଁ ଏଡ୍‌ମିଶନ୍ ସ୍କଲାରସିପ୍ ବ୍ୟବସ୍ଥା
ଅନ୍‌ଲାଇନ୍ ପାଠପଢ଼ା ପାଇଁ ପଞ୍ଜିକରଣ ଚାଲୁଅଛି
www.odishavikash.com
Vikash Higher Secondary School
ବରଗଡ଼ । ସମ୍ବଲପୁର । ଭବାନୀପାଟଣା
Approved by DHSC, Odisha & Affiliated to CHSE, Odisha
ବରଗଡ଼ 70641 40000, 94393 53433 | ସମ୍ବଲପୁର 99379 79999, 70644 13460 | ଭବାନୀପାଟଣା 99377 31441, 94398 12131

VIVEKANANDA SEVA SANSAD
Kalimandir Road, Jharsuguda (Odisha) - 768202
Regd. No.: JSG/1312-32-08
Mob.: 9776181767, e-mail: vivekanandasevasansad12@gmail.com
ନୂଆଁଖାଇ ଇ'ମାଟିର ତିହାର
ଫି ବଛରେ ଆଏସି
ଗାଆଁନୁ ସହର ଖୁସିର ଲହର
ଭାବର ବଁଧନ ଜୁଡ଼ସି
''ସମ୍‌କୁ ନୂଆଁଖାଇ ଜୁହାର''
ବିବେକାନନ୍ଦ ସେବା ସଂସଦ, ଝାରସୁଗୁଡ଼ା
॥ କରୋନାକୁ ଦୂରେ ରହିକରି ସରକାରୀ ନିୟମ ମାନିକରି ଆସୁନ ଆମେ ୨୦୨୦ର ନୂଆଁଖାଇ ମାନମା ॥


Bhushan POWER & STEEL
ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ Bhushan power & Steel ltd. ତରଫରୁ ସମସ୍ତ ଓଡିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ନୂଆଁଖାଇ ଜୁହାର

Delivering Value Through Integration
BHUSHAN POWER & STEEL LIMITED
At: Thelkoloi, PO: Lapanga
Teh: Rengali, Dist. Sambalpur
Odisha - 768 232
Ph: 0663-2535000
Website : www.bpsl.net

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୩୨,୨୪,୯୭୧ | ୮,୦୫,୦୬୫ | ୧,୫୭,୮୪,୫୪୩ |
| ଭାରତ | ୩୦,୩୦,୧୫୫ | ୫୬,୭୯୬ | ୨୨,୬୪,୯୧୯ |
| ଓଡ଼ିଶା | ୭୫,୫୩୭ | ୩୯୯(+୫୩) | ୫୨,୭୭୭ |

ଶନିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୫୦ କୋଟିର ଏନ୍‌ସିଇଆର୍‌ଟି ବହି ଜବତ

- ବେଆଇନ ଛପାଯାଇଥିବା ଅଭିଯୋଗ
- ୧୨ ଗିରଫ, ମାଷ୍ଟରମାଇଣ୍ଡ ଫେରାର



**ମିରଟ, ୨୨।୮:** ଉତ୍ତରପ୍ରଦେଶରେ ବେଆଇନ ଭାବେ ଛପାଯାଇଥିବା ୫୦ କୋଟି ଟଙ୍କାର ଏନ୍‌ସିଇଆର୍‌ଟି (ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ) ବହି ଜବତ ହେବା ସହ ୧୨ ଜଣଙ୍କୁ ଗିରଫ କରାଯାଇଛି। ସାମରିକ ଗୋଇନ୍ଦା ବିଭାଗ, ଉତ୍ତରପ୍ରଦେଶ ସ୍ୱତନ୍ତ୍ର ଟାସ୍କଫୋର୍ସ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ମିରଟର ପର୍‌ତାପୁର ଏବଂ ଆମ୍ରୋହା ଜିଲାର ଗଜ୍ରାଉଲାରେ ଥିବା ଦୁଇଟି ଷ୍ଟୋରରୁ ଏହିସବୁ ବହି ଜବତ ହୋଇଛି। ବହି ଛପାଯାଇଥିବା ୬ଟି ସଂସ୍ଥାକୁ ସିଲ୍ କରିଦିଆଯାଇଛି। ଉକ୍ତ ବହିକୁ ବେଆଇନ ଭାବେ ଦିଲ୍ଲୀ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଓ ଅନ୍ୟ ସ୍ଥାନରେ ବିକ୍ରି କରାଯାଉଥିଲା ବୋଲି ମିରଟ ପୋଲିସ ଏସ୍‌ଏସ୍‌ପି ଅଜୟ ସାହାଣି କହିଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା ବୋଲି ଏସ୍‌ଟିଏଫ୍ ଡିଏସ୍‌ପି ବ୍ରଜେଶ ସିଂ କହିଛନ୍ତି। ଉକ୍ତ ପ୍ରେସ୍ ଓ ଷ୍ଟୋରର କେତେଜଣ କର୍ମଚାରୀଙ୍କୁ ଜେରା ପାଇଁ ନିଆଯାଇଛି। ଏହି ବେଆଇନ କାର୍ଯ୍ୟର ମାଷ୍ଟରମାଇଣ୍ଡ କୁହାଯାଉଥିବା ସଚିନ ଗୁପ୍ତା ଫେରାର ହୋଇଯାଇଛନ୍ତି। ଫେରାର ହେବା ପୂର୍ବରୁ ସେ କେତେକ ବହି ପୋଡ଼ିଦେଇଥିବା ଜଣାପଡ଼ିଛି। ଦୁଇଟି ଷ୍ଟୋରରୁ ୧,୫୦,୦୦୦ରୁ ଊର୍ଦ୍ଧ୍ୱ ଏନ୍‌ସିଇଆର୍‌ଟି ବହି ଜବତ ହେବା ପରେ ମାମଲା ରୁଜୁ ହୋଇଛି। ଏନସିଇଆର୍‌ଟି ବହି କେବଳ ଦିଲ୍ଲୀର ପ୍ରିଣ୍ଟିଂ ପ୍ରେସ୍‌ରେ ଛପାଯାଇଥାଏ। ମିରଟ କିମ୍ବା ଅନ୍ୟ କୌଣସି ସ୍ଥାନରେ ଏହାର ପ୍ରେସ୍ ନାହିଁ। ସଚିନ ଗୁପ୍ତା ଓ ତାଙ୍କ ସହଯୋଗୀମାନେ ବେଆଇନ ଭାବେ ସେମାନଙ୍କ ପ୍ରେସ୍‌ରେ ବହି ଛାପିବା ସହ ବିଭିନ୍ନ ରାଜ୍ୟରେ ବିକ୍ରି ଲାଗି ବ୍ୟବସ୍ଥା କରିଥିଲେ। ସନ୍ଦେହରୁ ବର୍ତ୍ତିବା ପାଇଁ ଭାଜପା ପତାକା ଲାଗିଥିବା ଗାଡ଼ିରେ ବହି ପରିବହନ ହେଉଥିଲା। ଏହି ଅପରାଧ ପଛରେ ଅନ୍ୟ କେଉଁମାନଙ୍କର ହାତ ରହିଛି, ତାହା ଜାଣିବା ପାଇଁ ପୋଲିସ ପଚରାଉଚରା ଚଳାଇଛି।






## ସଂକ୍ଷେପରେ

### ଏମ୍‌ପିଙ୍କ ସମେତ ୪ଜଣଙ୍କୁ କରୋନା



ମଞ୍ଜୁଲତା ମଣ୍ଡଳ ଓ ମୁକ୍ତିକାନ୍ତ ମଣ୍ଡଳ।

**ଭଦ୍ରକ ଅଫିସ, ୨୨।୮:** ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ତାଙ୍କ ଘରର ୪ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏମ୍‌ପି ମଣ୍ଡଳ ଓ ପୂର୍ବତନ ବିଧାୟକ ଉଭୟେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ତାଙ୍କ ସଂସ୍ପର୍ଶରେ ଆସି ବ୍ୟକ୍ତିମାନେ କରୋନା ପରୀକ୍ଷା କରାଇବା ସହ ହୋମ ଆଇସୋଲେଶନ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏମ୍‌ପିଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ଜିତେନ୍ଦ୍ର ସାମଲ ଓ ଘରର ରୋଷେୟା ବାପି ନାଥ ମଧ ପଜିଟିଭ ଥିବା ଜଣାପଡ଼ିଛି। ସମସ୍ତେ ଭଦ୍ରକ ବାଇପାସ୍‌ସ୍ଥିତ ହୋମ ଆଇସୋଲେଶନରେ ରହିଛନ୍ତି। ସୂଚନାଥାଉ କି, ୮ଜଣଙ୍କ କରୋନା ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୪ଜଣଙ୍କ ରିପୋର୍ଟ ପଜିଟିଭ ଆସିଥିବା ବେଳେ ତାଙ୍କ ପୁଅ, ଝିଅ, ଜଣେ କର୍ମଚାରୀ ଓ ଅନ୍ୟ ଜଣେ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ରିପୋର୍ଟ ନେଗେଟିଭ୍ ଆସଛି। କୌଣସି ଏକ ଦଳୀୟ ସଭା କିମ୍ବା କାର୍ଯ୍ୟକ୍ରମରୁ ସଂକ୍ରମଣ ବଢ଼ିଥିବା ଅନୁମାନ କରାଯାଉଛି।

### ଜୟରାମ ପାଙ୍ଗୀ ସଂକ୍ରମିତ



**କୋରାପୁଟ,୨୨।୮(ସ୍ୱ.ପ୍ର.):** କୋରାପୁଟ ଜିଲାର ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ କରୋନାରେ ଆକ୍ରାନ୍ତ ହୋଇଥିବା ଶନିବାର ଟ୍ୱିଇଟ କରି ଜଣାଇଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ ସେ କୋରାପୁଟରେ ରହି ଚିକିତ୍ସିତ ହେଉଛନ୍ତି। ନିକଟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ନିଜ ନିଜ କରୋନା ଟେଷ୍ଟ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

### ବସ୍ ଚୋରି ଘଟଣା: ଜେଲ ଗଲେ ଅଭିଯୁକ୍ତ

**ଭୁବନେଶ୍ୱର, ୨୨।୮(ବ୍ୟୁରୋ):** ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଶୁକ୍ରବାର ଏକ ଘରୋଇ ବସ୍ ଚୋରିକରି ଫେରାର ହେଉଥିବା ଅଭିଯୁକ୍ତ ଜ୍ଞାନ ରଞ୍ଜନ ସାହୁଙ୍କୁ ଖଣ୍ଡଗିରି ପୋଲିସ କଟକରୁ ଗିରଫ କରିବା ସହ ବସ୍‌କୁ ଉଦ୍ଧାର କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜ୍ଞାନଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ହରିସିଂପୁରରେ। ଏହାପୂର୍ବରୁ ସେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଓ ବାଲେଶ୍ୱର ସହଦେବଖୁଣ୍ଟାରୁ ୨ଥର ବସ୍ ଚୋରିକରି ଗିରଫ ହୋଇଥିବା ଜଣାପଡ଼ିଛି।










## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଅନୁଭବ
ପରିବାରବର୍ଗ


ପ୍ରିୟାଂଶ
ପରିବାରବର୍ଗ


ରବିପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### କାମ ସରିଲେ ସେତୁ ...

(ପ୍ରଥମ ପୃଷ୍ଠାରୁ...)

କରିବାକୁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସମସ୍ତ ୮୮ଟି ପିଲର ନିର୍ମାଣ ସରିଛି। ମୋଟ ୮୭ ଟି ସ୍ପାମ ମଧ୍ୟରୁ ୨୮ଟିରେ କାମ ସରିଥିବାବେଳେ ୫୯ଟି ନିର୍ମାଣାଧୀନ ଅଛି। ଅଦ୍ୟାବଧି ୧୩୦ କୋଟି ଟଙ୍କାର କାମ ଶେଷ ହୋଇଛି। ସେହିପରି ସେତୁ ଦୁଇ ପାର୍ଶ୍ୱରେ ଆପ୍ରୋଚ ରୋଡ କାମ ଜାରି ରହିଛି। ଧଳପୁର ନିକଟରେ ସେତୁ ସଂଲଗ୍ନ ୭୭୦ ମିଟର ଆପ୍ରୋଚ ରୋଡର ମାଟି କାମ ଶେଷ ହୋଇଛି। ଆଠମଲ୍ଲିକ ପାର୍ଶ୍ୱରେ ୧୪୬୦ ମିଟରର ଆପ୍ରୋଚ ରୋଡ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ତେବେ ବେସରକାରୀ ବିବାଦୀୟ ଜମିକୁ ନେଇ ନିର୍ମାଣ ବିଳମ୍ବ ହୋଇଛି। ଅବଧି ପୂରଣ ହେବାର ୮ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇପାରିଛି। ମହାନଦୀ ବକ୍ଷରେ ଏହି ବ୍ରିଜ୍‌ଟିଆରି ସମ୍ପୂର୍ଣ୍ଣ ହେଲେ ଅନୁଗୋଳ ଜିଲ୍ଲାରୁ ବୌଦ୍ଧ, ଗଞ୍ଜାମ, କନ୍ଧମାଳ, ସୁବର୍ଣ୍ଣପୁର ଜିଲ୍ଲାର ଦୂରତା ହ୍ରାସପାଇବ। ସେହିପରି ବୌଦ୍ଧ ଓ ଅନୁଗୋଳ ଜିଲ୍ଲାର ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ବିକାଶ ହୋଇପାରିବ। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ବ୍ରିଜ ନିର୍ମାଣ ଉପରେ ଜୋର୍ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ରଞ୍ଜିତ ବିଲ୍ଡକନ୍ ପ୍ରାଇଭେଟ ଲିମିଟେଡର ସୁପରଭାଇଜର ରମଣଲାଲ ପଟେଲ କହିଛନ୍ତି, କରୋନା ଯୋଗୁ କାମ ବିଳମ୍ବ ହୋଇଛି। ପିଲର ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ନଦୀରେ ୭ ଫୁଟ ଚଉଡାରେ ବାଲି ବସ୍ତା, ମାଟି ପକାଇ ରାସ୍ତା ନିର୍ମାଣ କରାଯାଇଥିଲା। ନଦୀରେ ବର୍ଷା ଜଳ ଆସିଯିବା ଯୋଗୁ ସେହି ରାସ୍ତା ଧୋଇ ହୋଇଯାଇଛି। ଫଳରେ କୌଣସି ମେଶିନ ଯାଇପାରୁନାହିଁ। ଏହା ସତ୍ତ୍ୱେ ସେତୁ କାର୍ଯ୍ୟ ଚାଲିଛି। ବର୍ଷା ଛାଡି ଗଲେ ଶୀଘ୍ର ନିର୍ମାଣ କାମ ଶେଷ ହେବ। ଏ ସମ୍ପର୍କରେ ବୌଦ୍ଧ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ ନାୟକ କହିଛନ୍ତି, ବିଭିନ୍ନ କାରଣରୁ କାମ ବିଳମ୍ବ ହେଉଛି। ତଥାପି କିଭଳି ଏହା ଶୀଘ୍ର ଶେଷ କରାଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ସହ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ। ବୌଦ୍ଧର ପୂର୍ତ୍ତ ବିଭାଗ ଏସ୍‌ଡିଓ ନିରଞ୍ଜନ ଧଳ କୁହନ୍ତି, ବର୍ଷା, କରୋନା ଓ ବିଭିନ୍ନ ସମସ୍ୟା ପାଇଁ କାମ ବିଳମ୍ବ ହୋଇଛି। ଡିସେମ୍ବର ୨୦୧୯ ମଧ୍ୟରେ କାମ ସାରିବା ପାଇଁ ଚୁକ୍ତି ହୋଇଥିଲା। ବିଳମ୍ବ ହେବା ଯୋଗୁ ଠିକା ସଂସ୍ଥା ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ସମୟ ନେଇଛି। ସେତୁ ନିର୍ମାଣ ପାଇଁ ଅର୍ଥର ଅଭାବ ନାହିଁ। କିଭଳି ଶୀଘ୍ର କାମ ସରିବ ସେ ନେଇ ବିଭାଗ ଓ ଠିକାସଂସ୍ଥା ପକ୍ଷରୁ ଉଦ୍ୟମ କରାଯିବ।

### ସ୍ୱପ୍ନ ସାକାର ହୋଇପାରୁନି



ଧଳପୁର ସେତୁ ନିର୍ମାଣ ନେଇ ଆଠମଲ୍ଲିକବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ରହିଥିଲା। ମୁଖ୍ୟମନ୍ତ୍ରୀ ଏହାର ଶୁଭ ଦେବା ପରେ ସମସ୍ତଙ୍କ ମନରେ ଖୁସି ଖେଳିଯାଇଥିଲା। କିନ୍ତୁ ନିର୍ମାଣରେ ବହୁ ବିଳମ୍ବ ଯୋଗୁ ସେହି ସ୍ୱପ୍ନ ସାକାର ହୋଇପାରୁ ନାହିଁ।

-ସୁଧାଂଶୁ ଶେଖର ବେହେରା, ଆଇନଜୀବୀ, ଆଠମଲ୍ଲିକ

### ବ୍ୟବସାୟ ବଢ଼ିପାରିବ



ବ୍ରିଜ୍ ନିର୍ମାଣ ହେଲେ ଦୁଇ ଜିଲା ମଧ୍ୟରେ ବ୍ୟବସାୟିକ କାରବାର ବଢିବ। ପଡୋଶୀ ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ଆଣି ଆଠମଲ୍ଲିକରେ ବିକ୍ରି କରାଯାଇ ପାରିବ। ତେଣୁ ଶୀଘ୍ର ସେତୁ ନିର୍ମାଣ ଶେଷ ହେବା ଆବଶ୍ୟକ।

-ଘନଶ୍ୟାମ ମହାପାତ୍ର, ବ୍ୟବସାୟୀ, ଆଠମଲ୍ଲିକ

### ସରକାର ଗୁରୁତ୍ୱ ଦିଅନ୍ତୁ



ଲୋକଙ୍କ ଦାବି ପରେ ସରକାର ଧଳପୁର ସେତୁ ନିର୍ମାଣ କରୁଛନ୍ତି। ହେଲେ ବିଳମ୍ବ ଯୋଗୁ ଅସନ୍ତୋଷ ଦେଖାଦେଇଛି। ୫ ବର୍ଷ ପରେ ବି ସେତୁ କାମ ସରିଲାନି। ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

-ଇଂ. ରମେଶ ଚନ୍ଦ୍ର ଦାସ, ଆଠମଲ୍ଲିକ

### ଶିକ୍ଷାର ବିକାଶ ହୋଇପାରିବ



ବିଭାଗୀୟ ଅଧିକାରୀ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି। ଏହା ସମ୍ପୂର୍ଣ୍ଣ ହେଲେ ଆଠମଲ୍ଲିକ ଉପଖଣ୍ଡରେ ଶିକ୍ଷାର ବିକାଶ ହୋଇପାରିବ। ସ୍ୱଳ୍ପ ସମୟ ଓ ସ୍ୱଳ୍ପ ବ୍ୟୟରେ ଏହା ସମ୍ପାଦନ ହୋଇପାରିବ।

-ବିଚିତ୍ରାନନ୍ଦ ସାହୁ, ଶିକ୍ଷାବିତ୍, ବଇଣ୍ଡା

### ପର୍ଯ୍ୟଟନ ପୁଞ୍ଜି ବଢ଼ିବ



ଅନୁଗୋଳ ଜିଲାର ଆଠମଲ୍ଲିକରେ ଦେଉଳଝରୀ, ବିନିକେଇ, ମାନଜୋର ଡ୍ୟାମ୍, ବେଲପୁଞ୍ଜି ଭଳି ପର୍ଯ୍ୟଟନ ସ୍ଥାନ ରହିଛି। ଧଳପୁର ସେତୁ ନିର୍ମାଣ ହେଲେ ଆଠମଲ୍ଲିକ ପର୍ଯ୍ୟଟନର ବିକାଶ ହେବ। ଦକ୍ଷିଣ ଓଡ଼ିଶାରୁ ଅଧିକ ପର୍ଯ୍ୟଟକ ଆସିପାରିବେ।

-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ, ଡେବେରାପାଲି

## ଆଜି ଗଣପର୍ବ ...



ସମଲେଇ ମନ୍ଦିର ପରିସରରେ ଥିବା ଶୀତଳାଦେବୀଙ୍କୁ ଶନିବାର ସିନ୍ଦୂର ଲାଗି କରାଯାଉଛି।

ସୁନ୍ଦରଗଡ ଜିଲାର ଶିଖରବାସିନୀ ଓ ସମଲେଇ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀ ଓ ବୌଦ୍ଧ ଜିଲାର ଭୈରବୀଙ୍କ ପୀଠରେ ନୂଆଁଖାଇ ସକାଶେ ପ୍ରସ୍ତୁତି ତୁଙ୍ଗାନ୍ତ ହୋଇଛି। ନୂଆଁଖାଇ ଲାଗି ଗାଁ ଦାଣ୍ଡ ଉତ୍ସବ ମୁଖରିତ ହୋଇଛି । ନୂଆଁଖାଇ ସ୍ୱତନ୍ତ୍ର ହାଟରେ କିଣାବିକା ମଧ୍ୟ ସରିଛି। ଇଷ୍ଟଦେବୀ ସମଲେଇଙ୍କ ପୀଠରେ ଶନିବାର ସିନ୍ଦୂର ନୀତି ସଂପନ୍ନ ହୋଇଛି । ରୀତିନୀତି ଓ ପରମ୍ପରାରେ ୧୧୫ ଦେବୀଦେବା ଓ ଦେବୀ ସମଲେଇଙ୍କଠାରେ ସିନ୍ଦୂର ନୀତି କରାଯାଇଛି। ପାରଦ ମିଶ୍ରିତ ଜଡାତେଲ ଓ ସିନ୍ଦୂରକୁ ମିଶ୍ରଣ କରି ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସିନ୍ଦୂର ପ୍ରସ୍ତୁତ କରିଥିଲେ। ସର୍ବପ୍ରଥମେ ଶୀତଳାଦେବୀଙ୍କୁ ସିନ୍ଦୂର ଲାଗି କରାଯାଇଥିଲା। ଘଣ୍ଟ, ଶଙ୍ଖ ସହ ପୂଜକ ଗୌରାଙ୍ଗ ରାୟ, ବିଭୂତି ରାୟ, ପଙ୍କଜ ରାୟ, ଆଲୋକ ଦେବ, ରାଜୁ ସିଂ, ସଚିନ ରାୟ ସିନ୍ଦୂର ଲାଗି ନୀତିରେ ସାମିଲ ଥିଲେ। ଅନ୍ୟପକ୍ଷେ ଇଷ୍ଟଦେବୀ ସମଲେଇଙ୍କ ପ୍ରିୟ ସାରୁ ଶାଗ ଲାଗି ଗୋଧୂଳି ଲଗ୍ନରେ ମୁଖ୍ୟପୂଜକଙ୍କ ଘରେ ସାରୁ ପତ୍ର ପହଞ୍ଚିଛି ।

## ପ୍ରଥମ ପୃଷ୍ଠାରୁ...

### ୧୬ ପଇସା ବଢିଲା ...

ପରିବର୍ତ୍ତନ ଆସିନାହିଁ। ମେଟ୍ରୋ ସହରଗୁଡିକ କଥା ବିଚାରକୁ ନେଲେ ପେଟ୍ରୋଲ ୧୪ରୁ ୧୬ ପଇସା ବଢିଛି। ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୧୬ ପଇସା ବଢି ୮୧.୩୫ ଟଙ୍କା ଛୁଇଁଛି। ଏଠାରେ ଡିଜେଲ ଲିଟର ପିଛା ୭୩.୫୬ ଟଙ୍କା ଦେବାକୁ ପଡୁଛି। ସେହିଭଳି ଚେନ୍ନାଇରେ ପେଟ୍ରୋଲ ଦର ୧୫ ପଇସା ବଢି ୮୪.୪୦ ଟଙ୍କା, କୋଲକାତାରେ ୧୫ ପଇସା ବୃଦ୍ଧି ପାଇ ୮୨.୮୭ ଟଙ୍କା ଏବଂ ମୁମ୍ବାଇରେ ୧୫ ପଇସା ଉଚ୍ଚରେ ରହି ୮୮.୦୨ ଟଙ୍କା ଛୁଇଁଛି। ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ- ୭୮.୮୬ ଟଙ୍କା, ୭୭.୦୬ ଟଙ୍କା ଏବଂ ୮୦.୧୧ ଟଙ୍କା ରହିଛି। ଜୁନ ୨୯ ପରଠାରୁ ପେଟ୍ରୋଲ ଦରରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ହେଲେ ଅଗଷ୍ଟ ୧୬ ପରଠାରୁ ଦରରେ ପୁଣି ପରିବର୍ତ୍ତନ ହେଉଛି। ଏହି ସମୟରେ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ବର୍ତ୍ତମାନ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଭିନ୍ନ ଭିନ୍ନ ରହୁଥିବା ନଜରକୁ ଆସିଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ବିଦେଶୀ ବିନିମୟକୁ ନଜରରେ ରଖି ଦର ନିର୍ଦ୍ଧାରଣ ହେଉଥିବାରୁ ତେଲର ରିଟେଲ ଦରରେ ଭିନ୍ନତା ପରିଲକ୍ଷିତ ହେଉଛି। ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀଗୁଡିକ ତେଲ ଦରରେ ପରିବର୍ତ୍ତନକୁ ପ୍ରତିଦିନ ସକାଳ ୬ଟାରେ ଲାଗୁ କରୁଛନ୍ତି।

### ୨୪ରୁ ବଡ଼ ...

୫୫ କି.ମି. ବେଗରେ ପବନ ବହିପାରେ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ଓ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲାର ତେଲକୋଇରେ ୧୨ ସେଣ୍ଟିମିଟର ବର୍ଷା ହୋଇଥିବାବେଳେ ଅନୁଗୋଳର ପାଲଲହଡ଼ାରେ ୫, କୋରାପୁଟର ଲମତାପୁଟରେ ୫, ସୁନ୍ଦରଗଡ଼ର ଟେନ୍‌ସାରେ ୫, ମାଲକାନଗିରିରେ ୪, ଦେବଗଡ଼ର ରିଆମାଳରେ ୩, ବାରକୋଟରେ ୩, ସୁନ୍ଦରଗଡ଼ର ବାଲିଶଙ୍କରାରେ ୨ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

### ଆନ୍ତଃରାଜ୍ୟ ପରିବହନ ...

ମେ' ଆରମ୍ଭରୁ କଟକଣା କୋହଳ କରାଯାଇ ରାଜ୍ୟ ଭିତରେ ଯାତାୟାତ ଓ ମାଲ୍ ପରିବହନକୁ ଅନୁମତି ଦିଆଯାଇଥିଲା। ଜୁଲାଇରେ ଅନ୍‌ଲକ୍ ୩ ଗାଇଡ୍‌ଲାଇନ ଘୋଷଣା ସହ ଆନ୍ତଃରାଜ୍ୟ ଏବଂ ରାଜ୍ୟ ଭିତରେ ଗମନାଗମନ ଓ ମାଲ୍ ପରିବହନ ଉପରୁ କଟକଣା ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିଲା । ଏଥିପାଇଁ ଅଲଗା ଅନୁମତି କିମ୍ବା ଇ-ପର୍ମିଟ୍‌ର ଆବଶ୍ୟକତା ନାହିଁ ବୋଲି କୁହାଯାଇଥିଲା।

### ଆଜିର ମନ୍ତବ୍ୟ

ବିହାରରେ ସହଯୋଗୀ ଦଳଙ୍କ ସହ ଆସନ ବୁଝାମଣା ନେଇ ଭାଜପା ଖୁବ୍‌ଶୀଘ୍ର ଆଲୋଚନା କରିବ।

-ଜେ.ପି. ନଡ୍ଡା, ଭାଜପା ଅଧ୍ୟକ୍ଷ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ମଘା ନକ୍ଷତ୍ରସ୍ଥ ରବିଙ୍କ ଯୋଗୁ ସକାଳୁ ସକାଳୁ କୌଣସି ଖବର ପାଇ ବିସ୍ମୟାଭିଭୂତ ହୋଇପାରନ୍ତି। ପ୍ରତ୍ୟେକ ଦିଗରୁ ବିଭିନ୍ନ ପ୍ରକାରର ନାସ୍ତିସୂଚକ କଥା ଶୁଣି ମାନସିକ ସ୍ଥିତି ଭଲ ରହିବ ନାହିଁ। ସମ୍ପର୍କୀୟ ବନ୍ଧୁମାନଙ୍କ ସାହାଯ୍ୟ ମିଳିଲେ ମଧ୍ୟ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** - ଚନ୍ଦ୍ରଙ୍କ ପ୍ରଭାବରେ ପଡୋଶୀଙ୍କ ପରାମର୍ଶାନୁସାରେ କାମ କରି ଉପକୃତ ହେବେ। ଆଜିର ବନ୍ଧୁମିଳନରେ ଆପଣଙ୍କୁ ଅର୍ଥ ଓ ସମ୍ମାନ ମିଳିବ। କିନ୍ତୁ ସଭାସମିତିରେ ଆଲୋଚନା କାଳରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହିବା ଭଲ ହେବ। ସାଂସ୍କୃତିକ କାର୍ଯ୍ୟ ଯଥାବିଧି ସମ୍ପନ୍ନ ସକାଶେ ତତ୍ପରତା ବଢିପାରେ ।

**ମିଥୁନ** - ରବି ଓ ବୁଧ ଉଭୟେ ମଘା ନକ୍ଷତ୍ରରେ ରହିଥିବାରୁ ନିଜର ଦୂରଭିସନ୍ଧି ପୂରଣ କରିବା ସକାଶେ ମିତ୍ରମାନେ ଆପଣଙ୍କର ପ୍ରଶଂସାଗାନ କରିପାରନ୍ତି। କଳା,ସାହିତ୍ୟ,ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କେତେକ କ୍ଷେତ୍ରରେ ସବୁ ଜାଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** - ପାପଯୁକ୍ତ ଶୁକ୍ର ଓ କେତୁ ନକ୍ଷତ୍ରସ୍ଥ ବୁଧଙ୍କ ଯୋଗୁଁ ଆପଣ ପୁରୁଣା କଥାକୁ ବାରମ୍ବାର ଦୋହରାଇବା ଠିକ୍ ହେବନି। କର୍ମକ୍ଷେତ୍ରରେ ଅତୀତ ଘଟଣାର ସମୀକ୍ଷା କରି ବ୍ୟସ୍ତତା ବୃଦ୍ଧି ପାଇବ । ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** - ଆପଣ ସ୍ୱାଭିମାନୀ ଓ ସହଜରେ ମୁଣ୍ଡନୁଆଁଇବା ବ୍ୟକ୍ତି ନ ହୋଇଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ପରିବାରର ଆତ୍ମୀୟମାନଙ୍କ ବେଖାତିର ମନୋଭାବରୁ ବ୍ୟଥିତ ହୋଇପାରନ୍ତି। ଅର୍ଥ ସଙ୍କଟଜନିତ ସମସ୍ୟା ବନ୍ଧୁଙ୍କ ମାଧ୍ୟମରେ ସମାଧାନ ହୋଇଯିବ।

**କନ୍ୟା** - ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ତ୍ୟାଗ ଓ ପରୋପକାର ପ୍ରବୃତ୍ତି ଆଧାରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। କିନ୍ତୁ କର୍ମକ୍ଷେତ୍ରରେ ଭଲ କଲେ ମଧ୍ୟ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା ହେତୁ ପରିସ୍ଥିତି ଗମ୍ଭୀର ରହିବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**ତୁଳା** - କର୍ମାଧିପ ଦ୍ୱାଦଶସ୍ଥ ଓ ଶତ୍ରୁକ୍ଷେତ୍ରସ୍ଥ ହେତୁ ସମସ୍ୟା ମଧ୍ୟରେ କାର୍ଯ୍ୟ ହାସଲ କରିବେ। ରାଜନୈତିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା** - ସପ୍ତମାଧିପତି ଅଷ୍ଟମସ୍ଥ ହେତୁ ଯାତ୍ରାରେ ବିଘ୍ନ,ପରିବାରରେ ଅଶାନ୍ତି,ବ୍ୟବସାୟରେ କ୍ଷତି ଯୋଗୁଁ ମନସ୍ତାପ କରିବେ। ଆଜି ଜଣେ ସାଧାରଣ ବ୍ୟକ୍ତିଙ୍କ ଅଭିଯୋଗ ଅସାଧାରଣ ପରିସ୍ଥିତି ସୃଷ୍ଟି କରିପାରେ। ଛୋଟବଡ କେତେକ ସମସ୍ୟାର ସମାଧାନର ଚିନ୍ତା କରି ମନ ବିଭ୍ରାନ୍ତ ରହିବ।

**ଧନୁ** - ଭାଗ୍ୟସ୍ଥାନରେ ରବି ଓ ବୁଧଙ୍କ ସ୍ଥିତି ଜନିତ ଆଜିର ପ୍ରତ୍ୟୁଷ ଯାତ୍ରା ବେଶ୍ ପ୍ରୀତିପ୍ରଦ ରହିବ। ଉତ୍ତରାଷାଢା ନକ୍ଷତ୍ରର ମାନସିକ ଅସୁସ୍ଥତା କାରଣରୁ କୌଣସି କାମ ସକାଶେ ଉତ୍ସାହିତ ହୋଇପାରିବେ ନାହିଁ। କାର୍ଯ୍ୟ ହାସଲ ସକାଶେ ମଧ୍ୟ ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ସରକାରୀ ସ୍ତରରୁ ଅଭିଯୋଗ ଆସିପାରେ।

**ମକର** - ତିନୋଟିଗ୍ରହ ସ୍ୱଗୃହୀ ହେତୁ ଅନ୍ୟମାନଙ୍କ ସଠିକ୍ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** - ଶାରୀରିକ ସୁସ୍ଥତା ରହିଥିଲେ ମଧ୍ୟ ମାନସିକ ସ୍ଥିତି ତାହାର ଓଲଟା ରହିବ। ଫଳତଃ ଆପଣଙ୍କର ଭୁଲ୍ ନିଷ୍ପତ୍ତି ପ୍ରତ୍ୟେକ କ୍ଷେତ୍ରରେ ଭଲ ବଦଳରେ ସମସ୍ୟାର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ। ସୁବିଧା ହାସଲକୁ ନେଇ ଅସୁବିଧାରେ ପକାଇପାରନ୍ତି।

**ମୀନ** - କେତୁଯୁକ୍ତ ବକ୍ରୀ ବୃହସ୍ପତିଙ୍କ କାରଣରୁ କର୍ମକ୍ଷେତ୍ରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। କୌଣସି କ୍ଷେତ୍ରରେ ଆଜି ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଦୂରଯାତ୍ରାରେ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି ଭାଦ୍ରବ ଶୁକ୍ଳପକ୍ଷର ଋଷିପଞ୍ଚମୀ ରବିବାର,ଶ୍ରୀମନ୍ଦିରରେ ଦାହଲୀଳା,ପଶ୍ଚିମ ଓଡିଶାରେ ନୁଆଁଖାଇ ପର୍ବ, ଖୁଦୁରୁକୁଣୀ ଓଷା ତୃତୀୟପାଳି,ଅଗଷ୍ଟ ୨୩ ତାରିଖ, ବିଶ୍ୱ ପାକଶାଳା ଉଦ୍ୟାନ ଦିବସ,(ଅଗଷ୍ଟ ଚତୁର୍ଥ ରବିବାର),ରାଶିନକ୍ଷତ୍ର- ଚିତ୍ରା/ତୁଳା,ମେଷ ରାଶିର ଘାତବାର,ପଞ୍ଚମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ,ସକାଳ ଘ.୦୬.୨୩ମି. ଗତେ ଘ.୦୯.୪୪ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୩୭ମି. ଗତେ ଘ.୦୯.୦୮ମି. ମଧ୍ୟେ ଅମୃତ ବେଳା। ପ୍ରାତଃ ଘ.୦୫.୩୩ମି. ଗତେ ଘ.୦୬.୨୩ମି.ମଧ୍ୟେ, ଘ.୦୧.୦୫ମି. ଗତେ ଘ. ୦୧.୫୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୧ମି. ଗତେ ଘ.୦୭.୩୭ମି.ମଧ୍ୟେ, ରାତ୍ରି ଘ.୧୨.୧୨ମି.ଗତେ ଘ.୦୩.୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୪.୩୧ମି.ଗତେ ଘ.୦୬.୦୫ମି.ମଧ୍ୟେ ରାହୁକାଳ।


## classifieds Everyday

0674-2580101, 2549302




### BRIDE WANTED

ସବୁ ଜାତିର ଭଲଭଲ professionରେ ଥିବା ବରପାତ୍ର ପାଇଁ ସବୁ ଜାତିର suitable କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68254

Groom: Karan, 49, handsome, 5'6", Scientist requires working/ homely bride. 9853213393, 9692933682. D-69903

### GROOM WANTED

Brahmin groom wanted suitable brahmin groom of 33-34 yrs. Govt. School/ College Teacher, Engineer, Bank Officer, Govt. job-holder wanted for a brahmin M.A, B.Ed. bride of 29, fair, good looking, ht. 5ft 5 inches. Ph no: 9933601677, 8250378568. D-17981

ବିଧବା 46ବର୍ଷର ମହିଳା/ Govt. Collegeରେ Lecturer ଅଛନ୍ତି/ ଉପଯୁକ୍ତ ବୟସର ପାରିବାରିକ କିମ୍ବା ଛୁଆପିଲା ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7377689793. D-68831

34ବୟସ୍କା Bank ଚାକିରିଆ ଖଣ୍ଡାୟତ divorcee ଝିଅଙ୍କୁ Married, Unmarried ଘରଜ୍ୱାଇଁ ଦରକାର। 7381460017. D-67950

ଖଣ୍ଡାୟତ, ୩୩ବର୍ଷ, ଛାଡ଼ପତ୍ର ପ୍ରାପ୍ତ କନ୍ୟା ପାଇଁ ବର ଆବଶ୍ୟକ। 8455078181. D-69905

automobile

### SALE

Renault Duster RXZ 110ps M/F-2019, k/m. run-12000 in Showroom condition. For detail please call: 9777752210, 9040087500. D-18001

real estate

### SALE

**Earthquake proof 2BHK flat in Apartment of Avantika near Gokul Residency of Rasulgarh GGP Pandra road for immediate sale. Contact: 9938095118, 8763935874 during office hour.** D-69904

Contact for complete Simplex/ Duplex/ Triplex/ Apartment Construction and Interior Design of Ceiling, TV unit, Wardrobe and Modular Kitchen from the experts. MPlanets: 7008550473. D-18007

ପୁରୀ ଶ୍ରୀମନ୍ଦିର ପାଖରୁ **3**କିଲୋମିଟର ଦୂର ଚାରିନଳା ମେନ୍‌ରୋଡ୍ ପାଖରେ **3**ଡିସିମିଲ ଜାଗା ଉପରେ ଦୁଇମହଲା ଘର ବିକ୍ରୟ ହେବ। ବ୍ୟାଙ୍କଲୋନ୍ ସୁବିଧା ଅଛି। ଯୋଗାଯୋଗ: **9438109040, 8144658008.** D-17985

2BHK/ 1BHK new resale flat on Cuttack-Bhubaneswar highway side. Contact: 9090196181, 9438121068. D-69724

**Plot sale near AIIMS Hospital, Bhubaneswar with 30' road. 9439206202.** D-69143

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/. 9938016295. D-69145

ପୁରୀ ହରେକୃଷ୍ଣପୁର ଛକରୁ ମଙ୍ଗଳାଘାଟ ଛକ ମଝିରେ ବାଇପାସ୍ ରୋଡ୍‌କୁ ଲାଗି ପାଚେରି ହୋଇଥିବା ବ୍ୟବସାୟ ଉପଯୋଗୀ **1.5**ଏକର ପ୍ଲଟ୍ ବିକ୍ରୟ ହେବ। ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। **9438109040, 8144658008.** D-17982

**Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081.** D-69142

3' boundary developed gharabari plot near Synergy College, Phulnakhara. 9937166932. D-69327

ଭୁବନେଶ୍ୱର, ମଞ୍ଚେଶ୍ୱର, ହଂସପାଳ, ପାହାଳ, କେଶୁରାରେ ଘର କଲାଭଳି ଘରବାରି **boundary plot** ମିଳୁଅଛି। **8249728525, 9090142564.** D-69146

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ **NH16**କୁ ଲାଗି **30ft mainroad** ଓ **25ft subroad** ଥାଇ **BDA** ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ **Electricity,** ପାଚେରିସହ ମିଳୁଅଛି। **9090963952.** D-69141




to-let

2BHK, Ground floor, Family accommodation, Sarbodaya Nagar, Talabania, Puri, Rent. 5,000/- 7008598255. D-69426

250sqft. furnished room for Office, near BDA Kesharitalkies, Plot-5 Bhubaneswar. Contact: 9238579309. D-69330

Commercial Office space for rent at N4/345, IRC Village, near ID Market, Bhubaneswar (1100, 2200 & 4400sqft.) Price Rs.40/- per sqft. Facilities-24hrs DG Power, Security Guard, Lift, Parking, CCTV. Contact: 7381087905, 7381087906. D-69725

healthcare

Get refreshment body massage by expert therapist contact for. 9556978408. D-69722

business

୧୨୫୦ ଟଙ୍କାରେ ୧ବର୍ଷ ପାଇଁ ମୋବାଇଲ୍ ରିଚାର୍ଜ କରି ପ୍ରତିଦିନ ୨୨୫୦ income ଚାହୁଁଥିଲେ। 9439493164. D-69147

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ପାହାଡ଼ିଚିତା ଏରିଆ କମାଣ୍ଡର ସିମନ ନିହତ

ସବ୍‌ଡେଗା, ୨୨।୮ (ଡି.ଏନ.ଏ.)

ଓଡ଼ିଶା ସୀମା ଝାଡ଼ଖଣ୍ଡ ରାଜ୍ୟର ସିମ୍‌ଡେଗା ଥାନା ଅଧୀନ ଢିପାଟୋଲାରେ ଶୁକ୍ରବାର ଅପରାହ୍ନ ୪ଟାରେ ପାହାଡିଚିତା ଗ୍ୟାଙ୍ଗ୍‌ର ଏରିଆ କମାଣ୍ଡର ତଥା ଦୁର୍ଦ୍ଧାନ୍ତ ଅପରାଧୀ ସିମନ କେର୍କେଟାଙ୍କ ପୋଲିସ ଗୁଳିରେ ନିହତ ହୋଇଛନ୍ତି । ସିମନଙ୍କ ଘର ସୁନ୍ଦରଗଡ ଜିଲା ତଲସରା ଥାନା ଅଧୀନ ବରହାଡେମା ଗ୍ରାମରେ। ତାଙ୍କ ସହ ଥିବା ଗ୍ୟାଙ୍ଗର ଅନ୍ୟ ଜଣେ ସଦସ୍ୟ କିଶୋର ଖାଲକୋ ଗୁରୁତର ଆହତ ହୋଇ ସିମ୍‌ଡେଗା ସର୍ଦ୍ଦାର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଘର ଛତିଶଗଡ ରାଜ୍ୟର ଦୁଲଦୁଲା ଗାଁରେ। ସେମାନଙ୍କଠାରୁ ୩ଟି ପିସ୍ତଲ, ୩୦ଟି ଗୁଳି, ଗୋଟିଏ ଦେଶୀ ବନ୍ଧୁକ, ୪ଟି ମୋବାଇଲ, ଟଙ୍କା ଓ ଗୋଟିଏ ବାଇକ୍ ଜବତ ହୋଇଛି।

ସିମଡେଗା ପୋଲିସର ସୂଚନା ଅନୁସାରେ ବୋଲବା ଥାନା ଅଞ୍ଚଳର ଏକ ପୋଲ ନିର୍ମାଣ କରୁଥିବା ଠିକାଦାର ରୋହିତ ସିଂଙ୍କୁ ଏହି ଗ୍ୟାଙ୍ଗ କିଛି ଦିନ ତଳେ ୫ ଲକ୍ଷ ଟଙ୍କା ମାଗିଥିଲେ। ତୁରନ୍ତ ଟଙ୍କା ନ ଦେଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଠିକାଦାର ଜଣକ ଟଙ୍କା ଦେବାକୁ ରାଜି ହୋଇ ସମୟ ମାଗିଥିଲେ। ହେଲେ ସାହସ କରି ସିମଡେଗା ପୋଲିସକୁ ଜଣାଇଥିଲେ। ପୋଲିସ ସେହି ଅନୁସାରେ ସେମାନଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ଢିପାଟୋଲାକୁ ସେମାନେ ଟଙ୍କା ନେବାକୁ ବାଇକ୍‌ରେ ଆସିଥିଲେ। ହେଲେ ଛକି ରହିଥିବା ପୋଲିସ ଉପରେ ନଜର ପଡ଼ିଯିବାରୁ ସିମନ ଗୁଳି ଚଳାଇଥିଲେ ।

## ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର

ଏଣୁ ବାଧ ହୋଇ ପୋଲିସ ପାଲଟା ଗୁଳି ଚଳାଇଥିଲା। ଫଳରେ ସିମନ ଓ କିଶୋର ବାଇକରୁ ଟଳି ପଡ଼ିଥିଲେ। ସେମାନଙ୍କୁ ସିମଡେଗା ଡାକ୍ତରଖାନା ନେବା ବାଟରେ ସିମନଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଅନ୍ୟପକ୍ଷେ ସିମନ ସୁନ୍ଦରଗଡ଼ ଜିଲା ତଲସରା ଥାନା ଅଞ୍ଚଳର ଅନେକ ହତ୍ୟା ମାମଲାରେ ଜଡିତ। ୧୦ ବର୍ଷ ତଳେ ସେ ବାରହାଡେଗା ଓ ଟାଙ୍ଗରଗାଁରେ ୩ ଜଣଙ୍କୁ ଗାଁ ଦାଣ୍ଡରେ ଅତି ନୃଶଂସ ଭାବେ ହତ୍ୟା କରିଥିଲେ। ସେହିଭଳି ବରାହାଡେଗାର ୱାର୍ଡ ସଭ୍ୟ ଗୋରସନା ବାରାଙ୍କୁ ହତ୍ୟା କରିଥିଲେ ବୋଲି ପୋଲିସ କହିଛି।

# ୨୭ରେ ମାଣିକେଶ୍ୱରୀଙ୍କ ନୂଆଁଖାଇ

ଭବାନୀପାଟଣା, ୨୨।୮ (ଡି.ଏନ୍.ଏ.)

ଆସନ୍ତା ୨୭ ତାରିଖ ଗୁରୁବାର ଭାଦ୍ରବ ମାସ ଶୁକ୍ଳପକ୍ଷ ନବମୀ ଯୁକ୍ତ ଦଶମୀ ତିଥିରେ ସକାଳ ୯ଟା ୪୦ରୁ ୯ଟା ୫୫ମିନିଟ ମଧ୍ୟରେ ମାଣିକେଶ୍ୱରୀଙ୍କୁ ନବାନ୍ନ ଭୋଗ ଅର୍ପଣ ନିମନ୍ତେ ଲଗ୍ନ ସ୍ଥିର ହୋଇଥିବା ମନ୍ଦିରର ପୂଜକ ବିଶିକେଶନ ତ୍ରିପାଠୀ ସୂଚନା ଦେଇଛନ୍ତି। ମାଣିକେଶ୍ୱରୀଙ୍କୁ ନବାନ୍ନ ଲାଗି ପରେ ସେଦିନ ସକାଳ ୧୦ଟାରୁ ୧୨ଟା ୩୮ ମଧ୍ୟରେ ସର୍ବସାଧାରଣଙ୍କ ନିମନ୍ତେ ନବାନ୍ନ ଭକ୍ଷଣ ପାଇଁ ଶୁଭଲଗ୍ନ ରହିଛି।

# ଫେସ୍‌ବୁକ୍ ଲାଇଭ୍‌ରେ ସମଲେଇଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ

ସମ୍ବଲପୁର, ୨୨।୮ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ନୂଆ ଖାଇବା ପରେ ବିଭନ୍ନ ଦେବୀଦେବଙ୍କୁ ଲୋକେ ଦର୍ଶନ କରିଥାନ୍ତି। ସେହିପରି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଦର୍ଶନ ଶ୍ରଦ୍ଧାଳୁ କରିଥାନ୍ତି । ହେଲେ କରୋନା କଟକଣା ଯୋଗୁ ଚଳିତ ବର୍ଷ ସାଧାରଣ ଦର୍ଶନ ଉପରେ ରୋକ୍ ଲଗାଯାଇଛି। ହେଲେ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନୂଆଁଖାଇ ଦିନ ଫେସବୁକ୍ ଲାଇଭ ଜରିଆରେ ଭକ୍ତମାନେ ଅନ୍‌ଲାଇନ ଦର୍ଶନ କରିବାର ସୁବିଧା କରାଯାଇଛି ବୋଲି ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ କହିଛନ୍ତି । ସେ କହିଛନ୍ତି, ଚଳିତ ବର୍ଷ ଭକ୍ତମାନେ ଫେସ୍‌ବୁକ୍ ଲାଇଭରେ ଦର୍ଶନ କରି ପାରିବେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପେଜ୍ କିମ୍ବା କୋଡ୍‌କୁ ଯାଇ କେବଳ ରାଜ୍ୟ ନୁହେଁ, ଦେଶବିଦେଶର ଭକ୍ତ ମଧ୍ୟ ସମଲେଶ୍ୱରୀଙ୍କ ଦର୍ଶନ କରି ପାରିବେ। ତେବେ ମା'ଙ୍କ ଗୁପ୍ତ ପୂଜାକୁ ଲାଇଭ ଦର୍ଶନରୁ ବାଦ୍ ଦିଆଯିବ । ମା'ଙ୍କ ପୂଜା, ଆଳତି, ୧୧୫ ପାର୍ଶ୍ୱ ଦେବୀଦେବଙ୍କ ପୂଜା ଆଦି ନୂଆଁଖାଇ ଦିନ ସବୁ ଲାଇଭରେ ଉପଲବ୍ଧ ହେବ। ପୂର୍ବାହ୍ନ ୯ଟା ୧୫ରୁ ଲାଇଭ୍ ଆରମ୍ଭ ହେବ। ସମଲେଶ୍ୱରୀ ମନ୍ଦିର ପରିସରରେ ନୂଆଁଖାଇ ଦିନ କୌଣସି ଭକ୍ତଙ୍କଠାରୁ ପୂଜା ଭୋଗ ନିଆଯିବ ନାହିଁ । ତେଣୁ ଘରେ ଥାଇ ସମସ୍ତେ ମାଁଙ୍କ ଦର୍ଶନ କରନ୍ତୁ ବୋଲି ସଭାପତି ବାବୁ ଅନୁରୋଧ କରିଛନ୍ତି।



























# ଉତ୍ତର ମିଳିଯିବ

ଆକାର ପଟେଲ

ଜଣେ କଳାକାରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ୫ଟି ଟିମ୍ ନିଯୁକ୍ତ କରିଛି। ମୁଁ ଜାଣିନାହିଁ ସିବିଆଇ କାହିଁକି ଏହା ଉପରେ ତଦନ୍ତ କରୁଛି, ମୁଁ ବି ବୁଝିପାରୁ ନାହିଁ କାହିଁକି ଏହି ଘଟଣାରେ ଲୋକମାନେ ଏତେ ଆଗ୍ରହ ପ୍ରକାଶ କରୁଛନ୍ତି। । ବିହାର ନିର୍ବାଚନକୁ ଭିତ୍ତିକରି କିଛି ରାଜନୈତିକ ସମ୍ପର୍କ ଥିବା ଯୋଗୁ ଏହା କରାଯାଉଛି ବୋଲି ମୋତେ କୁହାଯାଉଛି। ଯଦି ତାହା ହୁଏ, ତେବେ ଏହା କ'ଣ ପାଇଁ କରାଯାଉଛି ତାହା ବି ମୁଁ ବୁଝିପାରୁନାହିଁ। ଚାଣକ୍ୟ ଓ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରୁ ଭାରତରେ ବିହାର ଏକ ପୁରୁଣା ରାଜନୈତିକ କ୍ଷେତ୍ର ଭାବେ ରହିଆସିଛି। ଏଭଳି ଘଟଣାକୁ ବିଶ୍ୱାସକୁ ନେଇ ବିହାରୀମାନେ କ'ଣ ଏତେ ସହଜରେ ଭୋଟ ଦେବାକୁ ଚାହୁଁଛନ୍ତି ? ସମ୍ଭବତଃ ସେମାନେ ଏଭଳି ମାନସିକତାରେ ଅଛନ୍ତି ଏବଂ ଯଦି ବି ଏହା ସତ ହୋଇଥାଏ ତେବେ ମୁଁ ନିରାଶ ହେବି। ବିଶ୍ୱରେ ବିହାର ଏକ ଦରିଦ୍ର ରାଜ୍ୟ। ବିହାରରେ ଦୁଇଟି ଦଳ ଯେଉଁମାନେ ପ୍ରତ୍ୟେକ ଏକ ଦଶନ୍ଧି ଧରି ଶାସନ କରିଆସିଛନ୍ତି। ବଲିଉଡର ଘଟଣାକୁ କେନ୍ଦ୍ର କରି ସେମାନଙ୍କୁ ଭୋଟ ଦେବେ କି ନାହିଁ ତାହା କ'ଣ ଭୋଟରମାନେ ସ୍ଥିର କରିବେ ? ଯଦି ହୁଏ, ତାହା ଏକ ଅଦ୍ଭୁତ ଘଟଣା ହେବ। ଏହି କାହାଣୀକୁ ଆଗକୁ ନେବା ପାଇଁ ଅନ୍ୟ ଦୁଇଟି ସମ୍ଭାବ୍ୟ କାରଣ ବି ସାମ୍ନାକୁ ଆସିଛି। ପ୍ରଥମରେ– ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ପୁଅଙ୍କୁ ଏଥିରେ ଟାର୍ଗେଟ କରାଯାଇଛି। ଦ୍ୱିତୀୟରେ–ସେହି ଏକାପ୍ରକାରେ ବଲିଉଡର ମୁସଲମାନ କଳାକାରଙ୍କୁ ଟାର୍ଗେଟ ବି କରାଯାଇଛି। ଆମ ସମୟରେ ଏହା ମୋତେ ଅଧିକ ଯଥାର୍ଥ ମନେହେଉଛି। କାରଣ ଏ ସରକାର ମୁସଲମାନଙ୍କ ଶତ୍ରୁ ହୋଇଯାଇଛି । କେବଳ ଉକ୍ତ ଘଟଣା ନୁହେଁ ସବୁଥିରେ ସେମାନଙ୍କୁ ଆକ୍ରମଣ କରିବାକୁ ମିଛର ଆଶ୍ରୟ ନେବ ବୋଲି ମନେହେଉଛି।

ଭୋଟରଙ୍କ ସ୍ୱାର୍ଥ କଥାକୁ ଫେରିବା। ଏହି ସପ୍ତାହରେ ମୋ ବନ୍ଧୁ ଶେଖର ଗୁପ୍ତା ଲେଖିଥିଲେ ଯେ, ଯଦି ପ୍ରଧାନମନ୍ତ୍ରୀ ତାଙ୍କ ନିଜର କ୍ଷତି ନ କରନ୍ତି ତେବେ ୨୦୨୪ରେ ପୁଣି କ୍ଷମତାକୁ ଫେରିବାର ସମ୍ଭାବନା ରହିଛି। ଗୁପ୍ତାଙ୍କ ଯୁକ୍ତିକୁ ମୁଁ ଯେତେଦୂର ବୁଝିଛି ତାହା ହେଉଛି ଭୋଟରଙ୍କୁ ଯେଉଁ କ୍ଷତି ବା ପୀଡା ପହଞ୍ଚାଯାଇଛି ତାହା ପ୍ରାସଙ୍ଗିକ ନୁହେଁ। କାରଣ ଅର୍ଥବ୍ୟବସ୍ଥା ଭୁଶୁଡିବା, ବେରୋଜଗାରୀ ସୀମା ଟପିବା, ଆମ ଜାଗାକୁ ଚାଇନା ଅକ୍ତିଆର କରିବା ଏବଂ କୋଭିଡ୍ ମାହାମାରୀକୁ ରୋକିବାରେ ଏହି ସରକାରଙ୍କ ଅକ୍ଷମତା ପ୍ରତି ଭୋଟର ଚିନ୍ତିତ ନୁହନ୍ତି। ଗୁପ୍ତା ଏହି ସିଦ୍ଧାନ୍ତରେ କେମିତି ପହଞ୍ଚିଲେ ତାହା ସମ୍ପୂର୍ଣ୍ଣ ବ୍ୟାଖ୍ୟା କରି ନ ଥିଲେ। କିନ୍ତୁ ଏତିକି କହିଥିଲେ ଯେ,ପୂର୍ବରୁ ଅନୁଧ୍ୟାନ କରିବାରେ ଭଲ ରେକର୍ଡ ଥିବା ଏକ ସର୍ଭେ ମୋଦିଙ୍କୁ ଜନପ୍ରିୟତାର ଶୀର୍ଷରେ ରହିଥିବା ଦର୍ଶାଇଥିଲା। ପୁନଶ୍ଚ ଏମିତି ହୋଇଥିବା ତ ମୁଁ ଜାଣିନି, କିନ୍ତୁ ଯଦି ବି ଏହା ହୋଇଥାଏ ତେବେ ଏହା ଖୁସିର କଥା ହୋଇପାରେ। ମୋଦିଙ୍କ ନିଜ ତଥ୍ୟ ଅନୁସାରେ ଜାନୁୟାରୀ ୨୦୧୮ରୁ ଲଗାତର ୯ଟି ତ୍ରୈମାସିକରେ ମୋଟ୍ ଘରୋଇ ଉତ୍ପାଦ( ଜିଡିପି) ହ୍ରାସ ପାଇ ଆସୁଛି। ପୁନଶ୍ଚ ସରକାରଙ୍କ ପ୍ରଦତ୍ତ ତଥ୍ୟ ମୁତାବକ ବେରୋଜଗାରୀ ସବୁଠୁ ଅଧିକ ହୋଇଛି ଯାହା କେବେ ବି ଭାରତରେ ରେକର୍ଡ କରାଯାଇନାହିଁ। ଅନ୍ୟପକ୍ଷରେ ଚାଇନା ଭାରତ ସୀମା ମଧ୍ୟକୁ ପ୍ରବେଶ କରି ଜମି ଦଖଲ କରି ନାହିଁ ବୋଲି ମୋଦି କହୁଥିବାବେଳେ ଏହାକୁ କିଏ ବିଶ୍ୱାସ କରିବ। ମୁଁ ଭାବୁଛି ଏହା ପ୍ରଧାନମନ୍ତ୍ରୀଙ୍କ ଭ୍ରମର ଏକ ସଙ୍କେତ। ସମ୍ପ୍ରତି ଚାଇନାକୁ ଆମ ମାଟିରୁ ପଛକୁ ହଟାଇବା ପାଇଁ ଚେଷ୍ଟା କରୁଛୁ ଏବଂ ସେମାନଙ୍କ ସହ ଆମ ସେନା ଅଧିକାରୀମାନେ ଅଧା ଡଜନ ବୈଠକ ବି କରିସାରିଲେଣି। ସମ୍ଭବତଃ ଏହି ସବୁ ବୈଠକ କରାଯିବାର କାରଣ ହେଉଛି ମୋଦି ଯାହା କହୁଛନ୍ତି ବା ବିଶ୍ୱାସ କରୁଛନ୍ତି ତାହା ସତ୍ୟ ନୁହେଁ। ଯଦି ସେମାନେ ଆମ ଜାଗା ଦଖଲ କରିନାହାନ୍ତି ତେବେ ସେମାନଙ୍କ ସହ ବୁଝାମଣା କରିବାର କୌଣସି କାରଣ ନାହିଁ।

କୋଭିଡ୍ ସମ୍ପର୍କରେ ତଥ୍ୟ ସ୍ପଷ୍ଟ । ମୋଟ୍ ସଂକ୍ରମଣରେ ଆମେ ବିଶ୍ୱରେ ତୃତୀୟ। ଦୈନିକ ସଂକ୍ରମଣରେ ଆମେ ନମ୍ବର ୱାନ୍ ଏବଂ ଶେଷରେ ସଂକ୍ରମିତଙ୍କ ସଂଖ୍ୟାରେ ଆମେ ବିଶ୍ୱରେ ସବୁଠୁ ବେଶି ରହିବାର ବି ସମ୍ଭାବନା ରହିଛି। ଗୋଟିଏ ସରକାର କିମ୍ବା ଜଣେ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏହା କେବେ ବି ସଫଳତା ନୁହେଁ। ଅନ୍ୟ ରାଷ୍ଟ୍ରରେ ଏହା ରାଜନୈତିକ ବିପର୍ଯ୍ୟୟର ସଙ୍କେତ ହୋଇପାରେ। ଏହା କ'ଣ ସେହି ଘଟଣା ଯାହା ଆମ ସମସ୍ତଙ୍କର କିମ୍ବା ଅଧିକାଂଶ ଭାରତୀୟଙ୍କର ବାସ୍ତବ ଜୀବନ ସହ ରାଜନୈତିକ ସମ୍ବନ୍ଧତାର ସମ୍ପର୍କ ନ ଥିବାକୁ ସୂଚାଉଛି ? ଫେସ୍‌ବୁକ ଲାଇକ୍ କିମ୍ବା ଟୁଇଟର ଫରୱାର୍ଡ କରିବା ଭଳି କ'ଣ ଆମ ଭୋଟ୍ ଦେବା ଧାରା ହୋଇପାରେ ? ଗୋଟିଏ ଦଳର ସଫଳତାରେ ନୁହେଁ ବରଂ ତା' ଛବିକୁ ନେଇ ଭୋଟ ଦେବା ଓ ସମର୍ଥନ କରିବା କ'ଣ ଆମ ରାଜନୈତିକ କାର୍ଯ୍ୟକଳାପ ? ନିଶ୍ଚିତ ଭାବେ ଏହା ସତ ନୁହେଁ। ହୁଏତ ଏହା ଅନେକଙ୍କ ପାଇଁ ସତ ହୋଇପାରେ, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ। ଅବଶ୍ୟ ମୋ ପାଇଁ ଏହା କେବେ ବି ନୁହେଁ। କିନ୍ତୁ କେତେ ଜଣ ଲୋକ ଏଭଳି ଭାବୁଛନ୍ତି ? ଯଦି ଅନେକେ ଏଭଳି ଭାବୁ ଥାଆନ୍ତେ, ତେବେ ମୋ ଜାଣିବାରେ ଏକ ଭୟଙ୍କର ଦୁର୍ଦ୍ଦିନରେ ଜଣେ ବଲିଉଡ କଳାକାରଙ୍କ ମୃତ୍ୟୁରେ ଆମେ ଯେମିତି ଏକ ସର୍କସ କରୁଛେ ସେମିତି କରୁ ନ ଥାନ୍ତେ। ଏହା ଅତ୍ୟନ୍ତ ନିନ୍ଦନୀୟ ଯାହା ମୋର ମନେରହିବ। କିନ୍ତୁ ମୁଁ ଯୁବକ ନୁହେଁ। ଏକ ସମୟ ଆସିବ ଯେତେବେଳେ ଏଭଳି ଏକ ଅର୍ଥନୈତିକ ଅବ୍ୟବସ୍ଥା,ବେରୋଜଗାରୀ, ଏକ ଜାତୀୟ ମହାମାରୀ,ଗୃହଶତ୍ରୁମାନଙ୍କ ମଧ୍ୟରେ ଥିବା ହୀନ ସ୍ୱାର୍ଥ ଏବଂ ବଲିଉଡ୍ ଓ ମନ୍ଦିର ଉପରେ ଗୁରୁତ୍ୱ ଦେବା ଘଟଣା ମୋ ଜୀବନରେ ହୁଏତ ସ୍ମରଣ କରି ନ ପାରେ। ନାଗରିକ, ବ୍ୟକ୍ତି ଓ ଭୋଟରମାନଙ୍କ ମଧ୍ୟରୁ ଆମେମାନେ ବାସ୍ତବରେ କିଏ ? ଏହା ଜଣିବା ଓ ଏଥିପ୍ରତି ଧ୍ୟାନ ଦେବା ଉଚିତ। ଏବକାର ଯୁବପିଢି କିମ୍ବା ଆଗାମୀ ପିଢି ସେମାନଙ୍କ ରାଜନୀତି ସମ୍ପର୍କରେ ଏତେ ଉଦାସୀନ ହେବେ ବୋଲି ମୁଁ ଭାବୁନାହିଁ। ସାମ୍ପ୍ରତିକ ସମୟରେ ଦେଶର ସୁରକ୍ଷା, ସ୍ୱାସ୍ଥ୍ୟ, ରୋଜଗାର , ସେମାନଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଉ ନ ଥିବା ଯୁବପିଢି ଯତ୍ନଶୀଳ ହେବେ ନା ବଲିଉଡକୁ ନେଇ ବେଶି ଆଗ୍ରହ ପ୍ରକାଶ କରିବେ ତାହା ହିଁ ପ୍ରଶ୍ନ। ମୋ ପାଖରେ ଏହାର ଉତ୍ତର ନାହିଁ। ହେଲେ ଏହାର ଏକ ଉତ୍ତର ଅଛି ଯାହା ଖୁବ୍ ଶୀଘ୍ର ଆମକୁ ମିଳିଯିବ।

Email:aakar.patel@gmail.com

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | 9 | | 8 | | | 7 | | | C | | | | 0 |
| | 3 | D | | 6 | | | | | | | | | | 8 |
| | C | | | | | E | D | | | | | | 2 | |
| | 2 | | | | 1 | | | | | 9 | | | | |
| | | E | 0 | | | 5 | 8 | 9 | | | | 3 | B | |
| | | 7 | | C | D | 3 | | | | | | E | | |
| | | | | | E | 2 | | | | | 9 | | | |
| | | 2 | | | 5 | | B | | | 1 | | | | 9 |
| | | | B | | | | 0 | 4 | | 5 | | 1 | | |
| B | D | A | 6 | 9 | | | | 7 | | 0 | 8 | | | 4 |
| 9 | E | | | 2 | | 4 | | | | | 5 | 0 | | 7 |
| | 1 | | 3 | B | C | | | | | 7 | | | 8 | |
| | | | 4 | | 8 | | | | 9 | | A | | 3 | 5 |
| | 8 | 0 | | A | | | | | E | | | 4 | | B |
| | | 4 | | 1 | | 8 | | | | | 3 | | 6 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | B | 3 | 0 | 4 | 2 | 5 | E | 8 | 7 | A | 9 | C | D | 1 |
| 1 | 5 | 4 | A | 9 | B | 7 | C | 6 | D | 2 | 0 | 3 | E | 8 |
| 9 | E | C | 1 | D | 3 | 2 | 0 | 4 | 6 | 5 | 8 | A | 7 | B |
| 0 | D | 7 | E | 8 | C | 1 | A | 9 | 4 | 3 | B | 2 | 5 | 6 |
| 8 | 2 | A | 7 | 5 | 6 | B | 3 | D | E | C | 1 | 0 | 4 | 9 |
| 5 | 6 | 1 | B | C | D | 8 | 4 | E | 3 | 0 | 2 | 9 | A | 7 |
| D | 7 | E | 3 | 0 | A | C | 9 | B | 5 | 1 | 6 | 8 | 2 | 4 |
| A | 4 | 2 | 8 | E | 7 | 0 | 5 | 3 | B | 9 | D | 6 | 1 | C |
| C | 0 | 9 | 5 | 2 | 1 | A | 6 | 7 | 8 | E | 4 | D | B | 3 |
| 3 | 8 | B | 9 | 6 | 4 | D | 1 | 2 | A | 7 | C | E | 0 | 5 |
| 4 | A | 8 | D | 1 | 0 | 9 | B | 5 | C | 6 | E | 7 | 3 | 2 |
| 7 | C | 5 | 2 | B | 9 | E | D | 1 | 0 | 8 | 3 | 4 | 6 | A |
| B | 1 | 6 | 4 | 7 | 8 | 3 | 2 | 0 | 9 | D | A | 5 | C | E |
| 2 | 9 | D | C | 3 | E | 6 | 7 | A | 1 | 4 | 5 | B | 8 | 0 |
| E | 3 | 0 | 6 | A | 5 | 4 | 8 | C | 2 | B | 7 | 1 | 9 | D |

ଗତକାଲିର ଉତ୍ତର

# ସମୃଦ୍ଧିର ପର୍ବ ନୂଆଁଖାଇ

ଇଂ. ମହାପାତ୍ର ଅନୁରାଗ ସାହୁ

ଶାସ୍ତ୍ର କହେ ଅନ୍ନ ହିଁ ବ୍ରହ୍ମ। ସେହି ବ୍ରହ୍ମକୁ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିବାର ଅନ୍ୟ ନାମ ଅନ୍ନଯଜ୍ଞ ଏବଂ ଉତ୍ପାଦିତ ପ୍ରଥମ ଶସ୍ୟ ଦ୍ୱାରା ସଂପାଦିତ ଏହି ଅନ୍ନଯଜ୍ଞକୁ କୁହାଯାଏ ନବାନ୍ନ ଭକ୍ଷଣ। ମାନବ ସଭ୍ୟତାର ଇତିହାସ କହେ ଆଦିମାନବ ଯାଯାବର ଜୀବନ ଛାଡି ସ୍ଥାୟୀ ବସବାସ କଲାପରେ ଶିକାର ପରିବର୍ତ୍ତେ କୃଷି ଉପରେ ନିର୍ଭର କରି ଆଦରି ନେଲା ଖାଦ୍ୟ ପ୍ରାପ୍ତିର ଏକ ସରଳ, ସାବଲୀଳ ଓ ସ୍ଥିର ଜୀବନ ଶୈଳୀ। ଖାଦ୍ୟ ପ୍ରାପ୍ତିର ଅନିଶ୍ଚିତତାରୁ ମୁକ୍ତି ମିଳିବାରୁ କୃତଜ୍ଞତା ସ୍ୱରୂପ ଅଦୃଷ୍ଟ ଉଦ୍ଦେଶ୍ୟରେ ଅର୍ପଣ କଲା ଉତ୍ପାଦିତ ପ୍ରଥମ ଶସ୍ୟରେ ପ୍ରସ୍ତୁତ ବ୍ୟଞ୍ଜନ। ଏକଦା ଏକକ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି କୃତଜ୍ଞତା ଜଣାଇବା ପରମ୍ପରା ପରବର୍ତ୍ତୀ ସମୟରେ ସାମୂହିକ ଅନୁଷ୍ଠାନର ରୂପନେଲା ଏବଂ ଭିନ୍ନ ଭିନ୍ନ ସ୍ଥାନରେ ଏହା ପାଳିତ ହେଲା ଅଲଗା ଅଲଗା ନାମରେ। ଏହି ଯେମିତି ଆମ ଦେଶର ପଞ୍ଜାବରେ 'ବୈଶାଖୀ', ଆସାମରେ 'ବିହୁ', ପଶ୍ଚିମ ଭାରତରେ 'ପୋଙ୍ଗଲ' ଓ ଓଡ଼ିଶାରେ ଏହା 'ନୂଆଁଖାଇ' ନାମରେ ଖ୍ୟାତ। ନୂଆଖାଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଳିତ ହୁଏ ସତ, କିନ୍ତୁ ପଶ୍ଚିମ ଓଡିଶାରେ ଏହା ଏକ ଗଣପର୍ବ। ଗବେଷକଙ୍କ ମତରେ ପ୍ରାଚୀନ କାଳରୁ ପଶ୍ଚିମ ଓଡିଶାରେ ପାଳନ ହୋଇ ଆସୁଥିବା ଏହି ପରମ୍ପରାକୁ ରାଜସ୍ୱୀକୃତି ମିଳିଥିଲା ପାଟଣାଗଡର ପ୍ରତିଷ୍ଠାତା ତଥା ଚୌହାନ ରାଜବଂଶର ପ୍ରଥମ ରାଜା ରମାଇ ଦେବଙ୍କ ରାଜତ୍ୱ କାଳରେ। ସେ ସମୟରେ ରାଜାମାନେ ରାଜ୍ୟର ଇଷ୍ଟଦେବୀଙ୍କ ନାମାନୁସାରେ ତିଥି ଲଗ୍ନ ସ୍ଥିର କରି ପ୍ରତିବର୍ଷ ନବାନ୍ନ ଭକ୍ଷଣ କରୁଥିଲେ ଭିନ୍ନ ଭିନ୍ନ ଦିବସରେ। ରାଜତନ୍ତ୍ରର ବିଲୋପ ପରେ ବି ସ୍ଥାନ ଭେଦରେ ପଣ୍ଡିତମାନେ ଭିନ୍ନ ଭିନ୍ନ ତିଥି ନିରୂପଣ କରୁଥିଲେ ଏବଂ ତଦନୁସାରେ ସେଠାରେ ପାଳନ ହେଉଥିଲା ନବାନ୍ନ ଭକ୍ଷଣ ଉତ୍ସବ। ମାତ୍ର ୧୯୯୧ ମସିହାରେ ଲୋକଙ୍କ ସହମତି କ୍ରମେ ଏହି ତିଥି ନିର୍ଣ୍ଣୟ ପରମ୍ପରାରେ ପରିବର୍ତ୍ତନ ଆଣିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ। ଫଳରେ ପ୍ରତିବର୍ଷ ଗଣେଶ ଚତୁର୍ଥୀ ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପାଳନ ପାଇଁ ସ୍ଥିର ହେଲା ଏବଂ ସେହି ଦିନଟିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିବା ସହିତ ନୂଆଁଖାଇକୁ ମିଳିଲା ଜାତୀୟ ପର୍ବର ମାନ୍ୟତା।

ପ୍ରତିବର୍ଷ ଭାଦ୍ରବ ଆସିଲେ ଚଳଚଞ୍ଚଳ ହୋଇଉଠେ ପଶ୍ଚିମ ଓଡିଶା। ନୂଆଁଖାଇକୁ ନୂଆ ରଙ୍ଗରେ ସଜାଇବା ପାଇଁ ଘରେ ଘରେ ଲାଗିଯାଏ ପ୍ରସ୍ତୁତି ପର୍ବ। ବେହରାଟ (ସମୂହ ସଭା)ବସି ସ୍ଥିର ହୁଏ ଲଗନ ଦେଖା ବା ନବାନ୍ନ ଭକ୍ଷଣର ଶୁଭ ମୁହୂର୍ତ୍ତ। ଆରମ୍ଭ ହୋଇଯାଏ ଘରଦ୍ୱାର ଲିପାପୋଛା ଓ ସାଜସଜ୍ଜା କାମ। ବନ୍ଧୁବାନ୍ଧବ ଓ ପ୍ରିୟଜନଙ୍କୁ ନିମନ୍ତ୍ରଣ ପାଇଁ ଲାଗିଯାଏ ଡକାହକା ଧାଁଦଉଡ। ସଂଗୃହୀତ ଧାନଗୁବା ବା ନୂଆଧାନରୁ ଘରେ ଘରେ ପ୍ରସ୍ତୁତ ହୁଏ ଚୁଡା। ନୂଆଁଖାଇ ପୂର୍ବଦିନ ଯାଏ ଘିନାବିକା (କିଣାବିକା)ପାଇଁ ହାଟ ବଜାରରେ ଲାଗେ ଗହଳି। ପିଲାଠାରୁ ବୁଢାଯାଏ ସମସ୍ତେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିର ପବିତ୍ର ପ୍ରତ୍ୟୁଷକୁ ଚାହିଁ ରହନ୍ତି ଅତି ଉତ୍କଣ୍ଠାର ସହିତ। ସେଦିନ ପ୍ରଭାତ ହେବାକ୍ଷଣି ସମସ୍ତଙ୍କ ଘରେ ପ୍ରସ୍ତୁତି ସରିଯାଏ ଅନ୍ନ, ସ୍ୱାଦିଷ୍ଟ ଖିରି ଓ ନାନା ପ୍ରକାର ସୁମିଷ୍ଟ ପିଠା। ପରିବାରର ସମସ୍ତେ ସ୍ନାନ ସାରି ପରିଧାନ କରନ୍ତି ନୂତନ ବସ୍ତ୍ର। ନିର୍ଦ୍ଧାରିତ ଅମୃତ ବେଳାରେ ପରିବାର ମୁଖ୍ୟ ଇଷ୍ଟଦେବୀ ଓ ପିତୃ ପୁରୁଷଙ୍କୁ ପାରମ୍ପରିକ ରୀତିରେ ଅର୍ପଣ କରନ୍ତି ନୂତନ ଶସ୍ୟରେ ପ୍ରସ୍ତୁତ ବଲିପକା(ନୈବେଦ୍ୟ)। ପରିବାରର ଅନ୍ୟମାନେ ଇଷ୍ଟଦେବୀଙ୍କ ନିକଟରେ ଭକ୍ତି ନିବେଦନ କଲାପରେ ପରିବାର ମୁଖ୍ୟ ସେମାନଙ୍କୁ ପ୍ରସାଦ ବିତରଣ କରନ୍ତି ବଡରୁ ସାନ କ୍ରମରେ। ଏହି ଅବସରରେ ଜୁହାର ଭେଟ ହୁଏ ଅର୍ଥାତ୍ କନିଷ୍ଠମାନେ ଗୁରୁଜନଙ୍କୁ ପ୍ରଣିପାତ କରି ଗ୍ରହଣ କରନ୍ତି ଆଶୀର୍ବାଦ। ପରିବାର ଭିତରେ ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରନ୍ତି ଏବଂ ଅପରାହ୍ନରେ ଗାଁ ଦାଣ୍ଡକୁ ବାହାରି ପଡନ୍ତି ନୂଆଖାଇ ଭେଟଘାଟ୍ ପାଇଁ। ପ୍ରଥମେ ଗ୍ରାମ ଦେବତୀ ବା ଭଗବତ ଟୁଙ୍ଗିରେ ପହଞ୍ଚି ମୁଣ୍ଡିଆ ମାରି ସାରିବା ପରେ ଆରମ୍ଭ ହୁଏ ଜୁହାର ଭେଟ। ଅର୍ଥାତ୍ ସାନମାନେ ଗାଁର ବଡମାନଙ୍କୁ ପ୍ରଣାମ ଜଣାଇ କାମନା କରନ୍ତି ଆଶୀର୍ବାଦ। ଭେଟଘାଟ ପର୍ବ ଅବସରରେ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୁଏ ଏବଂ ଏଥିରେ ବହୁ ରାଜନେତା ଯୋଗ ଦିଅନ୍ତି ଦଳମତ ନିର୍ବିଶେଷରେ।

ନୂଆଁଖାଇ କେବଳ ଆନନ୍ଦ ଉଲ୍ଲାସର ପର୍ବ ନୁହେଁ, ବରଂ ଦେବତା ଓ ପିତୃ ପୁରୁଷଙ୍କୁ ଶଙ୍ଖୋଳିବାର ଏକ ଅମୃତ ଅବସର। ଏଥିରେ ନିହିତ ଆମ ସଂସ୍କୃତି ପରମ୍ପରା ଓ ଜୀବନ ଧାରାର ଏକ ସମନ୍ୱିତ ରୂପ। କୃଷିପ୍ରଧାନ ରାଜ୍ୟ ଓଡିଶାର କୃଷକ ତା'ର ଭଣ୍ଡାର ଭରିଦେବା ପାଇଁ କେବଳ ଦେବତାଙ୍କୁ ଡାକେ ତାହା ନୁହେଁ, କୃତଜ୍ଞତା ଜ୍ଞାପନ ଉଦ୍ଦେଶ୍ୟରେ ବି ନୈବେଦ୍ୟ ନିବେଦନ କରେ ଶସ୍ୟ ଉତ୍ପାଦନ ପରେ। ନୂଆଁଖାଇ କେବଳ ଏକ ପର୍ବ ନୁହେଁ,ଏହା ଆମ ସାଂସ୍କୃତିକ ଜୀବନ ଶୈଳୀ। ଗୁରୁଜନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଓ ସାନମାନଙ୍କୁ ସ୍ନେହ ଶ୍ରଦ୍ଧା ଓ ଖୁସି ବାଣ୍ଟିବା ଆମ ସଂସ୍କୃତିର ବୈଶିଷ୍ଟ୍ୟ ଏବଂ ତାହା ହିଁ ପ୍ରତିଫଳିତ ହୋଇଛି ଏହି ପର୍ବରେ। ତେଣୁ ଏହି କୃଷିଭିତ୍ତିକ ପର୍ବ ଯେତିକ ଶାସ୍ତ୍ରୀୟ, ସେତିକି ଆଚାରସିଦ୍ଧ। ଆଧୁନିକ କୃଷି ପ୍ରଣାଳୀ, ସହରି ସଭ୍ୟତାର ପ୍ରଭାବ, ତଥା ଯୁବ ପିଢିର ପରିବର୍ତ୍ତିତ ମାନସିକତା ଭିତରେ ହଜିଗଲାଣି ଆମର ଅନେକ ପାରମ୍ପରିକ ପର୍ବ ପର୍ବାଣି। ପାଶ୍ଚାତ୍ୟ ସଭ୍ୟତାର ଘୋଡଣୀ ଭିତରେ ଲୁଚି ଗଲାଣି ଅନେକ ଓଷାବ୍ରତ। ମାତ୍ର ସବୁ ସତ୍ତ୍ୱେ ବି ଆଦୌ ମଳିନ ପଡିଯାଇନି ନୂଆଖାଇର ମହକ। ସର୍ବଜନ ଆନନ୍ଦଦାୟକ ଏହି ଗଣପର୍ବର ଉଲ୍ଲାସ ଭିତରେ ବରଫ ପରି ତରଳି ଯାଏ କେତେ ଦାମ୍ଭିକତାର ଭାବ ଓ ଭାଷା। ତୁଟିଯାଏ ସାରାବର୍ଷର ରାଗ ରୋଷ ଓ ଅଭିମାନ। ସମଦର୍ଶୀ ଚିନ୍ତନ ଓ କଥନରେ ଲିଭିଯାଏ ପରସ୍ପର ମଝିରେ ଟାଣି ହୋଇ ଯାଇଥିବା କେତେ ବିଭେଦ ଓ ବିଦ୍ୱେଷର ଖଡିଟଣା ଗାର। ସତରେ ପ୍ରାଣକୁ ଚହଲାଇ ଦିଏ, ଦୋହଲାଇ ଦିଏ ନୂଆଁଖାଇ ଭେଟଘାଟର ଅମୃତମୟ ଆହ୍ଲାଦ। ଯା'ର ଆକର୍ଷଣକୁ ଏଡି ନ ପାରି ଦୂର ବିଦେଶରୁ ଧାଇଁଆସେ ପ୍ରବାସୀ। ପର୍ବମୟ ଗାଁର ଉଲ୍ଲାସ ଭିତରେ ସେ ଭୁଲିଯାଏ ବ୍ୟସ୍ତ ବହୁଳ ସହରୀ ଜୀବନର ନିସଂଗତା। ତେଣୁ ନୂଆଁଖାଇ କେବଳ ଚାଷୀ ଘରର ପର୍ବ ନୁହେଁ,ଏହା ପଶ୍ଚିମ ଓଡିଶାର ସବୁ ଜାତିର, ସବୁ ଧର୍ମର,ସବୁ ବର୍ଗର ଲୋକଙ୍କ ପାଇଁ ଏକ ଭାଇଚାରାର ପର୍ବ। ବସୁଧୈବ କୁଟୁମ୍ବକମ୍ ଭାବନା ତା'ର ମୂଳକଥା। ସାଧାରଣତଃ ଇସଲାମ ଧର୍ମରେ ନୂଆଖାଇ ପର୍ବ ପାଳନ ପରମ୍ପରା ନାହିଁ କହିଲେ ଚଳେ ; ମାତ୍ର ପଶ୍ଚିମ ଓଡିଶାର ଇବ୍ ଉପତ୍ୟକାର ବିଭିନ୍ନ ଗ୍ରାମରେ ବାସ କରୁଥିବା ମୁସଲିମ ପରିବାରଗୁଡିକ ନୂଆଁଖାଇ ପାଳନ କରନ୍ତି ଖୁବ୍ ଧୁମ୍‌ଧାମରେ। ତେଣୁ ସେଠାରେ ବାସ କରୁଥିବା ହିନ୍ଦୁ ଆଦିବାସୀ ଓ ମୁସଲିମମାନଙ୍କ ଭିତରେ ଗଢିଉଠିଛି ଏକ ଅଦ୍ଭୁତ ସାଂସ୍କୃତିକ ସମନ୍ୱୟ ଓ ସଂହତି।

ଏକଥା ସତ୍ୟ ଯେ ଏବର୍ଷ ଏହି ଗଣପର୍ବ ଆୟୋଜନ ଆଗରେ ବିରାଟ ପ୍ରତିବନ୍ଧକ ହୋଇ ଛିଡାହୋଇଛି ମହାମାରୀ କରୋନା। ତା'ର କ୍ରମବର୍ଦ୍ଧିଷ୍ଣୁ ପ୍ରକୋପ ଯୋଗୁ ଏଥର ଗାଁ ଦାଣ୍ଡରେ ଲହଡି ଭାଙ୍ଗୁନି ଭେଟଘାଟର ଆନନ୍ଦ ଉଲ୍ଲାସ। କୋଭିଡ୍–୧୯ର ନିୟମ ଦୃଷ୍ଟିରୁ ସାମାଜିକ ଦୂରତା ରକ୍ଷା କରିବା ଦିଗରେ ସଚେତନ ଅଛନ୍ତି ଲୋକେ। ସେଥିପାଇଁ ପର୍ବରେ ଏଥର ଗହଳି ନାହିଁ କି ଏଥିରେ ସାମିଲ୍ ହୋଇପାରୁନାହାନ୍ତି ନେତା ଓ ମନ୍ତ୍ରୀ। ମାତ୍ର କରୋନା କାରଣରୁ କେବେ ଦୋହଲି ଯିବନି ନୂଆଁଖାଇର ସାଂସ୍କୃତିକ ଆତ୍ମା। ସବୁ ପ୍ରତିକୂଳତା ଭିତରେ ବି ଏହା ସଚରାଚର ସ୍ନେହ ପ୍ରେମ ଓ ସଦିଚ୍ଛାର ବାର୍ତ୍ତା ବୁଣିବ ଏକ ଆଧ୍ୟାତ୍ମିକ ଆହ୍ଲାଦ ଭିତରେ। ତେଣୁ ଭାବି ନେବାକୁ ହେବ କରୋନାଜନିତ ନିରାଡମ୍ବର ଆୟୋଜନ କେବଳ ଏକ ସାମୟିକ ସମସ୍ୟା। ମାତ୍ର ଅସଲ ସମସ୍ୟା ରହିଛି ପରିବେଶ ପ୍ରଦୂଷଣଜନିତ ଜଳବାୟୁର ଘନ ଘନ ପରିବର୍ତ୍ତନ ପାଖରେ। ଏହି ଦୃଷ୍ଟିରୁ ଶସ୍ୟ ଉତ୍ପାଦନ ଓ ଅନ୍ନପର୍ବର ଭବିଷ୍ୟତକୁ ନେଇ ଆମ ଭିତରେ ପ୍ରକାଶ ପାଉ ଏକ ସକାରାତ୍ମକ ଓ ସୁଦୂରପ୍ରସାରୀ ଦୃଷ୍ଟିଭଙ୍ଗୀ। ପରିବେଶ ସନ୍ତୁଳନ ରକ୍ଷା ଦିଗରେ ସୁବ୍ୟବସ୍ଥିତ ହେଉ ଆମର ପରିକଳ୍ପନା, ପରିଯୋଜନା ଓ ତା'ର ସଫଳ ରୂପାୟନ। ଆମ ରାଜନୈତିକ ନେତୃତ୍ୱ ପ୍ରତି ଏହା ବୋଧହୁଏ କରୋନା ପୀଡିତ ନୂଆଁଖାଇର ଏକ ଆହ୍ୱାନ !

ବିଜୁ ପଟ୍ଟନାୟକ ନଗର, ମହତାବ ଛକ,
ଭଦ୍ରକ, ମୋ–୭୦୦୮୬୮୨୨୮୫

# ନୂଆ ନିର୍ବାଚନ କମିଶନର

### ବ୍ୟକ୍ତିତ୍ୱ

ରାଜୀବ କୁମାର

ଜାତୀୟ ଓ ରାଜ୍ୟ ସ୍ତରରେ ହେଉଥିବା ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବା ଦାୟିତ୍ୱ ଭାରତର ନିର୍ବାଚନ କମିଶନ (ଇସିଆଇ) ଉପରେ ନ୍ୟସ୍ତ କରାଯାଇଛି। ଏକ ସ୍ୱୟଂଶାସିତ ସାମ୍ବିଧାନିକ କର୍ତ୍ତୃପକ୍ଷ ଭାବେ ଇସିଆଇ ଲୋକ ସଭା, ରାଜ୍ୟ ସଭା, ରାଜ୍ୟ ବିଧାନସଭା, ରାଜ୍ୟ ବିଧାନ ପରିଷଦ ଏବଂ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଅନୁଷ୍ଠିତ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ନିଭାଇଥାଏ। ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ ଏହା କାର୍ଯ୍ୟ କରେ। ସର୍ବୋଚ୍ଚ ନ୍ୟାୟପାଳିକା, କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି), କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ଭଳି ଇସିଆଇ ଉଭୟ ସ୍ୱାୟତ୍ତତା ଓ ସ୍ୱାତନ୍ତ୍ର୍ୟ ବହନ କରୁଥିବାରୁ ଏହାର ନିରପେକ୍ଷତା ସର୍ବଦା ଗୁରୁତ୍ୱ ବହନ କରିଥାଏ। ହେଲେ ନିର୍ବାଚନ କମିଶନରେ ଥିବା ବ୍ୟକ୍ତିଙ୍କ କାର୍ଯ୍ୟ ସନ୍ତୋଷଜନକ ନ ହେଲେ ଏହା ପକ୍ଷପାତିତା ଅଭିଯୋଗର ଶିକାର ହୋଇଥାଏ। ଆଜିର ଜଟିଳ ରାଜନୈତିକ ବାତାବରଣରେ ନିର୍ବାଚନ କମିଶନ ତାହାର ସାଙ୍କଟିଟି ବା ପବିତ୍ରତା ବଜାୟ ରଖିବା ଅତୀବ ଆବଶ୍ୟକ ହୋଇପଡ଼ିଲାଣି।

ଇସିଆଇର ଢାଞ୍ଚା ଦେଖିଲେ ସେଥିରେ ମୁଖ୍ୟ ନିର୍ବାଚନ କମିଶନର ଓ ଦୁଇ ଜଣ ନିର୍ବାଚନ କମିଶନର ପଦବୀ ରଖାଯାଇଛି। ନିକଟରେ ନିର୍ବାଚନ କମିଶନର ଥିବା ଅଶୋକ ଲାଭାସା ତାଙ୍କ ପଦବୀରୁ ଇସ୍ତଫା ଦେବା ପରେ ଅମଲାତନ୍ତ୍ରୀ ରାଜୀବ କୁମାରଙ୍କୁ ସେହି ପଦରେ ଅବସ୍ଥାପିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅଶୋକ ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି)ର ଭାଇସ୍ ପ୍ରେସିଡେଣ୍ଟ ଭାବେ ଯୋଗ ଦେବାକୁ ଥିବାରୁ ତାଙ୍କୁ ନିର୍ବାଚନ କମିଶନର ପଦ ତ୍ୟାଗ କରିବାକୁ ପଡ଼ିଛି। ଅନ୍ୟପକ୍ଷରେ ନୂଆ ନିର୍ବାଚନ କମିଶନର ଭାବେ ରାଜୀବଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋହର ଦେବା ପରେ ସେ ୩୧ ଅଗଷ୍ଟରେ ଦାୟିତ୍ୱ ନେବେ।

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ର ୧୯୮୪ ବ୍ୟାଚ୍‌ର ଝାଡ଼ଖଣ୍ଡ କ୍ୟାଡର ଅଧିକାରୀ ରାଜୀବ ନିର୍ବାଚନ କମିଶନର ପଦରେ ୨୦୨୫ ପର୍ଯ୍ୟନ୍ତ ରହିବେ। ସମ୍ଭବତଃ ୨୦୨୪ ଲୋକ ସଭା ନିର୍ବାଚନରେ ସେ ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ତୁଲାଇପାରନ୍ତି। ନିୟମ ଅନୁଯାୟୀ ଜଣେ ନିର୍ବାଚନ କମିଶନର ତାଙ୍କ ପଦବୀରେ ୬ ବର୍ଷ କିମ୍ବା ବୟସ ୬୫ ହେବା ଯାଏ ରହିପାରିବେ। ରାଜୀବ ଫେବୃୟାରୀ ୧୯୬୦ରେ ଜନ୍ମଗ୍ରହଣ କରିଥିବାରୁ ସେ ମୁଖ୍ୟ ହେବା ସମ୍ଭାବନା ରହିଛି। ସେ ଏବେ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ ସିଲେକ୍‌ଶନ ବୋର୍ଡ (ପିଇଏସ୍‌ବି)ର ଅଧ୍ୟକ୍ଷ ରହିଛନ୍ତି। ପୂର୍ବରୁ ୧ ସେପ୍ଟେମ୍ବର ୨୦୧୭ରୁ ୨୯ ଫେବୃୟାରୀ ୨୦୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ଅର୍ଥ ସଚିବ ଥିଲେ। ଅର୍ଥ ଓ କାର୍ମିକ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କଲା ବେଳେ ବ୍ୟାଙ୍କିଙ୍ଗ୍ ଏବଂ ଅମଲାତାନ୍ତ୍ରିକ କାର୍ଯ୍ୟରେ ସେ ଅନେକ ସଂସ୍କାର ଆଣିଥିଲେ। ୨୦୧୭ରେ ମୁଖ୍ୟତଃ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସମେତ ଅଧିକାଂଶ ବ୍ୟାଙ୍କ ଯେତେବେଳେ କ୍ଷତିର ସମ୍ମୁଖୀନ ହୋଇଥିଲେ ସେତେବେଳେ ରାଜୀବ କୁମାର ଅର୍ଥସେବା ବିଭାଗରେ ନେଇଥିବା ମୌଳିକ ପରିବର୍ତ୍ତନ ତାଙ୍କୁ ଚର୍ଚ୍ଚାକୁ ଆଣିଥିଲା। ଏଥିସହିତ ପଦୋନ୍ନତି ଓ ନିଯୁକ୍ତି ଦିଗରେ ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି (ଏସିସି)ରେ ଦେଖାଦେଉଥିବା ସମସ୍ୟା ସମାଧାନ ଓ କାର୍ଯ୍ୟକୁ ସୁଗମ କରିବାରେ ରାଜୀବଙ୍କ ଅବଦାନ ଅନେକ ରହିଛି। ତେବେ ନିର୍ବାଚନ କମିଶନର ଭଳି ଅତି ସମ୍ବେଦନଶୀଳ ପଦବୀ ଦାୟିତ୍ୱ ପୂର୍ବାପେକ୍ଷା ତାଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ। କାରଣ ସାମ୍ବିଧାନିକ ନିୟମ ଦେଇ ଗତି କଲା ବେଳେ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷଙ୍କ ତୀକ୍ଷ୍ଣ ନଜର ତାଙ୍କ ପ୍ରତିଟି କାର୍ଯ୍ୟ ଉପରେ ନିବଦ୍ଧ ରହିବା ସ୍ୱାଭାବିକ। ପୁଣି ଯଦି ୨୦୨୪ ସାଧାରଣ ନିର୍ବାଚନ ବେଳକୁ ସେ ମୁଖ୍ୟ ନିର୍ବାଚନ କମିଶନର ପଦବୀରେ ଆସୀନ ହୋଇଯାଇଥିବେ ତାହା ହେଲେ ସେହି ଦାୟିତ୍ୱ ଅଧିକ ଆହ୍ୱାନ ସୃଷ୍ଟି କରିବ। ରାଜୀବ କୁମାରଙ୍କ ପ୍ରଶାସନିକ କ୍ଷେତ୍ରରେ ବିଶେଷ ଦୂରଦୃଷ୍ଟି ରହିଥିବାରୁ ଓ ପୂର୍ବ ସମୟରେ ସେ ତୁଲାଇ ଆସିଥିବା କାର୍ଯ୍ୟଧାରାରେ ଅନେକ ପରିବର୍ତ୍ତନ ଆଣିପାରିଥିବାରୁ ଏଭଳି ସାମ୍ବିଧାନିକ ପଦବୀ ପରିଚାଳନା ତାଙ୍କ ପାଇଁ ନୂଆ ସୁଯୋଗ ଭାବେ ଉଭା ହେବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୃଷିରେ ଆଧୁନିକ ଜ୍ଞାନକୌଶଳ ଯେତିକି ବିକଶିତ ହେବାରେ ଲାଗିଛି ଗ୍ରାମୀଣ କ୍ଷେତ୍ରରେ ଲୋକମାନେ ମଧ୍ୟ ସେମାନଙ୍କ ବ୍ୟବହାରିକ ଜ୍ଞାନ ଉପଯୋଗ କରି ଏ କ୍ଷେତ୍ରରେ ସଫଳତା ପାଇପାରୁଛନ୍ତି। ନିଜର ବୁଦ୍ଧି ଖଟାଇ ଜୈବିକ ଖତ, କୀଟନାଶକ ତଥା ହାତ ତିଆରି ଯନ୍ତ୍ର ମଧ୍ୟ ଆବିଷ୍କାର କରିପାରୁଛନ୍ତି। ଏମାନଙ୍କ ମଧ୍ୟରୁ କେରଳର କୃଷ୍ଣ ପ୍ରସାଦ ଅନ୍ୟତମ। ତାଙ୍କୁ ବର୍ତ୍ତମାନ ବୟସ ୪୫। ରହନ୍ତି ଆଲାପୁଝା ଜିଲା କଲାଭୁର୍ ଗାଁରେ। ତାଙ୍କ ପରିବାର ପିଢି ପିଢି ଧରି ହାତୀ ରଖି ଆସିଛନ୍ତି। ସାଧାରଣତଃ ହାତୀ ମଳକୁ ପୋତି ଦିଆଯାଏ। କେହି କେବେ ବି ହାତୀ ମଳକୁ କ୍ଷେତରେ ଉପଯୋଗ କରି ନ ଥାନ୍ତି। କିନ୍ତୁ ପ୍ରସାଦ ଏଥିରୁ ଖତ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି। ହାତୀ ଖାଉଥିବା ଖାଦ୍ୟର ୪୦ ପ୍ରତିଶତ ହଜମ ହୁଏ ଓ ୬୦ ପ୍ରତିଶତ ତନ୍ତୁ ଆକାରରେ ମଳରେ ବାହାରିଥାଏ। ଏଣୁ ସେ ହାତୀ ମଳ ସହ କୃଷି ବର୍ଜ୍ୟ ମିଶାଇ ବିଘଟନ ପ୍ରକ୍ରିୟାରେ ଭଲ ଖତ ପାଇପାରୁଛନ୍ତି। ସେ ଏହି ଖତ ଉପଯୋଗ କରି ସପ୍ତାହକୁ ୫ କୁଇଣ୍ଟାଲ ପରିବା ଉତ୍ପାଦନ କରୁଛନ୍ତି। ଖତରେ ଫସଲ ଭଲ ବଢୁଛି ଓ ଅଧିକ ଫଳୁଛି। ତାଙ୍କର ଏଭଳି ନୂଆ ଚିନ୍ତାଧାରା କେରଳରେ ହାତୀ ରଖିଥିବା ଲୋକମାନଙ୍କୁ ତା' ମଳ ଉପଯୋଗ କରି ଫସଲ କରିବା ଲାଗି ବାଟ ଦେଖାଇଛି। ପ୍ରସାଦ ପେସାରେ ଜଣେ ଓକିଲ। ସେ ୭ ଏକର ଜମିରେ ଫସଲ କରୁଛନ୍ତି। ୫ଟି ହାତୀ ରଖିଛନ୍ତି। ହାତୀର ଯତ୍ନ ଓ କୃଷି ଏକା ସାଙ୍ଗରେ କରିବା କଠିନ ହେଉଥିବାରୁ କିଛି ଲୋକଙ୍କୁ ବି ନିଯୁକ୍ତି ଦେଇଛନ୍ତି। କ୍ଷେତରେ ସିଞ୍ଚନ ଜଳସେଚନ ବ୍ୟବସ୍ଥା କରିଛନ୍ତି। କୃଷ୍ଣଙ୍କ ସ୍ତ୍ରୀ ଜଣେ ବ୍ୟାଙ୍କ ମ୍ୟାନେଜର। ଛୁଟିଦିନଗୁଡ଼ିକରେ ସେ କୃଷ୍ଣଙ୍କୁ କୃଷିକାର୍ଯ୍ୟରେ ସହାୟତା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅଗଷ୍ଟ ୧୯୯୫

- ଓଡ଼ିଶା ସମେତ ୭ଟି ରାଜ୍ୟର ଭୂସଂସ୍କାର ଆଇନକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ନେଇ ଏକ ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟ ସଭାରେ ସର୍ବସମ୍ମତ ଭାବେ ଗୃହୀତ ହୋଇଛି।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ପାର୍ବତୀ ଗିରିଙ୍କ ଦେହାନ୍ତ।
- ନୋବେଲ୍ ପୁରସ୍କାର ବିଜେତା ସୁବ୍ରମଣ୍ୟମ ଚନ୍ଦ୍ରଶେଖରଙ୍କ ୮୪ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ରନ୍ଧାମଦ ବନ୍ଦ କରାଯାଉ

ମହାଶୟ,

କରୋନା ମହାମାରୀ ସମୟରେ ଶାସକ, ଗବେଷକ, ଡାକ୍ତର ଓ ବୈଜ୍ଞାନିକମାନେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସାବଧାନତା ଓ ସତର୍କତାପୂର୍ଣ୍ଣ ଉପଦେଶମାନ ବିଶ୍ୱବାସୀଙ୍କୁ ଦେଉଛନ୍ତି। ସରକାର ମଧ୍ୟ ଅନେକ କଟକଣା ଜାରି କରିଛନ୍ତି। ପ୍ରଥମେ ମଦ ନ ପିଇବା ପାଇଁ ଲୋକଙ୍କୁ ସାବଧାନ କରିବା ସହ ମଦ ଦୋକାନମାନ ବନ୍ଦ କରାଯାଇଥିଲା। ଅବଶ୍ୟ ଅବସ୍ଥା ପ୍ରତି ଦୃଷ୍ଟି ଦେଇ ତାହା ନିୟମ ଅନୁଯାୟୀ ଖୋଲିବା ଆରମ୍ଭ ହେଲାଣି। ହେଲେ ଆମ ସମାଜର ମଦ୍ୟପଙ୍କୁ ପାରିବା କଷ୍ଟକର ବ୍ୟାପାର । ମଦ ଦୋକାନ ବନ୍ଦଥିବା ବେଳେ ଚୋରାମଦ ଯୋଗାଡ଼ କରି ନିଶାସକ୍ତ ଲୋକେ ବ୍ୟବହାର କରୁଥିବା ଦେଖାଯାଏ। ସାଧାରଣତଃ ଉପାନ୍ତ ଅଞ୍ଚଳର ଲୋକେ ବିହାରୀ ମଦ ରନ୍ଧାଳିଙ୍କଠାରୁ ମଦ ପ୍ରସ୍ତୁତି ପ୍ରଣାଳୀ ଶିଖିଥାନ୍ତି। ସେଥିପାଇଁ ନିଜେ ମଦ ପ୍ରସ୍ତୁତ କରି ପିଇବା ସହ ଲୋକଙ୍କୁ ବିକିଥାନ୍ତି। ବର୍ତ୍ତମାନ ଦେଶୀ ରନ୍ଧାମଦ ସହରତଳି ଅଞ୍ଚଳରେ ଦେଖିବାକୁ ମିଳୁଛି। କାରଣ ମଦ ରନ୍ଧା ପାଇଁ ଗୁଡ଼ ନୟାଗଡ଼ ଓ ଢେଙ୍କାନାଳରୁ ମିଳିଯାଉଛି। ଆଶ୍ଚର୍ଯ୍ୟ ଲାଗେ ଉପାନ୍ତ ଇଲାକାର ନିଶାସକ୍ତ ବ୍ୟକ୍ତି ସକାଳୁ ଆଗ ମଦ ରନ୍ଧା ପ୍ରତି ଗୁରୁତ୍ୱ ଦେଇଥାନ୍ତି। ଭାତ ରନ୍ଧା ହେଲେ ହେଲା ନୋହିଲେ ନାହିଁ, ଆଗେ ମଦ ରନ୍ଧାହୁଏ। ତେବେ ଏହି ଭାବରେ ମଦ ରନ୍ଧା ଯାଇ ବହୁଳ ଭାବରେ ବିକ୍ରୟ ହେଲେ ନିଶ୍ଚୟ ଦିନେ ନା ଦିନେ ମଦମୃତ୍ୟୁ ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଅବକାରୀ ବିଭାଗ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଚିରନ୍ତନୀ

ଥରଇ ହିୟା ମମ
କୁମୁଦ–ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି
ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା।

(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୂଆଁଖାଇ ପାଇଁ କଟକଣା

ଭବାନୀପାଟଣା,୨୨।୮(ଡି.ଏନ୍.ଏ.): କଳାହାଣ୍ଡି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହାକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ନୂଆଁଖାଇ ପାଳନ ଉପରେ କଟକଣା ଜାରି କରିଛି। ନୂଆଁଖାଇ ଉପଲକ୍ଷେ ଜିଲାର କୌଣସି ମନ୍ଦିରରେ ଜନ ସମାଗମ ହୋଇପାରିବ ନାହିଁ । ପ୍ରତି ମନ୍ଦିରରେ ପୂଜାରୀ ଓ ସେବାୟତମାନେ ପାରମ୍ପରିକ ପୂଜାର୍ଚ୍ଚନା କରିପାରିବେ । ସେହିପରି ନୂଆଁଖାଇ ଭେଟଘାଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି।




# ପାକଳ ଧାନ କ୍ଷେତରେ ପୂଜା



ନୂଆଁଖାଇ କୃଷି ଓ କୃଷକର ପର୍ବ। ସେଥିପାଇଁ ଏହାକୁ କୃଷିଭିତ୍ତିକ ପର୍ବ ବୋଲି କୁହାଯାଏ । ନୂଆଁଖାଇ ଦିନ ଚାଷୀ ପୁଅ ପାକଳ ଧାନ କ୍ଷେତକୁ ଯାଇ ଅରୁଆ ଚାଉଳ, ଫୁଲ, ଦୀପ, ଧୂପ, ନାରିକେଳ ଦେଇ ପୂଜାର୍ଚ୍ଚନା କରିଥାନ୍ତି । ଏହାପରେ କ୍ଷୀର ଢ଼ାଳି ସ୍ୱର୍ଗଲୋକରେ ଥିବା ପିତୃ ପୁରୁଷଙ୍କୁ ସ୍ମରଣ କରିଥାନ୍ତି । ବସୁଧା ମାତା ଓ ଈଶ୍ୱରଙ୍କ କୃପାରୁ ଅଧିକ ଫସଲ ଅମଳ କରିବାକୁ କାମନା କରିଥାନ୍ତି । ସେହିପରି ଗୁହାଳରେ ମଧ୍ୟ ସ୍ୱତନ୍ତ୍ର ପୂଜା କରାଯାଇଥାଏ । ଗୋମାତାଙ୍କୁ ସ୍ନାନ କରାଇବା ପରେ ସେମାନଙ୍କ ଶିଙ୍ଘରେ ରାଖୀ ବନ୍ଧା ଯାଇଥାଏ । ଏତତ୍‌ବ୍ୟତୀତ ଭବିଷ୍ୟତକୁ ଶୁଭମନାସି କୃଷି କାର୍ଯ୍ୟରେ ବ୍ୟବହୃତ କୃଷି ଉପକରଣ, ଦୁଆର ବନ୍ଧ ଗୁଡିକରେ ରାଖୀ ବାନ୍ଧିଥାନ୍ତି । ଏହି ପରମ୍ପରାକୁ ବହୁ ପ୍ରାଚୀନ ଅଟେ । ଏବେ ଚାଷୀମାନେ ପାରମ୍ପରିକ କୃଷି ଉପକରଣ ପରିବର୍ତ୍ତେ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରୁଛନ୍ତି । ତଥାପି ଶସ୍ୟ, ଫଳ, ଫୁଲ, ବୃକ୍ଷଲତାକୁ ଈଶ୍ୱରଙ୍କୁ ସମର୍ପଣ କରିବା ନୀତି ରହିଛି । ତାହାକୁ ପରବର୍ତ୍ତି ସମୟରେ ପ୍ରସାଦ ଭାବେ ସମସ୍ତେ ଗ୍ରହଣ କରିଥାନ୍ତି । ତେଣୁ ନୂଆଁଖାଇ ପର୍ବ ସଂକଳ୍ପ ନେବାର ବାର୍ତ୍ତା ଦେଇଥାଏ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ ଅନ୍ନର ମହିମା କବିତାରେ ଖାଦ୍ୟ ଶସ୍ୟ ତଥା ଅନ୍ନର ମହତ୍ୱ ଉପରେ ବର୍ଣ୍ଣନା କରାଯାଇଛି । ଧନ୍ୟ ମହାପ୍ରଭୁ ହେ ଆଗେ ସୃଜିଅନ୍ନ, ତା ଉତାରେ ସୃଜିଲି ଜୀବଜନ୍ତୁ ଗଣ । ଅନ୍ନବିନା ଜୀବନ ନ ପାରଇ ରହି, ବିନା ପ୍ରାଣୀଙ୍କ ଜୀବନ ନୀରତେ ଦହି ହେ...,

–ବି.ଶଙ୍କର

# ଆଜି ଦଧିବାମନ ମନ୍ଦିରରେ ନୂଆଁଖାଇ

ଜୁନାଗଡ,୨୨।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରର ଦଧିବାମନ ମନ୍ଦିର ପରିସରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ରବିବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ସକାଳ ୯ଘଣ୍ଟା ୧୧ ମିନିଟ୍‌ରୁ ୯ଘଣ୍ଟା ୨୫ମିନିଟ ମଧ୍ୟରେ ଦଧିବାମନ ମନ୍ଦିରରେ ନବାନ୍ନ ଲାଗି ହେବ। ଏ ନେଇ ଅନୁଷ୍ଠିତ ବୈଠକରେ ମନ୍ଦିରର ବଡପଣ୍ଡା ନଳିନୀ ରଞ୍ଜନ ପଣ୍ଡା, ପଣ୍ଡିତ କୈଳାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।
























# ସିପିସିବିକୁ ରିପୋର୍ଟ ଦେଲା ଏସ୍‌ପିସିବି

## ୧୯ ନଦୀ ଜଳ ପ୍ରଦୂଷଣ ପ୍ରସଙ୍ଗ

### ୧୫ରେ ଏନ୍‌ଜିଟିରେ ଜବାବ ଦାଖଲ କରିବେ ଏସ୍‌ପିସିବି, ଜଳଶକ୍ତି ମନ୍ତ୍ରଣାଳୟ

ଭୁବନେଶ୍ୱର,୨୨।୮ (ବ୍ୟୁରୋ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ରାଜ୍ୟର ୧୯ ନଦୀର ପ୍ରଦୂଷଣ ରୋକିବା ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)କୁ ଅବଗତ କରାଇଛି। ୧୯ ନଦୀ ପାଇଁ ପ୍ରସ୍ତୁତ କରାଯାଇଥିବା ସଂଶୋଧିତ ଆକ୍ସନ ପ୍ଲାନ ସିପିସିବି ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବା ସହ ରିପୋର୍ଟ ଦାଖଲ କରାଯାଇଛି। ଏସ୍‌ପିସିବି ପକ୍ଷରୁ ଅବଗତ କରାଯାଇଛି ଯେ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟାସ୍କଫୋର୍ସ ନଦୀଗୁଡ଼ିକରେ ହେଉଥିବା ପ୍ରଦୂଷଣକୁ ନିୟମିତ ଯାଞ୍ଚ କରୁଛି। ବେଆଇନ ଖଣି ଖନନ ଦ୍ୱାରା କୌଣସି ପ୍ରଦୂଷଣ ହେଉ ନ ଥିବା ନେଇ ଟାସ୍କଫୋର୍ସ ନିଶ୍ଚିତ କରିବ। ସେହିପରି ଭୁବନେଶ୍ୱରର ଗଙ୍ଗୁଆ ନାଳକୁ ଛଡ଼ାଯାଉଥିବା ବର୍ଜ୍ୟଜଳର ନିୟମିତ ସର୍ଭେ କରାଯାଉଛି। କଟକ, ଭୁବନେଶ୍ୱର, ରାଉରକେଲା ଏବଂ ପୁରୀ ସହରରେ ଗୋଟିଏ ଲେଖାଏ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ପ୍ରଦୂଷଣକୁ କମାଇବା ପାଇଁ ମହାନଦୀ ଓ ବୈତରଣୀ ନଦୀକୂଳରେ ବହୁ ପରିମାଣର ବୃକ୍ଷରୋପଣ କରାଯାଉଛି। ସ୍ୱଚ୍ଛ ଭାରତ ମିଶନରେ ସହରାଞ୍ଚଳରେ ବର୍ଜ୍ୟଜଳ ପରିଚାଳନା ନେଇ ପଦକ୍ଷେପ ନିଆଯାଉଛି ବୋଲି ଏସ୍‌ପିସିବି ସିପିସିବିକୁ ଜଣାଇଛି।

ସୂଚନାଯୋଗ୍ୟ ଯେ, ନଦୀ ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବାରମ୍ବାର ତାଗିଦ କରିବା ପରେ ନଦୀ ନାଳର ପ୍ରଦୂଷଣ ରୋକିବା ନେଇ ରାଜ୍ୟ ସରକାର ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ରିଭର ରିଜୁଭେନେଶନ କମିଟି(ଆର୍‌ଆର୍‌ସି) ଗଠନ କରିଛନ୍ତି। ଏହି କମିଟିରେ ଅଧ୍ୟକ୍ଷଙ୍କ ସମେତ ନଗର ଉନ୍ନୟନ ବିଭାଗ ପୌର ପ୍ରଶାସନ ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ଏସ୍‌ପିସିବି ମେମ୍ବର ସେକ୍ରେଟାରି ରହିଛନ୍ତି। ଆର୍‌ଆର୍‌ସି ଦ୍ୱାରା ନଦୀ ପ୍ରଦୂଷଣ ରୋକିବାକୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି।

ଜାତୀୟ ଜଳ ମାନ ସର୍ବେକ୍ଷଣ ଯୋଜନାରେ ସିପିସିବି ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ସମଗ୍ର ଦେଶରେ ୩୫୧ଟି ନଦୀ ପ୍ରଦୂଷଣ ହୋଇଥିବାବେଳେ ସେଥିରେ ଓଡ଼ିଶାରେ ୧୯ଟି ରହିଛି। ସର୍ଭେ ଅନୁଯାୟୀ ରାଜ୍ୟରେ ଗଙ୍ଗୁଆ, ଗୁରାଡିହି ନାଳା, କାଠଯୋଡ଼ି, ନନ୍ଦିରାଯୋର, ଦୟା, କୁଆଖାଇ, ବାଙ୍ଗୁରୁ ନାଳ, ଭେଡେନ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁସୁମୀ, ମହାନଦୀ, ମଙ୍ଗଳା, ନାଗାବଳୀ, ଲୁଣା, ରତ୍ନଚିରା, ଋଷିକୁଲ୍ୟା, ସାବୁଳିଆ ଏବଂ ସେରୁଆ ନଦୀ ପ୍ରଦୂଷିତ ହୋଇଛି। ପ୍ରଦୂଷଣ କାରଣରୁ ଏହି ନଦୀଗୁଡ଼ିକର ଜଳରେ ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ (ବିଓଡି) ବହୁମାତ୍ରାରେ ବଢ଼ିଯାଉଛି। ବିଓଡି ସ୍ତର ପ୍ରତି ଲିଟର ଜଳରେ ୧-୨ ମିଲିଗ୍ରାମ ରହିଲେ ତାହା ବ୍ୟବହାର ଉପଯୋଗୀ ହୋଇଥାଏ। ଏହାଠାରୁ ଅଧିକ ରହିଲେ ତାହାକୁ ପ୍ରଦୂଷିତ ବୋଲି ଧରାଯାଏ। ତେବେ ଉକ୍ତ ୧୯ଟି ନଦୀର ବିଓଡି ୩ରୁ ୬ ମିଲିଗ୍ରାମ ଉପରେ ରହିଥିବା ସିପିସିବି ରିପୋର୍ଟରେ କୁହାଯାଇଛି। ଏ ସବୁ ନଦୀର ଜଳ ପ୍ରଦୂଷଣକୁ ରୋକିବାକୁ ବାରମ୍ବାର ନିର୍ଦ୍ଦେଶ ଦିଆଯିବା ସତ୍ତ୍ୱେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଏହାଦ୍ୱାରା ନଦୀ ଜଳ ବେଳକୁ ବେଳ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ପ୍ରାକୃତିକ ଜଳାଶୟଗୁଡ଼ିକର ପ୍ରଦୂଷଣକୁ ଏନ୍‌ଜିଟି ଅପରାଧ ଭାବେ ବିବେଚନା କରିଛନ୍ତି। ନିଜ ଆଡୁ ମାମଲା କରି ଏନ୍‌ଜିଟି କହିଛନ୍ତି ଯେ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକ ଜଳ ପ୍ରଦୂଷଣ ରୋକିବା ଦିଗରେ ବିଫଳ ହୋଇଛନ୍ତି। ଏପରି କି ପ୍ରଦୂଷଣକାରୀଙ୍କ ବିରୋଧରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ନଦୀନାଳଗୁଡ଼ିକ ବିଷାକ୍ତ ହେବାରେ ଲାଗିଛି। ରାଜ୍ୟ ଓ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଏହି ପ୍ରାକୃତିକ ସମ୍ପଦ ନଷ୍ଟ ହେବାରେ ଲାଗିଛି। ଏନ୍‌ଜିଟି ଏ ନେଇ ସିପିସିବି, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ଓ ଅନ୍ୟମାନଙ୍କୁ ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପୂର୍ବରୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରୁ ରିପୋର୍ଟ ତଲବ କରିଥିଲା।

# ସୁଶାନ୍ତ ସିଂ ରହୁଥିବା ଘରେ ସିବିଆଇ ଟିମ୍

**ମୁମ୍ବାଇ, ୨୨।୮:** ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାର ତଦନ୍ତ ଲାଗି ସିବିଆଇ ଟିମ୍ ଅଭିନେତା ରହୁଥିବା ମୁମ୍ବାଇର ବାନ୍ଦ୍ରାସ୍ଥିତ ବାସଭବନକୁ ଯାଇଛନ୍ତି। ୪ ଜଣିଆ ଫୋରେନ୍‌ସିକ ଟିମ୍ ସେମାନଙ୍କ ସହ ଅଛନ୍ତି। ସେଠାରେ ଜୁନ୍ ୧୪ ଦିନ ସୁଶାନ୍ତଙ୍କ ମୃତ୍ୟୁର ପୁନଃରୂପାନ୍ତର ରେକର୍ଡ କରାଯିବ। ସିବିଆଇ ଟିମ୍ ସହ ସୁଶାନ୍ତଙ୍କ ବନ୍ଧୁ ତଥା ଫ୍ଲାଟ୍‌ମେଟ୍ ସିଦ୍ଧାର୍ଥ ପିଠାନୀ, ଷ୍ଟାଫ୍ ସଦସ୍ୟଙ୍କୁ ନିଆଯାଇଛି। ପୂର୍ବରୁ ଏମାନଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଜେରା କରାଯାଇଥିଲା। ଅନ୍ୟ ବନ୍ଧୁ ଓ ପ୍ରତ୍ୟକ୍ଷଦର୍ଶୀମାନଙ୍କୁ ମଧ୍ୟ ଜେରା କରାଯିବାର କାର୍ଯ୍ୟକ୍ରମ ରହିଛି।

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଉପଲକ୍ଷେ ସୁବର୍ଣ୍ଣପୁର ଜିଲ୍ଲାବାସୀ ତଥା ସମଗ୍ର ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। କରୋନା ମହାମାରୀରୁ ଶୀଘ୍ର ଆଶ୍ୱସ୍ତି ପାଇଁ ମାଁ ସମଲେଶ୍ୱରୀ ଓ ସୁରେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରିବା ସହ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।
ନିରଞ୍ଜନ ପୂଜାରୀ
ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ, ଓଡ଼ିଶା ସରକାର

ସମ୍କୁ ନୂଆଁଖାଇ ଜୁହାର
ନୂଆଁ ଗୁଣାର ଗରସେ, ମିଲି ମିଶି ଥମା ପୁରସେ
ଘରେ ରହେମା, ସୁରକ୍ଷିତ ରହେମା!
ହୀରାଲାଲ ବେହେରା
ରାଜ୍ୟ ପରିଷଦ ସଭ୍ୟ, ବିଜେଡି, ଓଡ଼ିଶା

କୋମନା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀ ରାଜକୁମାର ସୁନାନୀ
ଅଧ୍ୟାପକ ତଥା ସମାଜସେବୀ
କୋମନା, ଜିଲ୍ଲା: ନୂଆପଡ଼ା
ମୋ: ୯୯୩୮୭୨୭୯୬୭

ନୂଆଁଖାଇ ଜୁହାର
ମହାନ ଗଣପର୍ବ ନୂଆଁଖାଇ ଅବସରରେ ସମଗ୍ର ଓଡିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।
Bijaya Srivastab
Manager
M/s. BALDEV SAHU & SONS
BADBAZAR, SAMBALPUR

ରାମଗଡ଼ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଅବସରରେ ଶୁଭେଚ୍ଛା ସହ ମା' ବୁଢ଼ୀବାଉରୀଙ୍କ ନିକଟରେ ଶୁଭକାମନା ଜଣାଉଛୁ।
ନରେଶ କୁମାର ସେଠୀ (ସରପଞ୍ଚ, ରାମଗଡ଼ ଗ୍ରାମପଞ୍ଚାୟତ) / ପୁରନ୍ଦର ଠେଲା (କାର୍ଯ୍ୟନିର୍ବାହୀ ଅଧିକାରୀ, ରାମଗଡ଼ ଗ୍ରାମପଞ୍ଚାୟତ)

ନୂଆଁଖାଇ ଜୁହାର
Inani Coal Services Pvt. Ltd.
ଓଡିଶା ଗଣପର୍ବ ନୂଆଁଖାଇ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
ରାଜେଶ କୁମାର ଇନାନି
Mob- 9437649180

ଜଗନ୍ନାଥ ଏଗ୍ରୋ ଟ୍ରେଡର୍ସ
ପଶ୍ଚିମ ଓଡ଼ିଶାର ବରେଣ୍ୟ ଗଣପର୍ବ ଉପଲକ୍ଷେ ଚାଷୀଭାଇ ଓ ପଶୁପାଳକମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଠିକଣା - ବିନିକା ଦୁର୍ଗାମନ୍ଦିର ସାମ୍ନା।
ଯୋଗାଯୋଗ: ୯୩୩୭୨୭୨୧୮୧, ୯୩୩୭୨୪୫୨୨୯

ନୂଆଁଖାଇ ଜୁହାର
କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ଗୁରୁଜନମାନଙ୍କୁ ଜୁହାର ଓ ଲଘୁଜନମାନଙ୍କୁ ସ୍ନେହାଶୀର୍ବାଦ। କୋଭିଡ ନିୟମ ପାଳନ କରି ନୂଆଁଖାଇ ପାଳନ୍ତୁ ଏତିକି ମାଁ ମେଟାକାନୀଙ୍କ ପାଖରେ ପ୍ରାର୍ଥନା।
ସରୋଜ କୁମାର ଦଲେଇ
କୋଶଲପୁରା, ଉଲୁଣ୍ଡା

ପଶ୍ଚିମ ଓଡ଼ିଶାର ସର୍ବବୃହତ୍ ଗଣପର୍ବ ନୂଆଖାଇ ଜୁହାର।
ପ୍ରତିମା ପ୍ରଧାନ
(ଜିଲ୍ଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ, ହରଭଙ୍ଗା, ବୌଦ୍ଧ)

ନବୀନ ଆଶା, ନବୀନ ଉତ୍ସାହ ଉପରେ ନିରଞ୍ଜନ ଭାବେ ପୁନଶ୍ଚ ପଦ୍ମନାଭ ପାଖୁଡ଼ା ପୁଣି ଗଭାକୁ ମେଲିଛି, ଆସିଛି ପୁଣି ପଶ୍ଚିମ ଓଡ଼ିଶାର ଗରେଣ୍ୟ ପର୍ବ ନୂଆଖାଇ। ଆସନ୍ତୁ, ସଭିଏଁ ମିଶି ପବିତ୍ର ଗଣପର୍ବ ଅବସରରେ ଶପଥ ନେବା ଓ ବିନିକା ଅଞ୍ଚଳର କଳା, ସଂସ୍କୃତି ଓ ସଭ୍ୟତା ଧ୍ୱଜାକୁ ଶିଖରକୁ ପହଞ୍ଚାଇବା। ପଶ୍ଚିମ ଓଡ଼ିଶାର ସୁପ୍ରସିଦ୍ଧ ମହା ଗଣପର୍ବ ଉପଲକ୍ଷେ ବିନିକା ବ୍ଲକ୍ ଅଞ୍ଚଳର ଆବାଳବୃଦ୍ଧବନିତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହିତ
ନୂଆଖାଇ ଜୁହାର
ଅଶୋକ ନନ୍ଦ
ବିନିକା ବ୍ଲକ ଅଧ୍ୟକ୍ଷ

ନୂଆଁଖାଇ ଜୁହାର
ଓଡିଶା ଗଣପର୍ବ ନୂଆଁଖାଇ ଅବସରରେ ପ୍ରଭୁ ଜଗନ୍ନାଥ, ମାଁ ସମଲେଇ ସମସ୍ତଙ୍କୁ ସୁଖ ଶାନ୍ତିରେ ରଖନ୍ତୁ।
ଅଜିତ କୁମାର ଧଳ
ସଭାପତି କୋଲ ମୁଭର୍ସ ଆସୋସିଏସନ୍
ବ୍ରଜରାଜନଗର

ପୁରୁଣାକଟକ ସେକ୍ସନର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ନୂଆଖାଇ ଜୁହାର।
ରଞ୍ଜନ କୁମାର ବାରିକ
(କନିଷ୍ଠ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ, ପୁରୁଣାକଟକ)

ନୂଆଁଖାଇ ଜୁହାର
ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। କୋଭିଡ ନିୟମ ପାଳନ କରି ନୂଆଁଖାଇ ପାଳିବାକୁ ବିନମ୍ର ନିବେଦନ।
ରବିଶଙ୍କର ଭଇଁଷା

ପଶ୍ଚିମ ଓଡ଼ିଶା ସୁପ୍ରସିଦ୍ଧ ଗଣପର୍ବ ନୂଆଖାଇ ସିଂଘିଯୁବା ଅଞ୍ଚଳର ସମସ୍ତ ଚାଷୀ, ବ୍ୟବସାୟୀଙ୍କ ପାଇଁ ମଙ୍ଗଳମୟ ହେଉ। ମାଁ ସମଲେଶ୍ୱରୀଙ୍କ କୃପାରେ ସିଂଘିଯୁବା ଅଞ୍ଚଳର ସମସ୍ତ ଆବାଳବୃଦ୍ଧବନିତା ଖୁସିରେ ରୁହନ୍ତୁ।
ପ୍ରମୋଦ କୁମାର ଭୋଇ
ସିଂଘିଯୁବା
ପ୍ୟାକ୍ସ ସମ୍ପାଦକ




With Best Compliments from:
एनटीपीसी NTPC
एक महारत्न कम्पनी
Dulanga Coal Mining Project
Sundargarh, Odisha
Fostering Sustainable Development

ଭାରତୀୟ ଜୀବନ ବୀମା ନିଗମ
ସମ୍ବଲପୁର ମଣ୍ଡଳ
LIC भारतीय जीवन बीमा निगम LIFE INSURANCE CORPORATION OF INDIA
ନୂଆଁଖାଇ ପର୍ବର ଶୁଭ ଅବସରରେ ଓଡିଶାବାସୀଙ୍କୁ ଅଭିନନ୍ଦନ।
ପଲିସିର ପୁନଃ ପ୍ରଚଳନ ପାଇଁ ବିଶେଷ କାର୍ଯ୍ୟକ୍ରମ
ତା. ୧୦.୦୮.୨୦୨୦ ରୁ ୦୯.୧୦.୨୦୨୦

| Total Receivable Premium | % late fee concession | Maximum Concession allowed |
|---|---|---|
| Up to Rs. 1,00,000 | 20% | Rs. 1500 |
| From 1,00,001 to 3,00,000 | 25 % | Rs. 2000 |
| From 3,00,001 and above | 30% | Rs. 2500 |

ବରିଷ୍ଠ ମଣ୍ଡଳ ପ୍ରବନ୍ଧକ
ବୀମା ଆଗ୍ରହର ବିଷୟବସ୍ତୁ ଅଟେ।
VISIT- www.licindia.in



ନୂଆଁଖାଇ ପାଇଁ ମହିଳାମାନେ ପିଠା ପ୍ରସ୍ତୁତି କରିବାରେ ବ୍ୟସ୍ତ।

# ଅନନ୍ୟ ପରମ୍ପରା

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ଏହି ପର୍ବ ପଶ୍ଚିମ ଓଡ଼ିଶାରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳନ କରାଯାଏ । ଚାଷୀ ତା'ର ପ୍ରଥମ ଅମଳ ଧାନକୁ ନିଜ ଇଷ୍ଟ ଦେବୀଦେବଙ୍କୁ ସମର୍ପଣ କରିବା ପରେ ପ୍ରସାଦ ରୂପେ ପରିବାର ସଦସ୍ୟମାନେ ଏକତ୍ରିତ ଭାବେ ଖାଇବା ହେଉଛି ଏହି ପର୍ବର ମୁଖ୍ୟ ଲକ୍ଷ୍ୟ । ନୂଆଁଖାଇ ଅୟାରମ୍ଭ ସମ୍ପର୍କରେ ଗବେଷକମାନେ ଭିନ୍ନ ଭିନ୍ନ ମତ ଦେଇଥାନ୍ତି । ପୌରାଣିକ ମତବାଦ ଅନୁସାରେ, ବୈଦିକ ଯୁଗର ମହର୍ଷିଗଣଙ୍କ ଦ୍ୱାରା ଏହା ପ୍ରଣୀତ ହୋଇଥିଲା। ଏଥିରେ ପଞ୍ଚ ଯଜ୍ଞ ପ୍ରକ୍ରିୟା ରହିଥିଲା। ଏହି ମତବାଦ ଅନୁସାରେ ନୂଆଁଖାଇ ପ୍ରଲମ୍ବନ ଯଜ୍ଞରୁ ଆସିଛି। ସର୍ବପ୍ରଥମେ ନୂଆ ଧାନରେ ତିଆରି ପ୍ରସାଦକୁ ଦେବୀଙ୍କୁ ଅର୍ପଣ କଲାପରେ ହିଁ ସେହି ନବାନ୍ନକୁ ଜନସାଧାରଣ ଗ୍ରହଣ କରିଥାନ୍ତି। ଖରିଫ ଋତୁରେ ସଅଳ କିସମ ଧାନ ପ୍ରାୟତଃ ଭାଦ୍ରବ ମାସରେ ଅମଳ ହୋଇଥାଏ । ତେଣୁ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପରଦିନ ନୂଆଁଖାଇ ପାଳନ କରାଯାଇଥାଏ। ପଶ୍ଚିମ ଓଡ଼ିଶା ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଦେବୀଦେବଙ୍କ ପ୍ରତି ସ୍ଥାନୀୟ ଲୋକଙ୍କ ଅତୁଟ ବିଶ୍ୱାସ ରହିଛି। ସେମାନଙ୍କ ମତରେ ପ୍ରଥମେ ନୂଆଧାନକୁ ପ୍ରଥା ଓ ରୀତି ଅନୁଯାୟୀ ଦେବୀଙ୍କୁ ସମର୍ପଣ କରି ନୂଆ ଅନ୍ନ ପାଇଥାନ୍ତି। ତେଣୁ ଭାଦ୍ରବ ମାସ ଶୁକ୍ଳ ପକ୍ଷରେ ନିଜ ଅଞ୍ଚଳର ଜ୍ୟୋତିଷଙ୍କ ପରାମର୍ଶ ଅନୁଯାୟୀ ନବାନ୍ନ ପର୍ବ ପାଳନ ନିମନ୍ତେ ଏକ ଶୁଭ ଦିନ ଓ ଲଗ୍ନ ନିର୍ଦ୍ଧାରଣ କରାଯାଏ । ଅତୀତରେ ନୂଆଁଖାଇ ପର୍ବ ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି ନ ଥିଲା, କିନ୍ତୁ ୧୯୯୧ ମସିହାରୁ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିକୁ ନୂଆଁଖାଇ ଭାବେ ସରକାରୀ ଛୁଟି ଘୋଷଣା କରିଥିଲେ। ଏହାକୁ ପଶ୍ଚିମ ଓଡ଼ିଶାବାସୀ ସର୍ବସମ୍ମତି କ୍ରମେ ଉତ୍ସାହର ସହିତ ସ୍ୱାଗତ ଜଣାଇଥିଲେ । ସେହି ଦିନରୁ ନୂଆଁଖାଇ ସରକାରୀ ଛୁଟି ଦିବସ ରୂପେ ମାନ୍ୟତା ପାଇଛି ଓ ଅଦ୍ୟାବଧି ତାହା ପ୍ରଚଳିତ ହୋଇଆସୁଛି । ଅବଶ୍ୟ କେତେକ ନିର୍ଦ୍ଦିଷ୍ଟ ସହର ବା ଗ୍ରାମରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ପରମ୍ପରା ଅନୁଯାୟୀ କଳାହାଣ୍ଡିର ଇଷ୍ଟଦେବୀ ମା'ମାଣିକେଶ୍ୱରୀଙ୍କୁ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ନବାନ୍ନ ଭୋଗ ଲାଗି କରାଯାଇଥାଏ ।

ପୂର୍ବଘୋଷିତ ଲଗ୍ନରେ ନିଜ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଯଥା-ସମ୍ବଲପୁରରେ ମା'ସମଲେଶ୍ୱରୀ, କଳାହାଣ୍ଡିର ମା' ମାଣିକେଶ୍ୱରୀ, ପାଟଣାଗଡ଼ର ମା'ପାଟଣେଶ୍ୱରୀ , ସୋନପୁରର ମା'ସୁରେଶ୍ୱରୀ, ସୁନ୍ଦରଗଡ଼ର ମା' ଶିଖରବାସିନୀଙ୍କ ମନ୍ଦିରରେ ନବାନ୍ନ ଲାଗି କରାଯାଏ। ପରିବାର ସଦସ୍ୟମାନେ ମଧ୍ୟ ନିଜ ଅଧିଷ୍ଠାତ୍ରୀ ଦେବୀଦେବ, ନିଜ ଅଞ୍ଚଳର ମନ୍ଦିର, ଗୋମାତା, ଧାନ ଗୋଦାମରେ ପୂଜାର୍ଚ୍ଚନା କରି ନବାନ୍ନ ଲାଗି କରିଥାନ୍ତି । ଏହାପରେ ପରିବାର ସଦସ୍ୟମାନେ ଏକତ୍ରିତ ହୋଇ ନବାନ୍ନ ଖାଇଥାନ୍ତି । ଏଥିରେ ପରିବାର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଭୂମିକାକୁ ସମସ୍ତେ ସମ୍ମାନ କରିଥାନ୍ତି। ନୂଆଁଖାଇରେ ଅନ୍ୟଦିନ ଅପେକ୍ଷା ସୁସ୍ୱାଦୁ ଖାଦ୍ୟ ତିଆରି କରାଯାଇଥାଏ । ପ୍ରାୟ ସମସ୍ତଙ୍କ ଘରେ ଆରିସା ପିଠା, ଖିରି, ମୁଗା ଆଦି ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ ହୁଏ । ନୂଆଁଖାଇର ପରଦିନକୁ ବାସି ପର୍ବ କୁହାଯାଇଥାଏ । ସେଦିନ ଅଧିକାଂଶ ଘରେ ଆମିଷ ଭୋଜନର ବ୍ୟବସ୍ଥା କରାଯାଇଥାଏ । ଆଉ କେତେଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ନୂଆଁଖାଇ ସମ୍ପର୍କରେ କୁହନ୍ତି, ଦିନଥିଲା ସ୍ୱାସ୍ଥ୍ୟସେବା ଉନ୍ନତ ନ ଥିଲା, ପ୍ରତିବର୍ଷ ପ୍ରବଳ ବର୍ଷା ହେବା ସହ ଲୋକେ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିଲେ । ମହାମାରୀ, ହଇଜା, ମ୍ୟାଲେରିଆ ଆଦି ରୋଗରେ ଲୋକେ ଶିକାର ହେଉଥିଲେ । କିନ୍ତୁ ଭାଦ୍ରବ କୃଷ୍ଣପକ୍ଷ ବେଳରୁ ବର୍ଷା ପ୍ରାୟ କମିଯାଉଥିଲା। ଲୋକେ ଦୁର୍ଦ୍ଦିନରୁ ମୁକ୍ତ ହେଉଥିଲେ। ଏଣୁ ନୂଆଁଖାଇ ଏକତାର ପର୍ବ ରୂପେ ଅତି ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଥିଲେ । ନୂଆଁଖାଇ ସାରିବା ପରେ ଗାଁ ସାରା ବୁଲି ବୟୋଜ୍ୟେଷ୍ଠ ଓ ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର କରିବା ପର୍ବର ଏକ ଅନନ୍ୟ ପରମ୍ପରା। ତେଣୁ ସାମାଜିକ ସହାବସ୍ଥାନ ଦିଗରେ ନୂଆଁଖାଇ ପର୍ବର ମହତ୍ତ୍ୱ ଓ ଗୁରୁତ୍ୱ ରହିଛି।

**-ସଞ୍ଜୀବ ଜୋଷୀ**

# ନୂଆଁଖାଇର ନୂଆଁ

ନୂଆଁଖାଇ ପଶ୍ଚିମ ଓଡ଼ିଶାର ମହାନ୍ ପର୍ବ। ଏଥିରେ ଏହି ଅଞ୍ଚଳର ଐତିହ୍ୟ, ସଂସ୍କୃତି, ପରମ୍ପରା ଜଡ଼ିତ ରହିଛି। ଫଳରେ ପିଢ଼ି ପିଢ଼ି ଧରି ପଶ୍ଚିମାଞ୍ଚଳର ଲୋକମାନେ ଏହାକୁ ଉତ୍ସାହ, ଉଦ୍ଦୀପନାର ସହ ପାଳନ କରିବାର ଧାରା ଅଧୁନା ପ୍ରଚଳିତ। ଶ୍ରାବଣ ମାସ ଶେଷ ନ ହେଉଣୁ ନୂଆଁଖାଇ ପାଇଁ ଲୋକମାନଙ୍କ ମନ ଗହଗହ ହୋଇଉଠେ। ଧରାରେ ଭାଦ୍ରବର ଆଗମନ ପରେ ସେମାନେ ନୂଆଁଖାଇ ପ୍ରସ୍ତୁତିରେ ଲାଗି ପଡ଼ନ୍ତି । ଘରକୁ ଲିପିପୋଛି ନୂଆ ରୂପ ଦେଇଥାନ୍ତି । ନିଜେ ବ୍ୟବହାର କରୁଥିବା ବସ୍ତ୍ରକୁ ପରିଷ୍କାର କରିଥାନ୍ତି। ଫଟାଟୁଟା କୁଲା, ଭୁଗା, ଟୁପଲି, ଟାଙ୍ଗୁଡ଼ିକୁ ଅଲଗା କରି ପ୍ରତିବଦଳରେ ନୂଆ ଜିନିଷ ସାଇତି ରଖନ୍ତି । ଘରେ ଥିବା ବାସନକୁସନ, ଡବା, ପେଡି ପୁଟୁଳିକୁ ପାଣିରେ ଭଲଭାବେ ଧୋଇ ନୂଆ କରିଥାନ୍ତି। ନୂଆଁଖାଇ ପାଇଁ ଲୋକମାନେ ନୂଆ ହାଣ୍ଡି, ଧାନ ଓ ପତ୍ର ସଂଗ୍ରହ କରନ୍ତି । ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ବଡ଼ିଭୋର୍‌ରୁ ସ୍ନାନ, ଶୌଚ ସମାପନ କରି ନୂଆବସ୍ତ୍ର ପରିଧାନ କରନ୍ତି। ନୂଆ ହାଣ୍ଡିରେ ନୂଆ ଧାନକୁ ଭାଜିବା ସହିତ ଖିରି, ପିଠା ଆଦି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିରେ ସେମାନେ ଲାଗି ପଡନ୍ତି । ଭଲ ଫସଲ ଅମଳ ପାଇଁ ଚାଷୀ ବିଲକୁ ଯାଇ ପୂଜାର୍ଚ୍ଚନା କରି କ୍ଷୀର ଢାଳି ହାରିଗୁହାରି କରେ । ଘରର ମୁରବି ନୂଆ ବସ୍ତ୍ର ପିନ୍ଧି ଇଷ୍ଟଦେବୀଙ୍କ ନିକଟରେ ନୂଆ ଚରା ଭୋଗ ଅର୍ପଣ ପୂର୍ବକ ପରିବାରର ମଙ୍ଗଳ କାମନା କରନ୍ତି । ଘରେ ଠୁଳ ହୋଇଥିବା ପରିବାର ସଦସ୍ୟଙ୍କୁ ମୁଖିଆ ନୂଆ ଚରାକୁଣା ଭୋଗ ବାଣ୍ଟିବା ପରେ ଏକସଙ୍ଗେ ଏହାକୁ ଭକ୍ଷଣ କରିବାର ବିଧି ରହିଛି । ଜୁହାର ଭେଟ୍ ନୂଆଁଖାଇ ପର୍ବର ଏକ ଅନନ୍ୟ ବୈଶିଷ୍ଟ୍ୟ । ସମ୍ପର୍କର ସୂତାଖିଅକୁ ମଜଭୁତ କରୁଥିବା ଏହି ଜୁହାର୍‌ଭେଟ୍‌ରେ ମଧ୍ୟ ନୂତନତ୍ୱ ରହିଛି। ବର୍ଷଯାକ ରାଗରୁଷା ଭୁଲି କନିଷ୍ଠ ବଡ଼ମାନଙ୍କର ପାଦ ଛୁଇଁ ମୁଣ୍ଡିଆ ମାରି ଜୁହାର କରନ୍ତି, ଆଶିଷ ଭିକ୍ଷା କରନ୍ତି। ମାଁ ସମଲେଶ୍ୱରୀ, ପାଟଣେଶ୍ୱରୀ, ସୁରେଶ୍ୱରୀ ଏବଂ ମାଣିକେଶ୍ୱରୀଙ୍କ ଅପାର କୃପାରୁ ଗୋଟିଏ ନୂଆ ଜୀବନ ଜିଇଁବାକୁ ସଂକଳ୍ପ କରନ୍ତି। ଜୁହାର ଭେଟ୍ ମାଧ୍ୟମରେ ଛିଣ୍ଡି ଯାଇଥିବା ସମ୍ପର୍କକୁ ପୁଣିଥରେ ଯୋଡ଼ିବାକୁ ପ୍ରୟାସ କରନ୍ତି। ବଡ଼ମାନେ ମଧ୍ୟ ସବୁକିଛି ପାସୋରି ଦେଇ ସାନମାନଙ୍କ ମଙ୍ଗଳ କାମନା କରି ଆଶୀର୍ବାଦ କରନ୍ତି। ଅଭାବ ମଧ୍ୟରେ ଭାବ ଭରି ଦେଉଥିବା ଏହି ଜୁହାର୍ ଭେଟ୍ ବାସ୍ତବରେ ବହୁ ଭାବ ଗାମ୍ଭୀର୍ଯ୍ୟ ରଖେ। ଏହି ଧାରା ବର୍ଷତମାମ ଅବ୍ୟାହତ ରହିଲେ ଜୀବନ ସରସ, ସୁନ୍ଦର, ମଧୁମୟ ହେବା ସହିତ ଏକ ଆଦର୍ଶ ସମାଜ ଗଠିତ ହେବ, ଏଥିରେ ସନ୍ଦେହ ନାହିଁ ।

***ଉପସ୍ଥାପନା: ରାଜେଶ୍ୱର ବେହେରା, ବିଜେପୁର***
























## ମୋରାଟୋରିୟମ ଅବଧି ବୃଦ୍ଧି ଲାଗି ଆବେଦନ

କରୋନା ପାଇଁ ବର୍ତ୍ତମାନ ଋଣ ସୁଝିବାରେ ବିଭିନ୍ନ ଅସୁବିଧା ଉପୁଜୁଛି। ଏହାକୁ ବିଚାର କରି ସରକାର ଲୋକଙ୍କୁ ଋଣ କିସ୍ତି ପ୍ରଦାନ କ୍ଷେତ୍ରରେ ମୋରାଟୋରିୟମ ସୁବିଧା ଦେଇଛନ୍ତି। ଏହି ସୁବିଧାକୁ ଡିସେମ୍ବର ଶେଷ ଯାଏ ବଢାଇବାକୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର ହୋଇଛି। ସୁପ୍ରିମକୋର୍ଟ ଏହି ଅବଧିକୁ ଡିସେମ୍ବର ଶେଷ ଯାଏ ବଢାଇବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ କୁହାଯାଇଛି।

**ସଂକ୍ଷେପରେ**

### ପିଏନ୍‌ବିର ନେଟ୍ ଲାଭ ୩୦୮ କୋଟି

**ନୂଆଦିଲ୍ଲୀ,୨୨।୮:** ଆର୍ଥିକ ବର୍ଷ ୨୦୨୦-୨୧ର ପ୍ରଥମ ତ୍ରୈମାସରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ୩୦୮ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଛି। ଏହି ସମୟରେ ବ୍ୟାଙ୍କର କାସା ଜମା ୧୦.୧% ବଢିଛି। ପ୍ରୋଭିଜନ କଭରେଜ ରେସିଓ ୮୦.୭୫% ସ୍ତରରେ ରହିଛି। ନେଟ୍ ଏନ୍‌ପିଏ ଅନୁପାତ ୫.୩୯% ସ୍ତରରେ ରହିଛି। ବ୍ୟାଙ୍କର ମୋଟ୍ ଏନ୍‌ପିଏ ୧୪.୧୧% ସ୍ତରରେ ରହିଛି। ପିଏନ୍‌ବିର ଜମା ଏବଂ ଅଗ୍ରିମ ଯଥାକ୍ରମେ ୧୦.୭୫ ଲକ୍ଷ କୋଟି ଟଙ୍କା ଏବଂ ୭.୨୨ ଲକ୍ଷ କୋଟି ଟଙ୍କା ରହିଛି। ଏହାର ମୋଟ୍ କାରବାର ୧୭.୯୬ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହି ବ୍ୟାଙ୍କ ୧୦,୯୩୦ ଶାଖା ସହ ସେବା ଯୋଗାଇ ଦେଉଛି। ସେହିଭଳି ୧୩୮୫୬ ଏଟିଏମ୍ ଏହା ନିକଟରେ ରହିଛି। ୧୮ କୋଟି ଗ୍ରାହକଙ୍କୁ ଏହା ନିରନ୍ତର ସେବା ଯୋଗାଣ କରୁଛି। ପରିଚାଳନା ଦକ୍ଷତା ଏବଂ ଅଭିବୃଦ୍ଧି ଦିଗରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା ପିଏନ୍‌ବି ପକ୍ଷରୁ ସୂଚନା ଦିଆଯାଇଛି।

### ସୋନିର ନୂଆ ହେଡ୍‌ଫୋନ୍

**ନୂଆଦିଲ୍ଲୀ,୨୨।୮:** ସୋନି ଇଣ୍ଡିଆ ପକ୍ଷରୁ ନୂଆ ୱ୍ୟାରଲେସ୍ ହେଡ୍‌ଫୋନ୍ ଡବ୍ଲ୍ୟୁଏଫ୍-୧୦୦୦ ଏକ୍ସଏମ୍୩ ୱ୍ୟାରଲେସ ହେଡ୍‌ଫୋନ୍ ବଜାରକୁ ଆସିଛି। ଏଥିରେ ପ୍ରିମିୟମ ବସ୍ତ୍ର, ଉନ୍ନତ ଧ୍ୱନି ସହିତ ସଙ୍ଗୀତ ଉପଭୋଗ କରିବାର ସୁବିଧା ଗ୍ରାହକ ଲାଭ କରିପାରିବେ। ଏହାର ନୂଆ ଏଚ୍‌ଡି ନଏଜ କ୍ୟାନସେଲିଂ ପ୍ରୋସେସର କ୍ୟୁଏନ୍୧ ଇ ଚିପ୍ ଏବଂ ଡୁଆଲ ନଏଜ ସେନ୍‌ସର ଟେକ୍ନୋଲୋଜି ବାହାର ଧ୍ୱନିକୁ ବନ୍ଦ କରିବାର କ୍ଷମତା ରଖିଥାଏ। ଏଥିରେ ଆକର୍ଷଣୀୟ ବ୍ୟାଟେରି ଲାଇଫ୍ ଏବଂ ତ୍ୱରିତ ଚାର୍ଜ ଫଙ୍କଶନ ମଧ୍ୟ ରହିଛି। ସେନ୍ସ ଇଞ୍ଜିନ ଟେକ୍ନୋଲୋଜି ଦ୍ୱାରା ଏହା ସ୍ମାର୍ଟ ଲିସିନିଂ ଅଭିଜ୍ଞତା ଦେଇଥାଏ। ଏହା ସୋନିର ସମସ୍ତ ଷ୍ଟୋରରେ ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଚାଇନା କମ୍ପାନୀ ଟେଣ୍ଡର ବାତିଲ କଲା ରେଲୱେ

**ନୂଆଦିଲ୍ଲୀ,୨୨।୮**



ଗଲ୍‌ୱାନ ଘାଟିରେ ଚାଇନା ସେନା ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଭାରତ ସରକାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଚାଇନା ଉପରେ କଟକଣା ସ୍ୱରୂପ ପ୍ରାଥମିକ ପର୍ଯ୍ୟାୟରେ ଚାଇନା ଆପ୍ ବ୍ୟାନ୍ ସମେତ ଅନ୍ୟ ପଦକ୍ଷେପ ନିଆଯାଇଛି। ବନ୍ଦେ ଭାରତ ଏକ୍ସପ୍ରେସ୍‌ର ୪୪ ସ୍ୱଳ୍ପ ଦ୍ରୁତଗାମୀ ଟ୍ରେନ୍ ନିର୍ମାଣ କରିବା ଲାଗି ଚାଇନାର ଏକ କମ୍ପାନୀ ବିଡିଂ ଲାଭ କରିଥିଲା। ରେଲୱେ ଏହି ଟେଣ୍ଡରକୁ ଶନିବାର ବାତିଲ କରିଥିବା ଜଣାପଡିଛି। ଏ ନେଇ ପୁଣି ଥରେ ବିଡିଂ ପ୍ରକ୍ରିୟା ଜାରି କରାଯିବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି।

ନୂଆ ଟେଣ୍ଡର ଗୋଟିଏ ସପ୍ତାହ ମଧ୍ୟରେ ଆସିବ ବୋଲି ଶୁଣାଯାଉଛି। ଏଥିରେ ମେକ୍ ଇନ୍ ଇଣ୍ଡିଆକୁ କେନ୍ଦ୍ର ସରକାର ପ୍ରାଥମିକତା ଦେବେ। ଚାଇନାର ଏକ କମ୍ପାନୀ ଭାରତୀୟ କମ୍ପାନୀ ସହ ମିଶି ଏହି ଟେଣ୍ଡର ପୂର୍ବରୁ ଲାଭ କରିଥିବା ଜଣାପଡିଛି। ଫଳରେ କେନ୍ଦ୍ର ସରକାର ଏହାକୁ ବାତିଲ କରି ଦେଇଛନ୍ତି। ଗତ ୬ ମାସ ତଳେ ୪୪ ବନ୍ଦେ ଭାରତ ଟ୍ରେନ ନିର୍ମାଣ ଲାଗି ଟେଣ୍ଡର ଦେଇଥିଲା। ରିପୋର୍ଟ ମୁତାବକ ୧୬ ବଗି ବିଶିଷ୍ଟ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଇଲେକଟ୍ରିକ ଉପକରଣ ଏବଂ ଅନ୍ୟ ସାମଗ୍ରୀ ଲାଗି ୬ କମ୍ପନୀ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ।

ଚାଇନା କମ୍ପାନୀ ସହ ଯୌଥ ଉଦ୍ୟୋଗ ସିଆର୍‌ଆର୍‌ସି ପାୟୋନିୟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଏଥିରେ ଏକମାତ୍ର ବିଦେଶୀ କମ୍ପାନୀ ରହିଥିଲା। ଚାଇନା ସହ ଏହି କମ୍ପାନୀର ସମ୍ପର୍କ ଯୋଗୁ ଟେଣ୍ଡରକୁ ରଦ୍ଦ କରାଯାଇଥିବା ଜଣାପଡିଛି। ଚାଇନା କମ୍ପାନୀ ସିଆର୍‌ଆର୍‌ସି ୟୋଙ୍ଗଜି ଇଲେକଟ୍ରିକ

**ବନ୍ଦେ ଭାରତ ଟ୍ରେନ ଲାଗି ବିଡିଂ ପାଇଥିଲା**

କମ୍ପାନୀ ଲିମିଟେଡ ଏବଂ ଗୁଡଗାଓଁ ଭିତ୍ତିକ ପାୟୋନିୟର ଇଲେକ୍ଟ୍ରିକ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୨୦୧୫ରେ ଯୌଥ ଉଦ୍ୟୋଗ ସ୍ଥାପନ କରିଥିଲେ। ଏକ ରିପୋର୍ଟ ମୁତାବକ କେନ୍ଦ୍ର ସରକାର ଟେଣ୍ଡର ଏକ ଭାରତୀୟ କମ୍ପାନୀକୁ ଦେବାକୁ ଚାହୁଁଛନ୍ତି। ଏହି ପ୍ରକଳ୍ପର ମୂଲ୍ୟ ପ୍ରାୟ ୧୫୦୦ କୋଟି ଟଙ୍କା ହେବ ବୋଲି ଜଣାପଡିଛି।

# ଚପଲ ବିକ୍ରି ବଢ଼ିଛି, ଫର୍ମାଲ କମିଛି

**ନୂଆଦିଲ୍ଲୀ,୨୨।୮**

କରୋନା ପାଇଁ ବର୍ତ୍ତମାନ ଲୋକମାନେ ୱାର୍କଫ୍ରମ୍ ହୋମ୍ କରୁଛନ୍ତି। ଏଥିଲାଗି ଫର୍ମାଲ ଜୋତାର ବିକ୍ରି ହ୍ରାସ ଘଟିଛି। ଅପରପକ୍ଷରେ ଚପଲ ବିକ୍ରି ବୃଦ୍ଧି ହୋଇଥିବା ଶିଳ୍ପ ପକ୍ଷରୁ ସୂଚନା ରହିଛି। ଫ୍ଲିପ୍‌ଫ୍ଲପ୍, ସାଣ୍ଡାଲ ଏବଂ ସ୍ଲାଇଡ ବର୍ଗରେ ବିକ୍ରି ୮୦% ଛୁଇଁଛି, ଯାହା ଲକ୍‌ଡାଉନ ପୂର୍ବର ସ୍ତର ସହ ସମାନ। ଅପରପକ୍ଷରେ ଲୋକମାନେ ଫିଟ୍‌ନେସ୍‌କୁ ଧ୍ୟାନ ଦେଉଥିବାରୁ ସ୍ପୋର୍ଟସ ସୁଜ୍‌ର କ୍ରୟ ମଧ୍ୟ ବଢିଛି। ସ୍କୁଲ କଲେଜ ବନ୍ଦ ଥିବା ବେଳେ ସ୍ପୋର୍ଟସ ସୁଜ୍ ବିକ୍ରି ୨୫% ବଢ଼ିଥିବା ରିଲାକ୍ସୋ ଫୁଟ୍‌ୱେରର ଏମ୍‌ଡି ରମେଶ କୁମାର ଦୁଆ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳରେ ଚପଲ ଚାହିଦା ବଢିଥିବା କମ୍ପାନୀର ମାନୁଫାକ୍‌ଚରିଂ ୟୁନିଟ ପୂର୍ଣ୍ଣ କ୍ଷମତା ସହ ପରିଚାଳିତ ହେଉଥିବା ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ଗ୍ରାହକଙ୍କ କ୍ରୟ ବ୍ୟବହାରରେ ପରିବର୍ତ୍ତନ ଆସିଥିବା ବେଳେ ୫୦୦ ଟଙ୍କାରୁ କମ୍ ଦାମ ପ୍ରକଳ୍ପ କ୍ରୟ ନେଇ ଲୋକମାନେ ବେଶି ଆଗ୍ରହ ଦେଖାଉଥିବା ବାଟା



ଇଣ୍ଡିଆର ସିଇଓ ସନ୍ଦୀପ କାଟାରିଆ ସୂଚନା ଦେଇଛନ୍ତି। ସେହିଭଳି ଯୁବବର୍ଗଙ୍କ ମଧ୍ୟରେ ସ୍ଲାଇଡ୍ ଚାହିଦା ରହିଥିବା ପୁମା ଇଣ୍ଡିଆର ଜିଏମ୍ ଅଶୋକ ଗାଙ୍ଗୁଲି ସୂଚନା ଦେଇଛନ୍ତି। ସେହିଭଳି ଓପନ ଟଏ ବିକ୍ରି ଉନ୍ନତ ରହିଥିବା ମେଟ୍ରୋ ବ୍ରାଣ୍ଡର ଭିପି ଆଲିଶା ମଲ୍ଲିକ ସୂଚନା ଦେଇଛନ୍ତି।

## ସି.ଭି.ରମଣରେ ‘ଷ୍ଟୁଡେଣ୍ଟ ଚାପ୍ଟର’



**ଭୁବନେଶ୍ୱର,୨୨।୮:** ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଭାରତ ସରକାରଙ୍କ ଫାୟାର ଏବଂ ସିକ୍ୟୁରିଟି ଆସୋସିଏସନ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏଆଇ) ପକ୍ଷରୁ ଏକ ‘ଷ୍ଟୁଡେଣ୍ଟ ଚାପ୍ଟର’ର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ବର୍ତ୍ତମାନ ସମୟରେ ଅଗ୍ନି ନିରାପଦକୁ ଦୃଷ୍ଟିରେ ରଖି ଏଫ୍‌ଏସ୍‌ଏଆଇ ସହ ମିଳିତ ହୋଇ କ୍ୟାମ୍ପସ ପରିସରରେ ଏକ ଅତ୍ୟାଧୁନିକ ଅଗ୍ନି ନିରାପତ୍ତା ଟ୍ରେନିଂ ସେଣ୍ଟର ତିଆରି କରାଯିବ। ଏହି ଷ୍ଟୁଡେଣ୍ଟ ଚ୍ୟାପ୍ଟରକୁ ଏଫ୍‌ଏସ୍‌ଏଆଇର ସଭାପତି ସୁରେଶ ମେନନ, ଚେୟାରମ୍ୟାନ ପଙ୍କଜ ଧରକର, ସେକ୍ରେଟାରି ପୂର୍ବ ଏଫ୍‌ଏସ୍‌ଏଆଇର ରିଜିଓନାଲ ଡାଇରେକ୍ଟର ଅନୁପମ ମଜୁମଦାର, ଏଫ୍‌ଏସ୍‌ଏଆଇ ଛାତ୍ର ସଂଘର ଚେୟାରମ୍ୟାନ କେ ବାଲସୁବ୍ରମଣ୍ୟମ, ଏଫ୍‌ଏସ୍‌ଏଆଇ ଛାତ୍ର ସଂଘର ଭାଇସ-ଚେୟାରମ୍ୟାନ ଡ. ରକେଶ ଆର୍ଯ୍ୟା, ଏଫ୍‌ଏସ୍‌ଏଆଇ ଭୁବନେଶ୍ୱରର ଜଏଣ୍ଟ ସେକ୍ରେଟେରି ରମାବଲ୍ଲଭ ସ୍ୱାଇଁ, ଇଞ୍ଜିନିୟର ଇନ୍ ଚିଫ୍ ସିଭିଲ ଭୁବନେଶ୍ୱର ଶାଖାର ସଞ୍ଜୀବ କୁମାର ରାଉତ, ଭାଇସ ଚ୍ୟାନ୍‌ସେଲର ଡ. ଭବେଶ ଭଟ୍ଟାଚାର୍ଯ୍ୟ, ଆଡ୍‌ଭାଇଜର ଶିବାଶିଷ ମୈତୀ, ଛାତ୍ର ସଂଘର ଡିନ୍ ପ୍ରସତି ମିଶ୍ର ପ୍ରମୁଖ ଭର୍ଚୁଆଲ ଭିଡିଓ ମାଧ୍ୟମରେ ଯୋଗ ଦେଇଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ ଇ-ରାଜଭାଷା ସେମିନାର

**ଭୁବନେଶ୍ୱର,୨୨।୮:** ଦେଶର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଇ-ରାଜଭାଷା ସେମିନାର ସ୍ଥାନୀୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗର କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବକ୍ଷେତ୍ର) କୋଲକାତାର ନିର୍ମଳ କୁମାର ଦୁବେ ମୁଖ୍ୟ ଅତିଥି ଏବଂ ବକ୍ତା ଭାବରେ ଯୋଗ ଦେଇଥିଲେ। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ରଞ୍ଜିତ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରର ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଯାଇଛି। ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରର ସଦସ୍ୟ ସଚିବ ଆଲୋକ ଚତୁର୍ବେଦୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦନ ହୋଇଥିଲା।

## ଜୈବିକ ଚାଷକୁ ନେଇ ସୋଆର ଗବେଷଣା

**ଭୁବନେଶ୍ୱର,୨୨।୮**

ତୁଳସୀ ପତ୍ରର ଉପକାରିତା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଗବେଷକ ଗବେଷଣା ଚଳାଇଛନ୍ତି। କରୋନାରୁ ରକ୍ଷାପାଇବା ପାଇଁ ମଣିଷ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବା କ୍ଷେତ୍ରରେ ତୁଳସୀର ଅନେକ ଉପକାରିତା ରହିଥିବା ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏ ନେଇ ସୋଆର ସେଣ୍ଟର ଫର୍ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଜୈବିକ ପଦ୍ଧତିରେ ତୁଳସୀ ଚାଷ ଏବଂ ଏହାର ମାନବୃଦ୍ଧିକୁ ନେଇ ଗବେଷଣା ଆରମ୍ଭ ହୋଇଛି। କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ତୁଳସୀର ଉପକାରିତା ସମ୍ବନ୍ଧୀୟ ଗବେଷଣା ଏବଂ ତୁଳସୀର ଜୈବିକ ଚାଷ ନିମନ୍ତେ ସୋଆର ସେଣ୍ଟର ଫର ବାୟୋଟେକ୍ନୋଲୋଜିକୁ ଏକ ପ୍ରୋଜେକ୍ଟ ପ୍ରଦାନ କରାଯାଇଥିଲା। ଏ ଦିଗରେ ଆବଶ୍ୟକ ଗବେଷଣା ସୋଆ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭାଗର ପ୍ରଫେସର ତଥା



ପ୍ରୋଜେକ୍ଟ ଇନ୍‌ଭେଷ୍ଟିଗେଟର ଡ. ବାସୁଦେବ କର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଏହା କେବଳ କରୋନା ମହାମାରୀ ମୁକାବିଲା ପାଇଁ ନୁହେଁ ବରଂ ଚାଷୀମାନଙ୍କୁ ମଧ୍ୟ ଆତ୍ମନିର୍ଭର କରାଇବା ନିମନ୍ତେ ଜୈବିକ ପଦ୍ଧତିରେ ତୁଳସୀ ଚାଷ ମଧ୍ୟ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାଦ୍ୱାରା ଚାଷୀମାନେ କିଭଳି ଲାଭ ପାଇପାରିବେ ସେ ନେଇ ମଧ୍ୟ ତାଲିମ ଦିଆଯାଉଛି। ଚାଷୀମାନଙ୍କୁ ମାଗଣା ମଞ୍ଜି ଏବଂ ତୈଳ ଉତ୍ପାଦନ ନିମନ୍ତେ ଆବଶ୍ୟକୀୟ ମେଶିନ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରାଯାଉଛି। ଖୋର୍ଦ୍ଧା ଜିଲାର ଅଙ୍ଗାରପଡା, ଛତାବର ଓ ମେଣ୍ଢାଶାଳ ଭଳି ୩ଟି ଗ୍ରାମ ପଞ୍ଚାୟତରେ ଏହି ଜୈବିକ ଚାଷ ଆରମ୍ଭ କରାଯାଇଥିବା କର ସୂଚନା ଦେଇଛନ୍ତି। ସେହିଭଳି ଏହି ପ୍ରୋଜେକ୍ଟର କୃଷି ଉପଦେଷ୍ଟା ପ୍ରଫେସର ନିରଞ୍ଜନ ନାୟକ ଏବଂ ପ୍ରଫେସର କର ଗବେଷଣାରତ ଟିମ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟକୁ ତଦାରଖ କରୁଛନ୍ତି।

# ରାଜ୍ୟ ଖବର

### ଅଟକିଲା ଦୁରନ୍ତୋ ଏକ୍ସପ୍ରେସ, କାରଣ ଅସ୍ପଷ୍ଟ

**ବ୍ରହ୍ମପୁର ଅଫିସ,୨୨।୮:** ବ୍ରହ୍ମପୁର ଦେଇ ଯାଉଥିବା ଦୁରନ୍ତ ଏକ୍ସପ୍ରେସ (ହାୱଡା-ବେଙ୍ଗାଲୁରୁ) ଶନିବାର ସନ୍ଧ୍ୟାରେ ଆମ୍ବପୁଆ ଲେବଲ କ୍ରସିଂରେ ହଠାତ୍ ଅଟକି ଯାଇଥିଲା। ଯାତ୍ରୀମାନେ କିଛି ବୁଝିପାରି ନ ଥିବାବେଳେ ଉଭୟ ପଟେ ଅଟକି ରହିଥିବା ଲୋକମାନେ ମଧ୍ୟ ଟ୍ରେନ ରହିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। କିଛି ଯାତ୍ରୀ ବାହାରକୁ ଆସି କାହିଁକି ଟ୍ରେନ ଅଟକିଲା ବୋଲି ଗେଟ୍‌ମ୍ୟାନ୍‌ଙ୍କୁ ପଚାରିଥିଲେ। କେହି ଜଣେ ବ୍ୟକ୍ତି ଚେନ୍ ଟାଣି ଦେବାରୁ ଟ୍ରେନ ରହିଥିବା ସନ୍ଦେହ କରାଯାଉଛି। କିନ୍ତୁ ସେ ଦିଗରେ କେହି କିଛି ସ୍ପଷ୍ଟ କରୁ ନାହାନ୍ତି। ପ୍ରାୟ ୧୫ମିନିଟ ପରେ ପୁଣିଥରେ ଟ୍ରେନ୍ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଥିଲା। ବ୍ରହ୍ମପୁର ଦେଇ ଏହି ଟ୍ରେନ ସନ୍ଧ୍ୟା ୭ଟା ବେଳେ ଯାଇଥାଏ। କିନ୍ତୁ ଶନିବାର ୧୫ମିନିଟ ବିଳମ୍ବ ଅର୍ଥାତ ୭ଟା ୧୫ରେ ବ୍ରହ୍ମପୁର ଷ୍ଟେଶନ ଦେଇ ଦୁରନ୍ତ ଏକ୍ସପ୍ରେସ ଯାଇଥିବା ସୂଚନା ମିଳିଛି।

# ସ୍ୱାଭାବିକ ହେବ ତଳ କୋର୍ଟ କାର୍ଯ୍ୟ

**କଟକ ଅଫିସ,୨୨।୮**

କରୋନା କଟକଣା ଭିତରେ କୋର୍ଟଗୁଡ଼ିକ କିଭଳି କାର୍ଯ୍ୟ କରିବେ, ସେନେଇ ହାଇକୋର୍ଟର ଫୁଲ୍‌କୋର୍ଟ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ ହାଇକୋର୍ଟ କାର୍ଯ୍ୟ ସୀମିତ ରହିବ। ପୂର୍ବରୁ ଏହା ଅଗଷ୍ଟ ୨୧ ଯାଏ ଥିବାବେଳେ ରାଜ୍ୟରେ କରୋନା ସ୍ଥିତିକୁ ଦେଖି କଟକଣା ଅବଧିକୁ ବୃଦ୍ଧି କରାଯାଇଛି। ପୂର୍ବରୁ ନିମ୍ନ କୋର୍ଟଗୁଡ଼ିକ କାର୍ଯ୍ୟକୁ ଅନେକାଂଶରେ ସୀମିତ ରଖାଯାଇଥିଲା। ହେଲେ ଏଥିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ସାରା ରାଜ୍ୟରେ ଏଣିକି ସମସ୍ତ ନିମ୍ନକୋର୍ଟ ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ।

ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ କେବଳ ଭର୍ଚୁଆଲ୍ ମୋଡ୍ ବା ଭିଡିଓ କନଫରେନ୍ସ ଜରିଆରେ ହିଁ ହାଇକୋର୍ଟରେ ମାମଲା

**ହାଇକୋର୍ଟଙ୍କ ଫୁଲ୍‌କୋର୍ଟରେ ନିଷ୍ପତ୍ତି**



- ସମସ୍ତ ମାମଲାର ଶୁଣାଣି ହୋଇପାରିବ
- ଆବଶ୍ୟକ ସ୍ଥଳେ ଫିଜିକାଲ୍ ହିୟରିଂ
- ୧୯ ଯାଏ ସୀମିତ ରହିବ ହାଇକୋର୍ଟ କାର୍ଯ୍ୟ

ଶୁଣାଣି କରାଯିବ। ଉଭୟ ପୁରୁଣା ଓ ନୂଆ ମାମଲାର ଶୁଣାଣି ହୋଇପାରିବ। ଶୁଣାଣି ହେବାକୁ ଥିବା ମାମଲାର ତାଲିକା ପ୍ରସ୍ତୁତ କରିବାକୁ ରେଜିଷ୍ଟ୍ରାରଙ୍କୁ ଦାୟିତ୍ୱ ଦିଆଯାଇଛି। ନୂତନ ଭାବେ ଦାଏର ମାମଲା ସମ୍ପର୍କରେ ଆଇନଜୀବୀ ଓ ମହକିଲଙ୍କୁ ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ୍)ଙ୍କୁ ସୂଚନା ଦେବାକୁ ହେବ। କେବଳ ଇ-ଫାଇଲିଂ, ଇ-ମେଲ୍ ଓ ଡ୍ରପ୍‌ବକ୍ସ ଜରିଆରେ ହିଁ ନୂତନ ମାମଲା ଓ ସତ୍ୟପାଠ ଦାଖଲ ହୋଇପାରିବ। ଅନ୍ୟପକ୍ଷରେ ସମସ୍ତ ନିମ୍ନକୋର୍ଟ ଓ ଟ୍ରିବ୍ୟୁନାଲ ପୂର୍ବ ନିୟମିତ ସମୟରେ କାର୍ଯ୍ୟ କରିବ। ଭର୍ଚୁଆଲ୍ ମୋଡ୍‌ରେ ଶୁଣାଣିକୁ ଗୁରୁତ୍ୱ ଦିଆଯିବ। ନେଟ୍ ସମସ୍ୟା ଯୋଗୁ ଭର୍ଚୁଆଲ ମୋଡ୍ ସମ୍ଭବ ନ ହେଲେ ଫିଜିକାଲ୍ ହିୟରିଂ ହୋଇପାରିବ। ନିମ୍ନକୋର୍ଟରେ ସମସ୍ତ ପ୍ରକାର କାର୍ଯ୍ୟ ଯେପରି ବିଚାରାଧୀନ କଏଦୀଙ୍କ ଶୁଣାଣି, ଦେୱାନି ମାମଲାର ଶୁଣାଣି, ସାକ୍ଷ୍ୟ ଗ୍ରହଣ ଓ ପୁରୁଣା ମାମଲାର ଶୁଣାଣି ହୋଇପାରିବ। ଅତି ଜରୁରୀ ନ ଥିଲେ ଅଭିଯୁକ୍ତଙ୍କୁ କୋର୍ଟ ଆଣିବାକୁ ବାରଣ କରାଯାଇଛି। କିନ୍ତୁ ଅଭିଯୁକ୍ତଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ହାଜର କରିବାକୁ ହେବ। ଶୁଣାଣି ସମୟର ଅବଧିକୁ କମାଇବା ପାଇଁ ଲିଖିତ ଯୁକ୍ତିକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଶୁଣାଣି ତାଲିକା ଓ ପରବର୍ତ୍ତୀ ଶୁଣାଣି ତାରିଖ ସମ୍ପର୍କରେ ନିୟମିତ ଜିଲା କୋର୍ଟର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ। ଯେଉଁ ସ୍ଥାନରେ ଲକ୍‌ଡାଉନ କିମ୍ବା ଶଟ୍‌ଡାଉନ ଘୋଷଣା ହୋଇଛି, ସେଠାରେ ପୂର୍ବବତ୍ କୋର୍ଟ କାର୍ଯ୍ୟ ସୀମିତ ରହିବ। ଯେଉଁ ସ୍ଥାନରେ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି, ସେଠାରେ କୋର୍ଟ କାର୍ଯ୍ୟ ବାତିଲ୍ ରହିବ ବୋଲି ନିର୍ଦ୍ଦେଶ ରହିଛି।

## କାର୍ଯ୍ୟକାରୀ ହେବ ୬୦୨କୋଟିର ବନ ପ୍ରକଳ୍ପ

**ଭୁବନେଶ୍ୱର, ୨୨।୮(ବ୍ୟୁରୋ):** ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ୨୦୨୦-୨୧ ଆର୍ଥିକ ବର୍ଷରେ ୬୦୨କୋଟି ଟଙ୍କାର ବନ ପ୍ରକଳ୍ପ କାର୍ଯ୍ୟକାରୀ କରିବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜନା କମିଟି ଦ୍ୱାରା ଏସବୁ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ଏକ୍ଷେତ୍ରରେ ୭୦କୋଟି ବିନିଯୋଗ କରାଯାଇଥିଲା। ଚାରା ରୋପଣ, ଚାରା ଉତ୍ପାଦନ, ମୃତ୍ତିକା ଆର୍ଦ୍ରତା ସଂରକ୍ଷଣ, ଜଙ୍ଗଲ ଚତୁଃପାର୍ଶ୍ୱରେ ଟ୍ରେଞ୍ଚ ଖନନ, ମୂଲ୍ୟବାନ କାଠ ଉଦ୍ଧାର, ଜଙ୍ଗଲ ରାସ୍ତା ନିର୍ମାଣ ଆଦି ବନ ପ୍ରକଳ୍ପଗୁଡ଼ିକ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜନା କମିଟି ମଞ୍ଜୁରୀ ପ୍ରଦାନ କରିଥାଏ। ତେବେ ଚଳିତବର୍ଷ ପ୍ରଥମଥର ପାଇଁ ଏହି ଯୋଜନାରେ ଜଙ୍ଗଲ ରାସ୍ତା ମରାମତି କାର୍ଯ୍ୟ ହାତକୁ ନିଆଯାଇଛି। ଏଥିସହ ୪୦ହଜାର ହେକ୍ଟର ପରିମିତ ଅଞ୍ଚଳରେ ଚାରା ରୋପଣ ଓ ୫ ହଜାର କିମି ବୃକ୍ଷରୋପଣ କାର୍ଯ୍ୟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ସମସ୍ତ ହିତାଧିକାରୀଙ୍କୁ ୩ କୋଟି ୫୦ ଲକ୍ଷର ଚାରା ବଣ୍ଟନ କରାଯିବ। ଅଗଷ୍ଟ ୧୫ ସୁଦ୍ଧା ୧୭ହଜାର ୩୪୦ ହେକ୍ଟର ପରିମିତ ଅଞ୍ଚଳରେ ଚାରା ରୋପଣ, ୨ହଜାର ୬୮୭ କିମି ବୃକ୍ଷରୋପଣ ଏବଂ ୫୮ଲକ୍ଷ ଚାରା ବଣ୍ଟନ କାର୍ଯ୍ୟ ସରିଛି। ମୋଟ ୬୫କୋଟି ଟଙ୍କା ବିନିଯୋଗ ହୋଇସାରିଥିବାବେଳେ ୩୫ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ଗତ ଆର୍ଥିକ ବର୍ଷରେ ବନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ମୋଟ ୮୬ କୋଟି ଟଙ୍କା ବିନିଯୋଗ କରିଥିଲା। ଜଙ୍ଗଲ ପରିସୀମା ବୃଦ୍ଧି, ଜୈବ ବିବିଧତା ଓ ଜୈବ ମଣ୍ଡଳର ସୁରକ୍ଷା ପାଇଁ ପଦକ୍ଷେପ ବ୍ୟତୀତ ଚଳିତବର୍ଷ କୋଭିଡ୍ ମହାମାରୀ ସମୟରେ ବହୁ ପ୍ରବାସୀ ଶ୍ରମିକଙ୍କୁ କାମ ଧନ୍ଦା ଓ ଜୀବୀକା ଯୋଗାଇ ଦେବା ଦିଗରେ ବିଭାଗର ଅବଦାନ ମହତ୍ତ୍ୱପୂର୍ଣ୍ଣ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

# କମ୍ ଜମିରେ ଅଧିକ ମାଛ ଉତ୍ପାଦନ

**ଭୁବନେଶ୍ୱର,୨୨।୮(ବ୍ୟୁରୋ)**

ଶିକ୍ଷିତ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବାୟୋଫ୍ଲକ ପଦ୍ଧତି ମାଧ୍ୟମରେ ସଘନ ମାଛ ଚାଷ ପ୍ରୋତ୍ସାହନ ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି। ରାଜ୍ୟର ଉଦ୍ୟୋଗୀ, ଶିକ୍ଷିତ ବେକାର ଯୁବବର୍ଗ ଏବଂ ଆଗ୍ରହୀ ମତ୍ସ୍ୟଚାଷୀଙ୍କୁ ଜୀବିକା ଦେବା ସହ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ଏହି ନୂତନ ଜ୍ଞାନକୌଶଳ କାର୍ଯ୍ୟକାରୀ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅଧିକ ଜମି ଓ ଜଳ ସମ୍ପଦ ଉପଯୋଗ ନ କରି ସୀମିତ ସ୍ଥାନରେ ମାଛ, ଚିଙ୍ଗୁଡ଼ି ଉତ୍ପାଦନ ଲକ୍ଷ୍ୟରେ ବାୟୋଫ୍ଲକ୍ ଏକ ନୂତନ ଜ୍ଞାନ କୌଶଳ। ସ୍ୱଳ୍ପ ଜମି(୧୫୦ରୁ ୨୦୦ ବର୍ଗ ମିଟର ପରିମିତ ଜମି) ଏବଂ ସହରାଞ୍ଚଳରେ ଯୋଗାଇ ଦିଆଯାଉଥିବା ପାଇପ ଜଳ କିମ୍ବା ନଳକୂପର ଜଳକୁ ଉପଯୋଗ କରି ଜଣେ ଚାଷୀ ସ୍ୱଳ୍ପ ଅର୍ଥରେ ଏହି ପଦ୍ଧତିରେ ମାଛ ଚାଷ କରିପାରିବେ। ରୋଜଗାର ସୃଷ୍ଟି ତଥା ଜୀବିକା ସହାୟତା ଲକ୍ଷ୍ୟରେ ମତ୍ସ୍ୟଚାଷୀ ଏବଂ ଯୁବ ଉଦ୍ୟୋଗୀମାନଙ୍କ ପାଇଁ

**ଯୁବ ବର୍ଗଙ୍କ ପାଇଁ ବାୟୋଫ୍ଲକ୍ ଯୋଜନା**

ଏହା ଲାଭଦାୟକ ହୋଇପାରିବ।

ବାୟୋଫ୍ଲକ ପଦ୍ଧତି ସ୍ଥାନୀୟ ବଜାର ଚାହିଦା ଥିବା ମଧୁର ଜଳ ମାଛ ଯେପରି ଗିଫ୍ଟ ତିଲାପିଆ, ମାଗୁର, ଜଳଙ୍ଗ, କଉ, ବିଲାତି ରୋହି ଆଦି ମାଛ ଉତ୍ପାଦନ ନିମନ୍ତେ ଉପଯୁକ୍ତ। ବାୟୋଫ୍ଲକ କୁଣ୍ଡରେ ବର୍ଜ୍ୟ ଜୈବ୍ୟପଦାର୍ଥ ଯଥା ଅବ୍ୟବହୃତ ଖାଦ୍ୟକୁ ପ୍ରୋବାୟୋଟିକ ଏବଂ ତରଳ ଗୁଡ଼ ଭଳି ଅଙ୍ଗାର ଉତ୍ସର ମିଶ୍ରଣ ଦ୍ୱାରା ପୁନଃ ମାଛର ଖାଦ୍ୟ ରୂପେ ପ୍ରସ୍ତୁତ କରାଯାଇ ପାରିବ। ପ୍ରଚଳିତ ମାଛ ଚାଷ ପଦ୍ଧତିରେ ୧ ଏକର ପରିମିତ ପୋଖରୀରୁ ୬ ମାସରେ ୨ ହଜାର କିଲୋ ମାଛ ଉତ୍ପାଦନ କରାଯାଇ ପାରୁଥିବା ବେଳେ ମାତ୍ର ୧୫୦ରୁ ୨୦୦ ବର୍ଗ ମିଟର ମଧ୍ୟରେ ସମପରିମାଣର ମାଛ ଉତ୍ପାଦନ ହୋଇପାରିବ। ଏହା ଯେ କୌଣସି ଉଚ୍ଚସ୍ଥାନ, ଛାତ ଉପରେ କିମ୍ବା ଘର ପଛ ପାଖରେ ଥିବା ଖୋଲା ଜାଗାରେ ମଧ୍ୟ କରାଯାଇ ପାରିବ। ଦୁଇଟି ବାୟୋଫ୍ଲକ କୁଣ୍ଡ ପାଇଁ ୧.୫୦ ଲକ୍ଷ ଟଙ୍କା ଏବଂ ୬ଟି କୁଣ୍ଡ ପାଇଁ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ରାଜ୍ୟ ସରକାର ୪୦ ପ୍ରତିଶତ ରିହାତି ଯୋଗାଇ ଦେବା ବ୍ୟବସ୍ଥା ଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ୬୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି।

# ପୋଡ଼ିଦେଲେ ଟ୍ରକ୍, ଟ୍ରାକ୍ଟର

**ହିଞ୍ଜିଳିକାଟୁ,୨୨।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ତଥା ପୁରୁଷୋତ୍ତମପୁର ତହସିଲ କୋଳିଦାସପୁରରେ ଶୁକ୍ରବାର ରାତିରେ ବାଲି ଚାଲାଣକୁ ନେଇ ତୁମୁଳକାଣ୍ଡ ଘଟିଛି। ଉତ୍ୟକ୍ତ ଲୋକେ ୩ ଟ୍ରକ୍, ଗୋଟିଏ ଟ୍ରାକ୍ଟରକୁ ପୋଡି ଦେଇଛନ୍ତି। ଏଥିସହ ବାଲି ମାଫିଆଙ୍କ ୨ ବାଇକ୍‌ରେ ନିଆଁ ଲଗାଇ ଦେବାସହ ଏକ ଜେସିବି ଭଙ୍ଗାରୁଜା କରିଛନ୍ତି। ଶନିବାର ଗ୍ରାମରେ ଉତ୍ତେଜନା ସହ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।





ଋଷିକୁଲ୍ୟା ନଦୀ କୋଳିଦାସପୁର ଘାଟରୁ ବେଆଇନ ବାଲି ଚାଲାଣ ହେଉଛି। ପାଖ ଗ୍ରାମ ପ୍ରତି ବନ୍ୟା ଆଶଙ୍କା ଥିବା ଦର୍ଶାଇ ଗ୍ରାମବାସୀ ଏହାକୁ ବିରୋଧ କରି ଆସୁଛନ୍ତି। ପ୍ରାୟ ମାସେ ତଳେ ଗ୍ରାମରେ ବାଲି ଉଠାଣକୁ ନେଇ ବୈଠକ ହୋଇଥିଲା। ବହୁ ଗ୍ରାମବାସୀ ବାଲି ଉଠାଣକୁ ବିରୋଧ କରିଥିବାବେଳେ କେତେଜଣ ସମର୍ଥନ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ୨ ଗୋଷ୍ଠୀ ହୋଇଥିଲେ। ସପକ୍ଷ ଗୋଷ୍ଠୀ ମାଫିଆଙ୍କ ସହ ମିଶି ବାଲି ଚାଲାଣ କରି ଆସୁଥିଲେ। ବହୁ ଲୋକଙ୍କ ବିରୋଧ ସତ୍ତ୍ୱେ ବାଲି ମାଫିଆ ଗତ କିଛିଦିନ ହେଲା ରାତିରେ ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରୁଥିଲେ। ରାଜସ୍ୱ ବିଭାଗ, ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲା। ଏହାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିଲା। ଶୁକ୍ରବାର ରାତିରେ ବାଲିମାଫିଆ ଓ ବାଲି ଚାଲାଣକୁ ବିରୋଧ କରୁଥିବା ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଗ୍ରାମବାସୀଙ୍କ ସଂଖ୍ୟା ଅଧିକ ଥିବାରୁ ମାଫିଆ ଓ ଟ୍ରକ୍ ଏବଂ ଟ୍ରାକ୍ଟର ଚାଳକ ଗାଡି ଛାଡି ଦୌଡ଼ି ପଳାଇଥିଲେ। ପରେ ଉତ୍ୟକ୍ତ ଲୋକେ ବାଲି ମାଫିଆଙ୍କ ୨ ବାଇକ୍, ୩ ଟ୍ରକ୍ ଓ ଗୋଟିଏ ଟ୍ରାକ୍ଟରରେ ନିଆଁ ଲଗାଇ ଦେଇଥିଲେ। ବାଲି ଉଠାଣ ପାଇଁ ବ୍ୟବହୃତ ଜେସିବିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ।

**ବାଲି ଚାଲାଣକୁ ବିରୋଧ**

ଏନେଇ ବାଲି ନେଉଥିବା ରାମକୃଷ୍ଣ ବରଡ଼ ଶନିବାର ଥାନାରେ ଏତଲା ଦେଇଛନ୍ତି। ମନ୍ଦିର କାମ ପାଇଁ ବାଲି ଉଠାଯାଉଥିବାବେଳେ କେତେଜଣ ବ୍ୟକ୍ତି ଆସି ଦାଦାବଟି ମାଗିଥିଲେ। ମନା କରିବାରୁ ଗାଡି ପୋଡି ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ମାମଲା (ନଂ.୨୮୯/୨୦) ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି।

ଧରିତ୍ରୀ
DHARITRI
ରବିବାର, ୨୩ ଅଗଷ୍ଟ, ୨୦୨୦

**ଅନୁଚ୍ଛେଦ ୩୭୦ ଫେରାଇ ଆଣିବାକୁ ୬ ଦଳର ପ୍ରତିଜ୍ଞା**

ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବା ଅସାମ୍ବିଧାନିକ। ଜମ୍ମୁ-କଶ୍ମୀରରେ ୨୦୧୯ ଅଗଷ୍ଟ ୫ ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ସେଠାର ୬ ରାଜନୈତିକ ଦଳ ପ୍ରତିଜ୍ଞା କରିଛନ୍ତି। ଏହା ସେମାନଙ୍କର ଦିବାସ୍ୱପ୍ନ ବୋଲି ଭାଜପା କହିଛି। 'ଗୁପ୍‌କାର ଘୋଷଣାନାମା-୨' ଗଣମାଧ୍ୟମରେ ପ୍ରସାରିତ ହୋଇଛି, ଯେଉଁଥିରେ ଏନ୍‌ସି ନେତା ଫାରୁକ୍ ଅବଦୁଲା, ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଓ ଅନ୍ୟ ନେତାମାନେ ସ୍ୱାକ୍ଷର କରିଛନ୍ତି।





କୋଲକାତାର ଏକ ପୂଜାମଣ୍ଡପରେ ଜଣେ ଶ୍ରଦ୍ଧାଳୁ ପିପିଇ କିଟ୍ ପିନ୍ଧି ଗଣେଶଙ୍କୁ ପୂଜା କରୁଛନ୍ତି।

## କିନ୍ନରଙ୍କ ପାଇଁ ଜାତୀୟ ପରିଷଦ ଗଠିତ

ନୂଆଦିଲ୍ଲୀ, ୨୨।୮(ପି.ଟି.)

କିନ୍ନରମାନଙ୍କ ପାଇଁ ନୀତି, କାର୍ଯ୍ୟକ୍ରମ ନିର୍ଦ୍ଧାରଣ, ଆଇନ ପ୍ରଣୟନ ଓ ପ୍ରକଳ୍ପ ଆଦି ଯୋଜନା ପ୍ରସ୍ତୁତ ଲାଗି କେନ୍ଦ୍ର ସରକାର ଏକ ଜାତୀୟ ପରିଷଦ ଗଠନ କରିଛନ୍ତି। କିନ୍ନର ସୁରକ୍ଷା ଅଧିକାର ଆଇନ,୨୦୧୯ରେ ପ୍ରଦତ୍ତ କ୍ଷମତା ବଳରେ କେନ୍ଦ୍ର ସରକାର ଉକ୍ତ ପରିଷଦ ଗଠନ କରିଥିବା ଗେଜେଟ ବିଜ୍ଞପ୍ତିରେ କୁହାଯାଇଛି। ଏହି ପରିଷଦ କେନ୍ଦ୍ର ସରକାରଙ୍କୁ କିନ୍ନରମାନଙ୍କ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ ଲାଗି ପରାମର୍ଶ ଦେବ। କିନ୍ନରଙ୍କ ଜୀବନ ଧାରଣ ମାନରେ ଉନ୍ନତି ଲାଗି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମର କିଭଳି ପ୍ରଭାବ ଉକ୍ତ ସମ୍ପ୍ରଦାୟ ଉପରେ ପଡୁଛି ତାହାର ଅନୁଧ୍ୟାନ କରିବ ଉକ୍ତ ପରିଷଦ।

# ଆଇଏସ୍ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୨୨।୮(ପି.ଟି.)

ଦିଲ୍ଲୀରୁ ଜଣେ ସନ୍ଦିଗ୍ଧ ଆଇଏସ୍ ଆତଙ୍କବାଦୀଙ୍କୁ ପୋଲିସ ଗିରଫ କରିଛି। ଫଳରେ ରାଜଧାନୀର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପୋଲିସ ପଣ୍ଡ କରିଦେଇଛି। ଗିରଫ ପୂର୍ବରୁ ଆତଙ୍କବାଦୀ ଓ ପୋଲିସ ମଧ୍ୟରେ କିଛି ସମୟ ଗୁଳି ବିନିମୟ ହୋଇଥିଲା। ମହମ୍ମଦ ମୁସ୍ତାକିମ୍ ଖାନ୍ ଓରଫ ଅବୁ ୟୁସୁଫ୍ ନାମକ ଏହି ସନ୍ଦିଗ୍ଧ ଆତଙ୍କବାଦୀଙ୍କଠାରୁ ଦୁଇଟି ପ୍ରେସର କୁକର ଆଇଇଡି ଏବଂ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ତାଙ୍କ ଘର ଉତ୍ତରପ୍ରଦେଶର ବଳରାମପୁର ଅଞ୍ଚଳରେ। ଶୁକ୍ରବାର ରାତିରେ ଧୌଲା କୁଆଁ ଓ କାରୋଲବାଗ୍ ମଧ୍ୟରେ ଥିବା ରିଜ୍ ରୋଡ୍‌ରୁ ଦିଲ୍ଲୀ ପୋଲିସ୍‌ର ସ୍ପେଶାଲ ସେଲ୍ ତାଙ୍କୁ ଗିରଫ କରିଛି।

ଖାନ୍ ଅଗଷ୍ଟ ୧୫ରେ ଦିଲ୍ଲୀରେ ଆକ୍ରମଣ କରିବାକୁ ଯୋଜନା ରଖିଥିଲେ।



ସାଦା ପୋଷାକଧାରୀ ପୋଲିସ ସହ ଗିରଫ ଆତଙ୍କବାଦୀ ମହମ୍ମଦ ମୁସ୍ତାକିମ୍ ଖାନ୍(ମଝି)।

- ବଡ଼ ଆକ୍ରମଣ ଯୋଜନା ପଣ୍ଡ
- ଦିଲ୍ଲୀ-ନଏଡ଼ା, ୟୁପିରେ ହାଇ ଆଲର୍ଟ

ତେବେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଯୋଗୁ ସେ ଯୋଜନା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଥିଲେ। ଖାନ୍ ଆଇଏସ୍ ପରିଚାଳକମାନଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ଭାରତରେ ଆତଙ୍କବାଦୀ ଆକ୍ରମଣ ଯୋଜନା ପ୍ରସ୍ତୁତ କରିବା ଲାଗି ତାଙ୍କୁ ସଂଗଠନ ଦାୟିତ୍ୱ ଦେଇଥିଲା। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣର ଜବାବ ଦେବା ଲାଗି ଆକ୍ରମଣ ଯୋଜନା ହୋଇଥିଲା ବୋଲି ଖାନ୍ ସ୍ୱୀକାର କରିଛନ୍ତି। ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ-ନଏଡ଼ା ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯିବା ସହ ଆତଙ୍କବାଦୀଙ୍କ ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରହିଛି। ଖାନ୍‌ଙ୍କୁ ୮ ଦିନ ପାଇଁ ପୋଲିସ ରିମାଣ୍ଡରେ ନେଇ ଜେରା କରୁଛି।

# ଖେଳନାରେ ବିଆଇଏସ୍ ମାନ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୨।୮

- ସେପ୍ଟେମ୍ବରରୁ ବିଆଇଏସ୍ ମାନ ପୂରଣ କରୁ ନ ଥିବା ଖେଳନା ବିକ୍ରି ବନ୍ଦ
- ଚାଇନା କମ୍ପାନୀକୁ ଆଉ ଏକ ଝଟକା

୧୪ ବର୍ଷରୁ କମ୍ ବୟସର ପିଲାଙ୍କ ବ୍ୟବହାର ପାଇଁ ଭାରତରେ ତିଆରି ହେଉଥିବା ଏବଂ ବିଦେଶରୁ ଆମଦାନି ହେଉଥିବା ଖେଳନାଗୁଡ଼ିକୁ ସେପ୍ଟେମ୍ବର ୧ରୁ ବିଆଇଏସ୍ ମାନ ପୂରଣ କରିବାକୁ ପଡ଼ିବ। ଏହା ଚାଇନା କମ୍ପାନୀଗୁଡ଼ିକ ପାଇଁ ବଡ଼ ଝଟ୍‌କା ହୋଇପାରେ। କାରଣ ଭାରତକୁ ଆମଦାନୀ ହେଉଥିବା ଖେଳନାର ପାଖାପାଖି ୭୫ ପ୍ରତିଶତ ଚାଇନାରୁ ଆସିଥାଏ। ୨୦୧୯-୨୦ ବର୍ଷରେ ଭାରତ ପ୍ରାୟ ୪,୦୦୦ କୋଟି ଟଙ୍କାର ଖେଳନା ଆମଦାନୀ କରିଥିଲା। ସମସ୍ତ ଆମଦାନୀ ଖେଳନାକୁ ବିଆଇଏସ୍ ମାନ ପୂରଣ କରିବାକୁ ହେବ। ମାନ ପୂରଣ କରୁ ନ ଥିବା ଖେଳନାକୁ ଆମଦାନୀ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି।

ପାରାଦୀପ, ମୁମ୍ବାଇ, କାଣ୍ଡଲା, କୋଲକାତା, କୋଚି ସମେତ ଦେଶର ୭ଟି ବୃହତ୍ ବନ୍ଦରରେ ଆମଦାନୀ ସାମଗ୍ରୀ ଯାଞ୍ଚ ଲାଗି ବିଆଇଏସ୍ ଅଧିକାରୀମାନେ ନିୟୋଜିତ ହେବେ ବୋଲି ଏହାର ମହାନିର୍ଦ୍ଦେଶକ ପ୍ରମୋଦ କୁମାର ତିୱାରୀ କହିଛନ୍ତି। ଏହା ବ୍ୟତୀତ ଆମଦାନୀ ଖେଳନା ଯେଉଁ କମ୍ପାନୀରେ ଉତ୍ପାଦନ ହେଉଛି, ସେଠାକୁ ମଧ୍ୟ ବିଆଇଏସ୍ କର୍ତ୍ତୃପକ୍ଷ ଯାଇ ମାନ ଯାଞ୍ଚ କରିବେ। ବିଆଇଏସ୍ ସାର୍ଟିଫିକେଟ ନ ଥିଲେ ସେପ୍ଟେମ୍ବରରୁ ଖେଳନା ବିକ୍ରି ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଗତ ଫେବୃୟାରୀ ମାସରେ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାନ ନିୟନ୍ତ୍ରଣ ନିର୍ଦ୍ଦେଶନାମା (କ୍ୟୁସିଓ) ଜାରି କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଭାରତରେ ଲାଇସେନ୍ସପ୍ରାପ୍ତ ଖେଳନା ପ୍ରସ୍ତୁତକାରୀ ନାହାନ୍ତି। ଲାଇସେନ୍ସ ପାଇଁ ନିକଟରେ ୯ଟି ଆବେଦନ ଆସିଥିବା ବିଆଇଏସ୍ ଅଧିକାରୀ କହିଛନ୍ତି। କ୍ଷୁଦ୍ର ଘରୋଇ ଉତ୍ପାଦନ ପ୍ରଭାବିତ ହେବାକୁ ଥିବାରୁ ସମୟସୀମା ବଢ଼ାଇବା ପାଇଁ କେତେଜଣ ଦାବି କରିଛନ୍ତି।





ଦିଲ୍ଲୀ ଏବଂ ଏନ୍‌ସିଆର୍ ମାର୍କେଟରେ ୧୨୧ ପ୍ରକାର ଖେଳନାର ଯାଞ୍ଚ କରାଯାଇଥିଲା। ସେଥିରୁ ପାଖାପାଖି ୬୭ ପ୍ରତିଶତ ଖେଳନା ଆବଶ୍ୟକ ମାନ ପୂରଣ କରୁ ନ ଥିବା ଭାରତର ଗୁଣମାନ ପରିଷଦ (କ୍ୟୁସିଆଇ) ଜାଣିବା ପରେ ୭ଟି ଭାରତୀୟ ମାନ ଉପରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୩୦% ପ୍ଲାଷ୍ଟିକ୍ ଖେଳନା ନିରାପତ୍ତା ମାନ ପୂରଣ କରିବାରେ ବିଫଳ ହୋଇଥିବାବେଳେ ୮୦ ପ୍ରତିଶତରେ ମେକାନିକାଲ ଓ ଭୌତିକ ନିରାପତ୍ତା ଗୁଣ ନ ଥିଲା। ୭୫% ବିଦ୍ୟୁତ୍‌ଚାଳିତ ଖେଳନା ପରୀକ୍ଷାରେ ଫେଲ୍ ମାରିଥିଲେ।

## ୫ ପାକ୍ ଅନୁପ୍ରବେଶକାରୀ ନିହତ



ଅନୁପ୍ରବେଶକାରୀଙ୍କଠାରୁ ଜବତ ଅସ୍ତ୍ର ଓ ଗୁଳିଗୋଳା।

ଚଣ୍ଡିଗଡ଼/ନୂଆଦିଲ୍ଲୀ, ୨୨।୮

ପଞ୍ଜାବର ତରନ ତାରନ ଜିଲାର ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ନିକଟରେ ଅନୁପ୍ରବେଶ ଲାଗି ଉଦ୍ୟମ କରୁଥିବା ୫ ପାକିସ୍ତାନୀଙ୍କୁ ଶନିବାର ବିଏସ୍‌ଏଫ୍ ପକ୍ଷରୁ ଗୁଳିକରି ହତ୍ୟା କରାଯାଇଛି। ସେମାନଙ୍କଠାରୁ ୯ କିଲୋ ହେରୋଇନ୍, ଗୋଟିଏ ଏକେ ୪୭ ରାଇଫଲ, ୯ ମାଗାଜିନ, ୪ ଏମ୍‌ଏମ୍ ବେରେଟ୍ଟେ ପିସ୍ତଲ, ୧୦୯ ଜୀବନ୍ତ ଗୁଳି, ୨ ମୋବାଇଲ ଫୋନ୍ ଓ ୬୧୦ ପାକିସ୍ତାନୀ ଟଙ୍କା ଜବତ କରାଯାଇଥିବା ବିଏସ୍‌ଏଫ୍ ମୁଖପାତ୍ର କହିଛନ୍ତି।

ସୀମା ନିକଟରେ ପାକ୍ ଅନୁପ୍ରବେଶକାରୀଙ୍କ ସନ୍ଦେହଜନକ ହାବଭାବ ଜଣାପଡ଼ିବା ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷାକର୍ମୀମାନେ ଘେରିଯାଇ ସେମାନଙ୍କୁ ଆତ୍ମସମର୍ପଣ ଲାଗି କହିଥିଲେ। ସଶସ୍ତ୍ର ପାକ୍ ଅନୁପ୍ରବେଶକାରୀମାନେ ଏହା ନ ମାନି ବିଏସ୍‌ଏଫ୍ ଯବାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହା ପରେ ଯବାନମାନେ କଡ଼ା ଜବାବ୍ ଦେବାରୁ ଗୁଳିମାଡ଼ରେ ୫ ପାକ୍ ଅନୁପ୍ରବେଶକାରୀ ନିହତ ହୋଇଥିଲେ।

## ରାଫାଲ ଚୁକ୍ତିକୁ ନେଇ ବର୍ଷିଲେ ରାହୁଲ



ନୂଆଦିଲ୍ଲୀ, ୨୨।୮ : ଫ୍ରାନ୍ସରୁ କିଣାଯାଇଥିବା ରାଫାଲ ଯୁଦ୍ଧବିମାନକୁ ନେଇ ସରକାର ଉତ୍ସାହିତ ହୋଇପଡ଼ିଥିବା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ରାଫାଲ ଚୁକ୍ତିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ଏକ ନ୍ୟୁଜ୍ ରିପୋର୍ଟ'ର ଦାବିକୁ ଆଧାରକରି ରାଫାଲ କ୍ରୟବେଳେ ପ୍ରତିରକ୍ଷା ଅଫ୍‌ସେଟ୍ ଚୁକ୍ତି ସମ୍ପର୍କରେ ସିଏଜିରେ ଦାଖଲ ହୋଇଥିବା ଅଡିଟ୍ ପର୍‌ଫର୍ମାନ୍ସରେ ନିର୍ଦ୍ଦିଷ୍ଟ ତଥ୍ୟ ଦିଆଯାଇ ନ ଥିବା ରାହୁଲ ଟୁଇଟ କରିଥିଲେ। ଜନସାଧାରଣଙ୍କ ଟଙ୍କା ଚୋରି କରାଯାଇ ରାଫାଲ କ୍ରୟ କରାଯାଇଥିବା ସେ ଅଭିଯୋଗ କରିବା ପରେ ଏହାକୁ ନେଇ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଏହାକୁ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ସମାଲୋଚନା କରି ୨୦୨୪ ସାଧାରଣ ନିର୍ବାଚନରେ ଏହାକୁ ପ୍ରସଙ୍ଗ କରି ରାହୁଲ ନିର୍ବାଚନ ଲଢ଼ିବାକୁ ଆମେ ସ୍ୱାଗତ କରୁଛୁ ବୋଲି ସେ କଟାକ୍ଷ କରି କହିଛନ୍ତି।

# ମହିଳାଙ୍କୁ ୧୩୯ ଜଣଙ୍କ ବଳାତ୍କାର ଅଭିଯୋଗ

ହାଇଦ୍ରାବାଦ, ୨୨।୮

ତେଲଙ୍ଗାନାର ହାଇଦ୍ରାବାଦରେ ରହୁଥିବା ଜଣେ ୨୫ ବର୍ଷୀୟ ମହିଳା କିଛିବର୍ଷ ମଧ୍ୟରେ ୧୩୯ ଯୁବକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଓକିଲ, ଖବରଦାତା, ଛାତ୍ରନେତା, ରାଜନେତାଙ୍କ ପି.ଏ., ବ୍ୟବସାୟୀମାନଙ୍କ ବିରୋଧରେ ସେ ପାଞ୍ଜାଗୁଟ୍ଟା ଥାନାରେ ଅଭିଯୋଗ ଆଣିଛନ୍ତି। ଏନେଇ ଏକ ୪୨ ପୃଷ୍ଠାର ଅଭିଯୋଗପତ୍ର ପାଇବା ପରେ ତଦନ୍ତ ଆରମ୍ଭ କରିଛି। ଉକ୍ତ ମହିଳାଙ୍କୁ ଡାକ୍ତରୀ ପରୀକ୍ଷା ଲାଗି ପଠାଯାଇଥିବା ଜଣାପଡ଼ିଛି।

ମହିଳା ଜଣକ ୨୦୦୯ରେ ବିବାହ କରିଥିବାବେଳେ କେତେକ ପରିବାର ସଦସ୍ୟଙ୍କୁ ମିଶାଇ ୨୦ ଜଣ ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗ କରିଛନ୍ତି। ବିବାହର ବର୍ଷକ ମଧ୍ୟରେ ତାଙ୍କୁ ଛାଡ଼ପତ୍ର ଦିଆଯିବାରୁ ସେ ନିଜ ବାପଘରେ ରହି ପାଠ ପଢୁଥିଲେ। ପରେ ଏକାଧିକ ଲୋକ ତାଙ୍କୁ ବଳାତ୍କାର କରିବା, ସିଗାରେଟ୍ ଚେଙ୍କ ଦେବା, ପୋଲିସକୁ ଖବର ଦେଲେ ହତ୍ୟା କରିବା ଭଳି ଧମକ ଦେଇଥିଲେ। ଭୟରେ ସେ ପୋଲିସକୁ ଅଭିଯୋଗ କରୁ ନ ଥିଲେ ବୋଲି ମହିଳା ଜଣକ କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଗୁରୁବାର ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ପ୍ରକାଶ।

### ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

**ଜଳପାଇଗୁଡ଼ି, ୨୨।୮:** ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଜିଲା ଅନ୍ତର୍ଗତ ରାଜ୍‌ଗଞ୍ଜରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତଦେହକୁ ଏକ ଘରେ ଥିବା ମଳକୁଣ୍ଡ ଭିତରେ ଫିଙ୍ଗିଦେଇ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟରେ ହାଜର କରିଥିଲା। ପରେ ସେମାନଙ୍କୁ ୮ ଦିନ ଲାଗି ରିମାଣ୍ଡରେ ଅଣାଯାଇଥିବା ଜଣାପଡ଼ିଛି। ଶ୍ୟାମଶିକଟ ଅଞ୍ଚଳର ଏହି ନାବାଳିକା ଅଗଷ୍ଟ ୧୦ରୁ ନିଖୋଜ ହେବା ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେରା କରିବାରୁ ସେମାନେ ସତକଥା ମାନିଥିଲେ। ୧୫ ତାରିଖରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟାକରି ମଳକୁଣ୍ଡରେ ଫିଙ୍ଗିଦେଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ପୋଲିସ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିବାବେଳେ ତଦନ୍ତ ଜାରି ରଖିଛି। ଟିଏମ୍‌ସି ବିଧାୟକ ଖଗେଶ୍ୱର ରାଓ ପୀଡ଼ିତ ପରିବାର ସଦସ୍ୟଙ୍କୁ ଭେଟି ଆଶ୍ୱାସନା ଦେବା ସହ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଲାଗି ଦାବି କରିଛନ୍ତି।

## ଶିବୁ ସୋରେନ୍‌ଙ୍କୁ କରୋନା



**ରାଞ୍ଚି, ୨୨।୮:** ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଅଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ଶିବୁ ସୋରେନ୍(୭୬) ଓ ତାଙ୍କ ସ୍ତ୍ରୀ ରୂପୀ କରୋନା ଆକ୍ରାନ୍ତ ହୋଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ତଥା ପୁଅ ହେମନ୍ତ ସୋରେନ୍ ଟୁଇଟର ଯୋଗେ ସୂଚନା ଦେଇଛନ୍ତି। ଶୁକ୍ରବାର ରାତିରେ ସାମ୍ପଲ ପଜିଟିଭ୍ ଆସିବା ପରେ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଲୋକମାନଙ୍କ ଆଶୀର୍ବାଦ ଯୋଗୁ ସେ ଖୁବ୍‌ଶୀଘ୍ର କରୋନାମୁକ୍ତ ହେବେ ସେ ପ୍ରକାଶ କରିଛନ୍ତି। ଜେଏମ୍‌ଏମ୍ ମୁଖ୍ୟଙ୍କ ସରକାରୀ ବଙ୍ଗଳା ନିକଟ ବାସଭବନରୁ ରହୁଥିବା ମୁଖ୍ୟମନ୍ତ୍ରୀ ସୋରେନ୍ ଓ ତାଙ୍କ ସ୍ତ୍ରୀ ସୋମବାର କରୋନା ପରୀକ୍ଷା କରାଇବେ ବୋଲି ଜଣାପଡ଼ିଛି।

## 'ତବ୍‌ଲିଘିରେ ଯୋଗଦେଇଥିବା ବିଦେଶୀଙ୍କୁ ବଳିବୋଦା କରାଯାଇଛି'

ମୁମ୍ବାଇ, ୨୨।୮

**୨୯ ବିଦେଶୀଙ୍କ ବିରୋଧରେ ଏତଲା ଖାରଜ କଲେ ହାଇକୋର୍ଟ**

ଦିଲ୍ଲୀର ନିଜାମୁଦ୍ଦିନରେ ଗତ ମାର୍ଚ୍ଚ ମାସରେ ଅନୁଷ୍ଠିତ ତବ୍‌ଲିଘି ଜମାତ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଦେଶୀ ନାଗରିକଙ୍କୁ ବଳିବୋଦା କରାଯାଇ ସେମାନେ ଦେଶରେ କରୋନା ମହାମାରୀ ସଂକ୍ରମଣ ପାଇଁ ଦାୟୀ ବୋଲି ଅଭିଯୋଗ ଅଣାଯାଇଥିଲା। ବମ୍ବେ ହାଇକୋର୍ଟର ଔରଙ୍ଗାବାଦ ବେଞ୍ଚ୍ ଏହା କହିଛନ୍ତି। ୨୯ ବିଦେଶୀଙ୍କ ବିରୋଧରେ ଦାଏର ଏତଲାକୁ ଜଷ୍ଟିସ୍ ଟି.ଭି. ନଲାୱାଡେ ଏବଂ ଏମ୍.ଜି. ସେୱ୍‌ଲିକରଙ୍କ ଖଣ୍ଡପୀଠ ଶୁକ୍ରବାର ଖାରଜ କରିଦେବା ସହ ଉପରୋକ୍ତ ମତ ଦେଇଛନ୍ତି। ରାଜନୈତିକ ବାଧ୍ୟବାଧକତାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି। ଆଇପିସିର ବିଭିନ୍ନ ଧାରା ସମେତ ମହାମାରୀ ଆଇନ, ବିପର୍ଯ୍ୟୟ ପରିଚାଳନା ଆଇନ ଓ ପର୍ଯ୍ୟଟନ ଭିସା ଉଲ୍ଲଂଘନ ଅଭିଯୋଗରେ ବିଦେଶୀ ନାଗରିକଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

## ଦାଉଦ୍ କରାଚୀରେ ଥିବା ମାନିଲା ପାକିସ୍ତାନ

ମୁମ୍ବାଇ, ୨୨।୮ : ପାକିସ୍ତାନ ଶେଷରେ ୧୯୯୩ ମୁମ୍ବାଇ ବିସ୍ଫୋରଣ ମାମଲାର ମୋଷ୍ଟ ୱାଣ୍ଟେଡ୍ ଦାଉଦ୍ ଇବ୍ରାହିମ୍ କରାଚୀରେ ରହୁଥିବା କଥା ସ୍ୱୀକାର କରିଛି।



ଏଫ୍‌ଏଟିଏଫ୍ କଳା ତାଲିକାକୁ ଡରି ଆତଙ୍କବାଦୀଙ୍କ ନାମ ତାଲିକାରେ ପାକିସ୍ତାନ ଦାଉଦ୍‌ଙ୍କ ନାମକୁ ଯୋଡ଼ିଛି। ପାକିସ୍ତାନ ସରକାରଙ୍କ ପକ୍ଷରୁ ଏନେଇ ଜାରି କରାଯାଇଥିବା ନୋଟିସ୍‌ରେ ଦାଉଦ୍‌ଙ୍କ ଘର କରାଚୀର ସୌଦି ମସ୍‌ଜିଦ୍ ନିକଟ ହ୍ୱାଇଟ ହାଉସ୍‌ରେ ବୋଲି ଦର୍ଶାଯାଇଛି।

## ଦିନକୁ ୧୦ ଲକ୍ଷ କରୋନା ପରୀକ୍ଷା

ନୂଆଦିଲ୍ଲୀ, ୨୨।୮

ମହାମାରୀ କରୋନାର ଉଗ୍ରରୂପ ଜାରି ରହିଥିବାବେଳେ କରୋନା ପରୀକ୍ଷାରେ ଭାରତ ପୁଣି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଗୋଟିଏ ଦିନକରେ ଦେଶରେ ୧୦ ଲକ୍ଷରୁ ଅଧିକ କରୋନା ପରୀକ୍ଷା କରାଯାଇଛି। ଏହାକୁ ମିଶାଇ ଅଦ୍ୟାବଧି ଭାରତରେ ୩.୪୫ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ କରୋନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଶୁକ୍ରବାର ୧୦ ଲକ୍ଷ ୨୩ ହଜାର ୮୩୬ ସାମ୍ପଲ ପରୀକ୍ଷା କରାଯାଇଛି। ରାପିଡ୍ ଆଣ୍ଟିଜେନ ଟେଷ୍ଟ ମାଧ୍ୟମରେ ୩.୮ ଲକ୍ଷ ସାମ୍ପଲ ପରୀକ୍ଷା କରାଯାଇଛି। ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଗ୍ରହଣ କରାଯିବା ସହ ଅଧିକରୁ ଅଧିକ ପରୀକ୍ଷା ଲାଗି ପ୍ରୟାସ ଜାରି ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଏବେ ୧,୫୧୧ ଲାବ୍ କାର୍ଯ୍ୟ କରୁଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୦ ଲକ୍ଷ ଟପିଛି।



# ସଂକ୍ରମଣରେ ଶିଶୁଙ୍କର ବଡ଼ ଭୂମିକା ରହିଛି

ୱାଶିଂଟନ, ୨୨।୮

ଶିଶୁମାନଙ୍କ ଦ୍ୱାରା ଭୂତାଣୁ ସଂକ୍ରମଣ ହାର ଅଧିକ ଏବଂ ତାହା ସେମାନଙ୍କୁ ନୀରବ ସଂକ୍ରମଣକାରୀରେ ପରିଣତ କରିପାରେ ବୋଲି ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆମେରିକାର କେତେକ ଅଞ୍ଚଳରେ ସ୍କୁଲ ଖୋଲିଥିବାବେଳେ କେତେଜଣ ପିଲାଙ୍କଠାରେ ଅଧିକ ମାତ୍ରାରେ ଭୂତାଣୁ ଥିବା ଜଣାପଡିଛି। ପ୍ରଥମ ତିନି ଦିନର ସଂକ୍ରମଣ ସତ୍ତ୍ୱେ ଏହି ପିଲାମାନଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଯାଉଛି କିମ୍ବା ଆଦୌ ଲକ୍ଷଣ ନାହିଁ। ସେମାନଙ୍କ ଦ୍ୱାରା ଯେତିକି ସଂକ୍ରମଣ ହେବାର ପୂର୍ବରୁ ବିଶ୍ୱାସ କରାଯାଉଥିଲା ତାହାଠାରୁ ଯଥେଷ୍ଟ ଅଧିକ। ଏପରିକି ଗୋଷ୍ଠୀ ସଂକ୍ରମଣରେ ସେମାନଙ୍କର ଭୂମିକା ରହିପାରେ ବୋଲି ଗୁରୁବାର ପ୍ରକାଶିତ ଉକ୍ତ ଅଧ୍ୟୟନରେ କୁହାଯାଇଛି। ମାସ୍ ଜେନେରାଲ ହସ୍ପିଟାଲର ଶିଶୁ ରୋଗ ବିଭାଗ ଡାକ୍ତର ଆଲେସିଓ ଫାସାନୋଙ୍କ କହିବା ଅନୁଯାୟୀ ପିଲାଙ୍କ ଠାରେ ଲକ୍ଷଣ ଥିଲେ ମଧ୍ୟ ସେମାନେ କ୍ୱଚିତ୍ ଦେଖାଇଥାନ୍ତି। ଅଧିକାଂଶ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ ଅଣଦେଖା କରୁଥିବାରୁ ପରୀକ୍ଷା କରାଇ ନ ଥାନ୍ତି। ଫଳରେ ସେମାନେ ନୀରବ ସଂକ୍ରମଣକାରୀ ଭାବେ କାର୍ଯ୍ୟ କରିପାରନ୍ତି।



ପିଲାମାନେ ସୁରକ୍ଷିତ ବୋଲି କେତେଜଣ ବିଶ୍ୱାସ କରୁଥିବାବେଳେ ଏହା ସମ୍ପୂର୍ଣ୍ଣ ଭୁଲ୍ ବୋଲି ଫାସାନୋ କହିଛନ୍ତି। ପିଲା ଓ କରୋନା ଭୂତାଣୁ ସଂକ୍ରମଣ ଉପରେ ଏହି ଅଧ୍ୟୟନ ପେଡିଆଟ୍ରିକ୍ସ ପତ୍ରିକାରେ ପ୍ରକାଶ ପାଇଛି। ଜୁଲାଇ ୩୦ରେ ଜେଏଏମ୍‌ଏ ପେଡିଆଟ୍ରିକ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସାମାନ୍ୟ କିମ୍ବା ମଧ୍ୟମ ଧରଣର ଅସୁସ୍ଥ ୫ ବର୍ଷରୁ କମ୍ ପିଲାଙ୍କ ନାକରେ ବଡ଼ ପିଲା ଓ ବୟସ୍କଙ୍କ ତୁଳନାରେ ଅଧିକ ଭୂତାଣୁ ରହିଥାନ୍ତି। ଏହାର କିଛିଦିନ ପୂର୍ବରୁ ଦକ୍ଷିଣ କୋରିଆରେ ପ୍ରକାଶିତ ଏକ ଅଧ୍ୟୟନରେ ବିଶ୍ୱାସ କରାଯାଇଥିଲା ବଡ଼ ପିଲା ଓ ବୟସ୍କଙ୍କ ତୁଳନାରେ ଛୋଟ ପିଲା ଭୂତାଣୁର କମ୍ ସଂକ୍ରମଣ କରିଥାନ୍ତି। ତେବେ ଏହା ସ୍ପଷ୍ଟ ନୁହେଁ ବୋଲି ପରବର୍ତ୍ତୀ ଅନୁଧ୍ୟାନରୁ ଜଣାପଡିଥିଲା। ଉପରୋକ୍ତ ତିନୋଟି ଅଧ୍ୟୟନ ଛୋଟ ଏବଂ କେତେକ ତଥ୍ୟ ପରସ୍ପର ବିରୋଧୀ ହୋଇଥିଲେ ମଧ୍ୟ ମହାମାରୀ ସଂକ୍ରମଣରେ ପିଲାମାନଙ୍କ ଭୂମିକା ଚିନ୍ତାଜନକ ବୋଲି ସ୍ପଷ୍ଟ ହୋଇଛି।

## ସାର କଳାବଜାର ନେଇ ଅଭିଯୋଗ

ପାରଳାଖେମୁଣ୍ଡି,(ସ୍ୱ.ପ୍ର.)- ଗଜପତି ଜିଲା ଗୋଷାଣୀ ବ୍ଲକରେ ସାର କଳାବଜାର କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ସମୟରେ ଚାଷୀମାନେ ଆର୍ଥିକ ସଙ୍କଟରେ ପଡିଛନ୍ତି। ତେବେ ସାର କଳାବଜାର ସେମାନଙ୍କୁ ଚିନ୍ତାରେ ପକାଇଛି। ୟୁରିଆ, ଗୁରୁମୁର, ପଟାସ ଆଦି ସାରକୁ ବ୍ୟବସାୟୀମାନେ ଧାର୍ଯ୍ୟ ସରକାରୀ ଦରଠାରୁ ଅଧିକ ଦରରେ ବିକୁଛନ୍ତି। ଏହାକୁ ରୋକିବା ପାଇଁ ଗୋଷାଣୀ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଜୟମୋହନ ରାଓ, ଚାଷୀ ପି. ବିକ୍ରମ, ଜି. ସତ୍ୟ ନାରାୟଣ, ନେହେରୁ ଜେନା ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।



## ସଂକ୍ଷେପରେ

### ଡକାୟତି ଯୋଜନାର ଫେରାର୍ ମାଷ୍ଟରମାଇଣ୍ଡ ଗିରଫ

ବ୍ରହ୍ମପୁର ଅଫିସ ,୨୨।୮- ଟାଉନ ଥାନା ଅନ୍ତର୍ଗତ କଂଗ୍ରେସ ଅଫିସ ପଛପଟ ବନ୍ଧହୁଡାରେ ଚାଲିଥିବା ଏକ ଡକାୟତି ଯୋଜନାରେ ଫେରାର୍ ମାଷ୍ଟର ମାଇଣ୍ଡ ସୁରେଶ ପରଦେଶୀ(୨୦)ଙ୍କୁ ଶନିବାର ପୋଲିସ ଗିରଫ କରିଛି। କେସ୍ ନଂ. ୧୪୮/୨୦ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗତ ୧୬ତାରିଖ ରାତିରେ ଡକାୟତି ଯୋଜନାର ଖବର ପାଇ ପୋଲିସ ବନ୍ଧହୁଡାରେ ଚଢାଉ କରି ଘଟଣାସ୍ଥଳରୁ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଖାଜାସାହିର ଶେଖ ସର୍କି, ଶେଖ ନୁର୍ ଏବଂ ନିଳାଦ୍ରୀବିହାର ଚତୁର୍ଥ ଲାଇନ୍‌ର ଶେଖ ସମୀର। ଘଟଣାସ୍ଥଳରୁ ୩ ଖଣ୍ଡା ଓ ବୋମା ଜବତ ହୋଇଥିଲା। ମାଷ୍ଟର ମାଇଣ୍ଡ ପରଦେଶୀଙ୍କ ସମେତ ୨ଜଣ ଫେରାର୍ ଥିଲେ। ଶନିବାର ପରଦେଶୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।

### କଣ୍ଟେନମେଣ୍ଟ୍ ମୁକ୍ତ ହେଲା ଜି.ଉଦୟଗିରି ସହର

ଜି.ଉଦୟଗିରି,୨୨।୮(ଡି.ଏନ.ଏ)- ଜି.ଉଦୟଗିରି ସହର ଶନିବାର ଠାରୁ ସମ୍ପୂର୍ଣ୍ଣ କଣ୍ଟେନମେଣ୍ଟ ଜୋନ୍ ମୁକ୍ତ ହୋଇଛି। ଅଗଷ୍ଟ ୫ରେ ବ୍ୟାଙ୍କ କଲୋନୀ ଓ ଅଗଷ୍ଟ ୯ରେ ଚମ୍ପାସାହିକୁ କଣ୍ଟେନ୍‌ମେଣ୍ଟ ଜୋନ କରାଯାଇଥିଲା। ଶନିବାର ଉଭୟସ୍ଥାନ କଣ୍ଟେନମେଣ୍ଟ ମୁକ୍ତ ହୋଇଥିବା ଜି.ଉଦୟଗିରି ଏନ୍‌ଏସି ପ୍ରଶାସକ ଶାନ୍ତନୁ କୁମାର ନାୟକ କହିଛନ୍ତି।

### ଅମାନିଆଙ୍କୁ ୫ହଜାର ଜରିମାନା

ଶେରଗଡ,୨୨।୮(ଡି.ଏନ୍.ଏ.)- ଶେରଗଡ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଶନିବାର, ରବିବାର ଶଟ୍‌ଡାଉନ୍‌ବେଳେ ମଧ ଧରପଗଡ ଜାରି ରଖିଛନ୍ତି। କୁରୁଳା ନଇବନ୍ଧ ପୋଲ ନିକଟରେ ଯାଞ୍ଚ କରି କଙ୍କୋରଡା ପଟୁ ମାସ୍କ ନ ପିନ୍ଧି ବାଇକରେ ଆସୁଥିବା ଅମାନିଆଙ୍କ ଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପି. ପଞ୍ଚମାଙ୍କ ସମେତ କର୍ମଚାରୀ ସାମିଲ ଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଆସିକା,୨୨।୮(ଡି.ଏନ୍.ଏ.)- ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତା କଣ୍ଟେଇପଲ୍ଲୀ ଷଡଙ୍ଗିପଲ୍ଲୀ ମଧରେ ଶୁକ୍ରବାର ରାତ୍ର ପ୍ରାୟ ୧୦ଟା ସମୟରେ ଏକ ଟ୍ରାକ୍ଟର ପଛରେ ପିଟି ହୋଇ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଇଠପଲ୍ଲୀ ଗ୍ରାମର କୃଷ୍ଣ ନାୟକ। ଭଞ୍ଜନଗରପଟକୁ ଯାଉଥିବା ଏକ ଧାନତଳି ବୋଝେଇ ଟ୍ରାକ୍ଟର ପଛରେ କୃଷ୍ଣଙ୍କ ବାଇକ୍ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭଞ୍ଜନଗର ସରକାରୀ ଡାକ୍ତରଖାନାକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ଚାଳକଙ୍କୁ ଅଟକ ରଖାଯାଇଛି। ଗାଙ୍ଗପୁର ଥାନାରେ ନଂ.୨୪୧/୨୦ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧିରେଶ୍ କୁମାର ଦାସ ସୂଚନା ଦେଇଛନ୍ତି।

### ପ୍ଲାଜମା ଦାନକଲେ ୨ ବନ୍ଧୁ

କବିସୂର୍ଯ୍ୟନଗର,୨୨।୮- କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପ୍ରାକ୍ତନ ଏନ୍‌ଏସି ଅଧକ୍ଷ ମନୋରଞ୍ଜନ ମହାପାତ୍ରଙ୍କ ଉପଦେଶରେ ଅନୁପ୍ରାଣିତ ହୋଇ ଶନିବାର ବ୍ରହ୍ମପୁର ବଡ ମେଡିକାଲରେ ପ୍ଲାଜ୍‌ମା ଦାନ କରିଛନ୍ତି ୨ ବନ୍ଧୁ। ସେମାନେ ହେଲେ ପ୍ରାକ୍ତନ ଏନ୍‌ଏସି କାଉନ୍‌ସିଲର ୱାର୍ଡ ନଂ.୧୨ର ପ୍ରଶ୍ନ କୁମାର ନାୟକ ଓ ତାଙ୍କ ବନ୍ଧୁ ସେନାପତି ଗଳିର ସୁଶାନ୍ତ ଖୁଣ୍ଟିଆ। ଉଭୟ ବନ୍ଧୁ କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ।

# ପ୍ଲାଜ୍‌ମା ଦାନ କରିବାକୁ ଡାକ୍ତରୀ ଟିମ୍‌ଙ୍କ ଅନୁରୋଧ

ଛତ୍ରପୁର,୨୨।୮(ଡି.ଏନ୍.ଏ.)

**ଗଞ୍ଜାମ ଜିଲା**
- ଆରୋଗ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରାଯାଉଛି
- ଡାକ୍ତରଙ୍କ ସହ ଭିସିରେ କଥା ହେଲେ ଜିଲାପାଳ
- କରୋନାରୁ ସୁସ୍ଥ ହେଲେଣି ୧୩୯୬୩


ଆରୋଗ୍ୟଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଛି ।

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା କିଭଳି ରୋକା ଯାଇପାରିବ ସେନେଇ ଉଦ୍ୟମ ଜାରି ରହିଛି। ଅପରପକ୍ଷରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଜିଲାରେ ଗତ ୨୦ ତାରିଖରୁ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ଲୋକଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଶନିବାର ତୃତୀୟ ଦିନରେ ପହଞ୍ଚିଛି। ଏହି ପ୍ରକ୍ରିୟା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟ ଯାଞ୍ଚ ସମୟରେ ଯଦି କୌଣସି ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇ ସୁଦ୍ଧା ପୁନର୍ବାର କରୋନା ସଂକ୍ରମଣ ଲକ୍ଷଣ ରହୁଛି ତେବେ ତୁରନ୍ତ ସେମାନଙ୍କୁ କୋଭିଡ୍ ହସ୍‌ପିଟାଲକୁ ନେଇ ସେମାନଙ୍କ ଚିକିତ୍ସା କରାଯିବାର କାର୍ଯ୍ୟକ୍ରମ ରହିଛି। ଅକ୍ସିଜେନସ୍ତର, ପଲ୍ସ, ତାପମାତ୍ରା ଓ ଅନ୍ୟାନ୍ୟ ଲକ୍ଷଣ ଯାଞ୍ଚ ଡାକ୍ତରୀ ଟିମ୍‌ଙ୍କ ଦ୍ୱାରା କରାଯାଉଛି। ଏହି ସ୍ୱାସ୍ଥ୍ୟ ଟିମ୍‌ରେ ଏଏନଏମ୍, ଆଶା, ଅଙ୍ଗନୱାଡି କର୍ମୀ, ଆୟୁଷ ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ବିଡିଓ, ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ବ୍ରହ୍ମପୁର ମହାନଗର ନିଗମ କମିଶନର୍ ମନିଟରିଂ କରୁଛନ୍ତି। ଜିଲାରେ ପାଖାପାଖି ୧୪ ହଜାର ଲୋକ କରୋନାରୁ ସୁସ୍ଥ ହୋଇଛନ୍ତି। ଏଣୁ ଜିଲାରେ ସଂଖ୍ୟାଧିକ କରୋନାରୁ ସୁସ୍ଥମାନେ ପ୍ଲାଜମା ଦାନ କରିବେ ବୋଲି ପ୍ରଶାସନ ଲକ୍ଷ୍ୟ ରଖିଛି। ଜଣଙ୍କ ପ୍ଲାଜମାରେ ୨ ଜଣ ଗୁରୁତର କରୋନା ଆକ୍ରାନ୍ତ ସୁସ୍ଥ ହୋଇପାରିବେ। ଏଣୁ ପ୍ଲାଜମା ଦାନ ପାଇଁ ଆଗେଇ ଆସିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ପୁଣି ଟୁଇଟ୍ କରି ଅନୁରୋଧ କରିଛନ୍ତି। ଜିଲାପାଳ ଟୁଇଟ୍ କରି ସୂଚନା ଦେଇଛନ୍ତି, କରୋନାରେ ନୂଆ ୧୯୨ ଆକ୍ରାନ୍ତ ହୋଇଥିବା ବେଳେ ୧୯୦ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୬ ହଜାର ୭୮ ଆକ୍ରାନ୍ତ ହୋଇଛନ୍ତି। ସେଥିରୁ ୧୩୯୬୩ ସୁସ୍ଥ ହୋଇଥିବା ବେଳେ ୧୯୩୬ ଆକ୍ଟିଭ ଅଛନ୍ତି। ଏଥିସହ କରୋନାରେ ୧୭୧ ଜଣଙ୍କ ମୃତ୍ୟୁ ହୋଇଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ଏନ୍‌ଏସିରେ ମଧ ଶନିବାର ଘରକୁ ଘର ଯାଇ କରୋନାରୁ ସୁସ୍ଥଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଚାଲିଥିବା ଦେଖିବାକୁ ମିଳିଥିଲା। ଗଞ୍ଜାମ ଜିଲାରେ କୋଭିଡ୍ ପରିଚାଳନା ନେଇ ଶନିବାର ସମସ୍ତ ମେଡିକାଲ ଅଫିସରଙ୍କ ସହ ଭିଡିଓ କନ୍‌ଫରେସିଂରେ ଜିଲାପାଳ ଆଲୋଚନା ଓ ସମୀକ୍ଷା କରିଛନ୍ତି। ଏହି ଦ୍ୱିତୀୟ ରାଉଣ୍ଡ ସମୀକ୍ଷାରେ କୋଭିଡ୍ କେୟାର ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର, କୋଭିଡ୍ କେୟାର ହୋମ୍‌ରେ କରୋନା ରୋଗୀଙ୍କ ପାଇଁ ଥିବା ଚିକିତ୍ସା ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଜିଲାପାଳ ବୁଝିଥିଲେ। ଏଥିସହ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ପରିସ୍ଥିତିରେ ରୋଗୀ ସେବା କିଭଳି ଭାବେ ମିଳିବ ତାହା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ରୋଗୀଙ୍କୁ ରେଫର, ପ୍ଲାଜମା ଥେରାପି ଦାନ ଉପରେ ଆଲୋଚନା ହୋଇଛି। ରୋଗୀଙ୍କୁ ଆହୁରି ଉନ୍ନତଧରଣର ମେଡିକାଲ ସେବା ପାଇଁ କ'ଣ କରାଯିବ ସେ ସମ୍ପର୍କରେ ଜିଲାପାଳ ବୁଝିଥିଲେ। ୩ ଦିନ ପୂର୍ବରୁ ମଧ ଏଭଳି ପ୍ରଥମ ରାଉଣ୍ଡ ଭିସି ଦାରା କୋଭିଡ୍ ପରିଚାଳନା ନେଇ ସମୀକ୍ଷା ହୋଇଥିଲା।

# ଦୁର୍ଦ୍ଦାନ୍ତ ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ ,୨୨।୮

- ଏନ୍‌କାଉଣ୍ଟର୍ ପରେ ବି ଭୟ ନାହିଁ
- ହତ୍ୟା ଉଦ୍ୟମ ମାମଲା
- ବୋମା, ଖଣ୍ଡା ଜବତ

ଏନ୍‌କାଉଣ୍ଟର୍ ପରେ ବି ଡର, ଭୟ ନାହିଁ। ପୋଲିସକୁ ଚାଲେଞ୍ଜ କରି ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଗିରଫ ହୋଇଛନ୍ତି ଅଭିଯୁକ୍ତ ଟୁନା ଦାସ। ଟାଉନ ଥାନା ପୋଲିସ କେସ୍ ନଂ. ୧୫୪/୨୦ରେ ଖାଲାସି ସାହିର ଦୁର୍ଦ୍ଦାନ୍ତ ଟୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୨ଟି ବୋମା ଓ ଗୋଟିଏ ଖଣ୍ଡା ଜବତ ହୋଇଥିବା ତଦନ୍ତ ଅଧିକରୀ ସୂର୍ଯ୍ୟଚନ୍ଦ୍ର ପାଢୀ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଟାଉନ ଥାନା ଅନ୍ତର୍ଗତ ରୁକ୍ମିଣୀ ସିନେମା ହଲ ଛକ ଦେଇ ଶୁକ୍ରବାର ରାତିରେ ବିଏମ୍‌ସିର ସଫେଇ କର୍ମଚାରୀ ମାନସ ମାଧୋଇ ଘରକୁ ଫେରୁଥିବା ବେଳେ ଟୁନା ତାଙ୍କୁ ଅଟକାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଟୁନା ଉତ୍କ୍ଷିପ୍ତ ହୋଇ ଏକ ଖଣ୍ଡାରେ ଆକ୍ରମଣ ଉଦ୍ୟମ କରିଥିଲେ। ମାନସ ପ୍ରାଣ ବିକଳରେ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଟୁନା ତାଙ୍କ ଉପରକୁ ଏକ ବୋମା ଫିଙ୍ଗିଥିଲେ। ହେଲେ ମାନସ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଘଟଣା ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ ହେବା ପରେ ଏସ୍‌ଆଇ ପାଢୀ ଶୁକ୍ରବାର ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ଟୁନାଙ୍କୁ ଗିରଫ କରିଥିଲେ। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସେ କହିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏଭଳି ଘଟଣା ଘଟିଥିବା ପୁଲିସ କହିଛି। ପ୍ରକାଶଯେ, ବିଗତ ବର୍ଷରେ ସଦର ଥାନା ପୋଲିସ ଟୁନାଙ୍କୁ ଏନ୍‌କାଉଣ୍ଟର୍ କରିଥିଲା।

# ୧୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୨।୮(ଡି.ଏନ୍.ଏ.)

**ଗୋଷ୍ଠୀ ସଂଘର୍ଷ ମାମଲା**

ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମ ନନ୍ଦ କିଶୋର ଗୋ -ଶାଳା ଜମି ଦଖଲକୁ କେନ୍ଦ୍ରକରି ଗୁରୁବାର ଅପରାହ୍ନରେ ସବର୍ଣ୍ଣ-ଅସବର୍ଣ୍ଣ ମଧ୍ୟରେ ସଂଘର୍ଷ ଘଟିଥିଲା। ଉଭୟ ଗୋଷ୍ଠୀର ୧୨ ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଉଭୟପକ୍ଷଙ୍କ ଏତଲାକୁ ଆଧାରକରି ୨ଟି ମାମଲା ରୁଜୁ ହୋଇଥିଲା। ନଂ.୧୭୮/୨୦ରେ ଅଭିଯୁକ୍ତ ଥିବା ପ୍ରମୋଦ କୁମାର ଗୌଡ, ନୀଳାଞ୍ଚଳ ଗୌଡ, ଭଗବାନ ବକ୍ସି, ସୁନିଲ ଗୌଡ, ସନ୍ତୋଷ ଗୌଡ, ସୀମାଞ୍ଚଳ ପାତ୍ରଙ୍କୁ ଗିରଫ କରି ଶନିବାର ବ୍ରହ୍ମପୁର କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ମାମଲା ନଂ.୧୭୯/୨୦ରେ ଗିରଫ ଅଭିଯୁକ୍ତ ଅନିଲ କୁମାର ନାୟକ, କୈଳାସ ନାୟକ, ଅନାଦି ନାୟକ, ସୋମନାଥ ନାୟକ, ସୁଗ୍ରୀବ ନାୟକ, ଅଶୋକ କୁମାର ନାୟକଙ୍କୁ ଦିଗପହଣ୍ଡି କୋର୍ଟକୁ ଚାଲାଣ ପରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଜଣାଇଛନ୍ତି। ସରପଞ୍ଚ ପିତାମ୍ବର ଗୌଡ ଏବଂ ଉଭୟ ଗୋଷ୍ଠୀର ମୁଖିଆ ମାନଙ୍କ ଉପସ୍ଥିତିରେ ଆପୋଷ ସମାଧାନ ପାଇଁ ନିଷ୍ପତ୍ତି କରାଯାଇଛି।

# କୋଭିଡ୍ କଟକଣାରେ ଗଣେଶ ପୂଜା ଫିକା


କୋର୍ଟପେଟା ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା ।


ହିଲପାଟଣାସ୍ଥିତ ସିଦ୍ଧ ବିନାୟକ ମନ୍ଦିରର ମୁଖ୍ୟ ଫାଟକ ବନ୍ଦ ରହିଛି ।

ବ୍ରହ୍ମପୁର ଅଫିସ,୨୨।୮

- ବନ୍ଦ ରହିଲା ମନ୍ଦିର
- ଶୂନ୍‌ଶାନ୍ ସିଦ୍ଧ ବିନାୟକ ପୀଠ

କରୋନା ସଂକ୍ରମଣକୁ ପ୍ରତିରୋଧ କରିବାକୁ ନେଇ ପ୍ରଶାସନର କଟକଣା ଯୋଗୁ ଶନିବାର ଗଣେଶ ପୂଜା ଫିକା ପଡିଛି । ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ବ୍ରହ୍ମପୁରରେ ସମସ୍ତ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜାକୁ ବାତିଲ କରାଯାଇଛି। ଫଳରେ ଲୋକେ ଘରେ ବିଘ୍ନ ବିନାଶକଙ୍କ ପୂଜା କରିଛନ୍ତି। ସହରରେ ଥିବା ହିଲ୍‌ପାଟଣା ସିଦ୍ଧ ବିନାୟକ ପୀଠ, କୋର୍ଟପେଟା ଜଗନ୍ନାଥ ମନ୍ଦିରରେ ଥିବା ଗଣେଶ ମନ୍ଦିର, ଗୋଶାଣୀନୂଆଗାଁସ୍ଥିତ ଗଣେଶ ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଯାଇଛି। ହିଲପାଟଣା ସିଦ୍ଧ ବିନାୟକ ପୀଠରେ ପୂର୍ବ ପ୍ରକାରେ ସକାଳୁ ବିନାୟକଙ୍କ ମଙ୍ଗଳ ଆଳତି, ପୂଜାର୍ଚ୍ଚନା ସହ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । କିନ୍ତୁ କରୋନା କଟକଣା ଯୋଗୁ ସିଦ୍ଧ ବିନାୟକ ପୀଠ ସମେତ ସମସ୍ତ ବିନାୟକ ପୀଠ ଓ ମନ୍ଦିରକୁ ସର୍ବ ସାଧାରଣଙ୍କୁ ଦର୍ଶନ ପାଇଁ ବାରଣ କରାଯାଇଥିଲା।

## ଦୃଷ୍ଟିବାଧିତ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ପାତ୍ରପୁର,୨୨।୮(ଡି.ଏନ୍.ଏ.)

ଜରଡା ଥାନା ଅଞ୍ଚଳର ଜଣେ ଦୃଷ୍ଟିବାଧିତ ଯୁବତୀଙ୍କୁ ଗ୍ରାମର ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଜରଡାଥାନାରେ ଶନିବାର ଅଭିଯୋଗ ହୋଇଛି। ଯୁବତୀ ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ଯୁବକ ଜଣକ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ପଡୋଶୀ ଘରର ଜଣେ ଶିଶୁ ଆସି କବାଟ ଖୋଲି ଦେବାରୁ ସେ ଦୌଡି ପଳାଇଥିଲେ। ସନ୍ଧ୍ୟାରେ ବିଲକୁ ଯାଇଥିବା ମା' ବାପା ଫେରିବା ପରେ ଯୁବତୀ ଜଣକ ସବୁକଥା କହିଥିଲେ। ମାତ୍ର ଯୁବକ ଓ ତାଙ୍କ ବାପା ଥାନାରେ ଜଣାଇଲେ ଜୀବନରୁ ମାରିବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

## ଗଣେଶ ପୂଜା ବନ୍ଦକଲା ପ୍ରଶାସନ

ଆସିକା,୨୨।୮(ଡି.ଏନ୍.ଏ.)

ପ୍ରଶାସନିକ କଟକଣା ସତ୍ତ୍ୱେ ବିଭିନ୍ନ ଗ୍ରାମାଞ୍ଚଳରେ ପୂଜା ଆୟୋଜିତ ହୋଇଥିଲା। ଶନିବାର ଆସିକା ତହସିଲଦାର ସଦାନନ୍ଦ ସେଠୀ, ବିଡିଓ ରୋଶନ୍ ଶତପଥୀ ପ୍ରମୁଖ ବ୍ଲକର ବେଣାପାଟ, କେଶପୁର, ବାଙ୍ଗରଡା, ମୁନିଗାଡି, ଗହଗୁ, ହରିଡାପଦର, ମଣ୍ଡାପଡା ଆଦି ଗ୍ରାମରେ ପହଞ୍ଚି ସାର୍ବଜନୀନ ପୂଜା ଉତ୍ସବକୁ ବନ୍ଦ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହି ବ୍ଲକରେ ପ୍ରାୟ ୨୦ଟି ସ୍ଥାନରେ ଏଭଳି ପୂଜାକୁ ବନ୍ଦ କରାଯାଇଥିବା ବିଡିଓ ଶତପଥୀ ସୂଚନା ଦେଇଛନ୍ତି।

## ଆସିକା ଏନ୍‌ଏସିରେ ମିଶନ୍ ଜିରୋ ସ୍ୱାସ୍ଥ୍ୟ ସ୍କ୍ରିନିଂ

ଆସିକା,୨୨।୮(ଡି.ଏନ୍.ଏ.)

ଆସିକା ଏନ୍‌ଏସିର ବିଭିନ୍ନ ୱାର୍ଡରେ ମିଶନ୍ ଜିରୋ କାର୍ଯ୍ୟକ୍ରମରେ କରୋନା ସଂକ୍ରମଣରେ ସୁସ୍ଥ ହୋଇ ଫେରିଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଶନିବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏନ୍‌ଏସିର ୨ ଓ ୧୨ ନମ୍ବର ୱାର୍ଡରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ରୀୟ ଦାସ ସୂଚନା ଦେଇଛନ୍ତି। ସୁସ୍ଥ ହୋଇ ଫେରିଥିବା ବ୍ୟକ୍ତିଙ୍କୁ ପ୍ଲାଜମା ଦାନ ପାଇଁ ମଧ ଉତ୍ସାହିତ କରାଯାଉଛି। ଏହି କାର୍ଯ୍ୟଲାଗି ୫ଜଣ ଡାକ୍ତର ନିୟୋଜିତ ହୋଇଥିଲା ବେଳେ ସେମାନଙ୍କ ସହ ସ୍ୱଚ୍ଛସାଥୀ ଓ ଅଙ୍ଗନବାଡି କର୍ମୀ ରହିଛନ୍ତି।

# ଥାନା ହାଜତରୁ ଅଭିଯୁକ୍ତ ଚମ୍ପଟ

ଆର୍.ଉଦୟଗିରି,୨୨।୮(ଡି.ଏନ୍.ଏ.)

ଆର୍.ଉଦୟଗିରି ଥାନା ହାଜତରେ ଥିବା ଜଣେ ଅଭିଯୁକ୍ତ ଗୁରୁବାର ବିଳମ୍ବିତ ରାତିରେ ଶୌଚାଳୟ ଯିବା ବାହାନାରେ ଚମ୍ପଟ ମାରିଛନ୍ତି। ସେ ହେଲେ ପୁରୀ ସଦର ଥାନା ଅଞ୍ଚଳର ପ୍ରମୋଦ ମଲିକ। ଗୁରୁବାର ପୂର୍ବାହ୍ନରେ ତାଙ୍କୁ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ପୋଲିସ ଗିରଫ କରିଥିଲା। ଆର୍.ଉଦୟଗିରି ପୋଲିସ କାନକଟା ଚେକ୍‌ଗେଟରେ ଗାଡ଼ି ଯାଞ୍ଚ ବେଳେ ଏକ ପିକଅପ୍ ଭ୍ୟାନରୁ ୧୨ କୁଇଣ୍ଟାଲ ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଅଡ଼ବା ଥାନା ଗୁଙ୍ଗିମେରା ଗ୍ରାମର କରୁଣା ଗମାଙ୍ଗ, ପୁରୀ ଜିଲା ବ୍ରହ୍ମଗିରି ଥାନା ବେଣ୍ଟପଡ଼ାର ଶରତ ଦେ ଏବଂ ପୁରୀ ସଦର ଥାନା ଅଞ୍ଚଳର ପ୍ରମୋଦ ମଲିକ। ପ୍ରମୋଦ ଶୌଚାଳୟ ଯାଇ ଆଉ ଫେରି ନ ଥିଲେ। ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ କବାଟ ଭାଙ୍ଗିବା ପରେ ସେ ଚମ୍ପଟ ମାରିଥିବା ଜାଣିପାରିଥିଲେ। ଆର. ଉଦୟଗିରି ପୋଲିସ ନଂ.୨୪୭/୨୦ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଖୋଜୁଛି।

# ତହସିଲଦାରଙ୍କ ଉପରକୁ ଢେଲାମାଡ

ଦିଗପହଣ୍ଡି,୨୨।୮(ଡି.ଏନ୍.ଏ.)

**ପୂଜା ବନ୍ଦ ବେଳେ ଉତ୍ତେଜନା**

ଦିଗପହଣ୍ଡି ବ୍ଲକ ଚୌଧୁରିକିରପଡ଼ାରେ ଗଣେଶ ପୂଜା ଚାଲିଥିବା ବେଳେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ପୋଲିସ ସହ ପହଞ୍ଚି ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। କଟକଣା ନମାନି ଖୋଲିଥିବା ୨ ରାଶନ ଦୋକାନ ସିଲ୍ କରିବାବେଳେ ବହୁସଂଖ୍ୟାରେ ଗ୍ରାମବାସୀ ପହଞ୍ଚି ବେଆଇନ ବାଲି ଚାଲାଣ, ଜୁଆଖେଳ କାହିଁକି ବନ୍ଦ କରାଯାଉନାହିଁ ବୋଲି ପ୍ରଶ୍ନ କରି ସନ୍ଧ୍ୟା ପ୍ରାୟ ୬ଟାରୁ ୯ଟା ପର୍ଯ୍ୟନ୍ତ ତହସିଲଦାରଙ୍କୁ ଅଟକ ରଖିଥିଲେ। ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ସୂଚନାପାଇ କେ.ନୂଆଗାଁ ଥାନା ଅଧିକାରୀଙ୍କୁ ଜଣାଇବା ପରେ ସେ ଫୋର୍ସ ସହ ପହଞ୍ଚିଥିଲେ। ସେତେବେଳକୁ ତହସିଲଦାର କୌଶଳକ୍ରମେ ଘଟଣାସ୍ଥଳରୁ ଗାଡି ନେଇ ପଳାଇ ଆସିବାବେଳେ ତାଙ୍କ ଗାଡ଼ି ଉପରକୁ ଗ୍ରାମବାସୀ ଢେଲା ମାଡ କରିଥିଲେ। ଗାଡି ଭାଙ୍ଗିରୁଜି ଯାଇଥିଲେ ମଧ ସେ ଆହତ ହୋଇ ନ ଥିବା ଜଣାପଡିଛି।

# ଛତ୍ରପୁରର ୧୧ ଗାଁରେ ମିନି କଣ୍ଟେନ୍‌ମେଣ୍ଟ

ଛତ୍ରପୁର, ୨୨।୮(ଡି.ଏନ୍.ଏ.)

**ପୁଣି ୩୬ ନୂଆ ପଜିଟିଭ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ର ୧୧ ଗାଁ ରେ ଗୋଟିଏ ଲେଖାଏଁ ସାହି ମିନି କଣ୍ଟେନମେଣ୍ଟ ଜୋନ ରେ ରହିଛି ଏଠାରେ କରୋନା ପଜିଟିଭ ସଂଖ୍ୟା ବୃଦ୍ଧି ପାଉଥିବା ଏବଂ ପଜିଟିଭ ଆକ୍ଟିଭ ଥିବାରୁ ମିନି କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି ସେଥିମଧ୍ୟରେ କାଳିପଲି, ମହାନଦପୁର, ଆର୍ଯ୍ୟପଲି, ବଉଳଗାଁ ପଂଚାୟତ ଅଧୀନ ନନ୍ଦପଣ୍ଡାପଲି, ପୋଡପଦର ପଂଚାୟତ ଅଧୀନ ହୁମ୍ମର ଓ ପୋଡପଦର, ବିପୁଳିଙ୍ଗି ପଂଚାୟତ ଅଧୀନ ଗେଦଲପଲି ଏବଂ କଣମଣ ପଂଚାୟତ ଅଧୀନ ବାଟ ଛତ୍ରପୁର, ମାଟିଖାଲ, କଣମଣ ଓ ଟାକିରିଆ ବ୍ରହ୍ମପୁର ଗାଁ ରହିଛି ଅପରପକ୍ଷରେ ଶନିବାର ପୁଣି ଛତ୍ରପୁର ବ୍ଲକ ରେ ୨୮ ଓ ଏନଏସି ରେ ୮ ଜଣ ସମେତ ୩୬ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି ସେଥିମଧ୍ୟରେ କରୋନା ସଂକ୍ରମିତ ଙ୍କ ସଂସ୍ପର୍ଶ ରେ ଆସି ୩୫ ଜଣ ପଜିଟିଭ ହୋଇଥିବା ବେଳେ ଜଣେ କରୋନା ଯୋଦ୍ଧା ରହିଛନ୍ତି ଛତ୍ରପୁର ଏନଏସି ରେ ନୂଆ ପଜିଟିଭ ମଧ୍ୟରେ ଷ୍ଟେସନ ରୋଡ଼, ରାମ ନଗର ଦ୍ୱିତୀୟ ଲେନ, ଭାସ୍କର ପେଟା ସାହି, ନାଗୁଲୁ ପେଟା ସାହି ରୁ ଜଣେ ଲେଖାଏଁ, କାରିଣୀ ସାହି ରୁ ୨ ଜଣ ରହିଛନ୍ତି ଅପରପକ୍ଷରେ ୨୨ ଜଣ କରୋନା ରୁ ସୁସ୍ଥ ହୋଇଛନ୍ତି

# ଅମ୍ଳଜାନ ସ୍ତର ନିରୂପଣ କାର୍ଯ୍ୟକ୍ରମ ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ଦିଗପହଣ୍ଡି,୨୨।୮(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଅଫିସରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅମ୍ଳଜାନ ସ୍ତର ନିରୂପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅମ୍ଳଜାନ ସ୍ତର ୮୫ ପ୍ରତିଶତ ତଳକୁ ଖସିଲେ ଯେକୌଣସି ପ୍ରମୁଖ ଅଙ୍ଗକୁ ଅକାମୀ କରିଦେଇପାରେ ବୋଲି କହିଥିଲେ। ତେଣୁ ଅମ୍ଳଜାନ ସ୍ତର ୯୦ ରୁ ୧୦୦ ମଧ୍ୟରେ ରଖିବା ଦିଗରେ ସମସ୍ତେ ପ୍ରଯତ୍ନ ହେବା ଉଚିତ ବୋଲି କହିଥିଲେ। ପରେ ଉପସ୍ଥିତ ଗ୍ରାମବାସୀଙ୍କ ଅମ୍ଳଜାନ ସ୍ତର ପରୀକ୍ଷା କରାଯାଇଥିଲା। ସମିତିସଭ୍ୟ ସୁଶାନ୍ତ କୁମାର ସେଠୀ, ବ୍ଲକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଉମେଶ କୁମାର ସାବତ, ପିଏଚଇଓ ଅନୀତା ପ୍ରଧାନ, ଅଙ୍ଗନୱାଡି ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଜାରରେ ରହୁନି ସାମାଜିକ ଦୂରତ୍ୱ

ଦାରିଙ୍ଗବାଡ଼ି,୨୨।୮(ଡି.ଏନ୍.ଏ.)


ବାଲିଗୁଡ଼ା ଏସ୍‌ଡିପିଓ ସିମନବାଡ଼ି ବଜାରରେ ଚଢ଼ାଉ କରୁଛନ୍ତି।

**ଏସ୍‌ଡିପିଓଙ୍କ ଚଢ଼ାଉ, ଅମାନିଆ ଅଟକ**

ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଶୁକ୍ରବାର ଦାରିଙ୍ଗବାଡ଼ି ଥାନା ଅଞ୍ଚଳ ଗସ୍ତ କରିଥିଲେ। ସିମନବାଡ଼ି ବଜାରରେ ଅମାନିଆ ବାଇକ ଚାଳକଙ୍କୁ ଧରିବା ସହ ଦୋକାନ, ଗ୍ରାହକ ସେବାକେନ୍ଦ୍ରରେ ଭିଡ଼ ଦେଖି ତାଗିଦ୍ କରିଥିଲେ। ସାମାଜିକ ଦୂରତା ନ ରଖିଲେ ଆଗକୁ କଡା କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିଲେ। ସିମନବାଡ଼ି ବ୍ୟାଙ୍କ ପରିଚାଳକଙ୍କୁ ମଧ ଏହି ଦିଗରେ ଦୃଷ୍ଟି ଦେବାକୁ ଏସ୍‌ଡିପିଓ କହିଥିଲେ। ଦୋକାନ ଗୁଡ଼ିକରେ ବ୍ୟାରିକେଡ କରି ସାମାଜିକ ଦୂରତା ରଖିବାକୁ ପରାମର୍ଶ ଦେଇଛନ୍ତି। ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀଙ୍କୁ ଅମାନିଆଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ରାହ୍ମଣୀଗାଁ ସମେତ ଦାସିଂବାଡ଼ି, ଦାରିଙ୍ଗବାଡ଼ି ଆଦି ନିଷିଦ୍ଧାଞ୍ଚଳ ଘୋଷଣା ପରେ ସେ ସବୁ ଅଞ୍ଚଳର ଛୋଟବଡ଼ ବ୍ୟବସାୟୀଙ୍କ ସମେତ ଜନସାଧାରଣ ସିମନବାଡ଼ି ବଜାର ଏବଂ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ଫଳରେ ସିମନବାଡି ବଜାରରେ ଭିଡ ଜମୁଛି। ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଜିଲା ପ୍ରଶାସନର ନିର୍ଦ୍ଦେଶ ଥିଲେ ମଧ ୩ଟା ପର୍ଯ୍ୟନ୍ତ କେତେକ ଦୋକାନ ଖୋଲା ରହୁଛି।

## ଗଜପତି: ୬୨ ପଜିଟିଭ୍ ଚିହ୍ନଟ

ପାରଳାଖେମୁଣ୍ଡି,୨୨।୮ (ସ୍ୱ.ପ୍ର.)

ଗଜପତି ଜିଲାରେ କରୋନା ସଂକ୍ରମଣ ଥମୁନି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଜିଲାରେ ୬୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ସଂଖ୍ୟା ୨୬୦୭ରେ ପହଞ୍ଚିଛି । ଚିହ୍ନଟ ୬୨ ଜଣଙ୍କ ମଧ୍ୟରୁ ପାରଳାଖେମୁଣ୍ଡି ସହରାଞ୍ଚଳର ୨୨ ଜଣ, ଗୋଷାଣୀ ବ୍ଲକରୁ ୫, ଗୁମ୍ମାରୁ ୭, କାଶୀନଗରରୁ ୬, ମୋହନାରୁ ୫, ରାୟଗଡରୁ ୪, ନୂଆଗଡରୁ ୩ ଏବଂ ଆର୍.ଉଦୟଗିରିରୁ ୧୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୬ଜଣ କରୋନା ଯୋଦ୍ଧା ରହିଛନ୍ତି। ୪୧ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କ ଯାଞ୍ଚ ବେଳେ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୧୪ଜଣ ଏବଂ ଜଣେ ଜିଲାବାହାରୁ ଚିହ୍ନଟ ହୋଇଥିବା ଜଣାପଡିଛି।

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

**ଅଳ୍ପକେ ବର୍ତ୍ତିଲେ ମା', ଝିଅ**


ଭାଙ୍ଗି ଯାଇଥିବା ଘର।

ଖଜୁରିପଡ଼ା/ବଲସକୁମ୍ପା,୨୨।୮(ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ଜାମୁସାହି ଗ୍ରାମର ଯମୁନା କହଁର (୫୫)ଙ୍କ କାନ୍ଥ ଗୁରୁବାର ରାତିରେ ଭୁଶୁଡି ପଡିଥିଲା। ଘରେ ଶୋଇଥିବା ସେ ଓ ତାଙ୍କ ଦିବ୍ୟା ଝିଅ ବିନତିଙ୍କ ଉପରେ କାନ୍ଥ ପଡିଥିଲେ ମଧ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ଯମୁନା କହିଛନ୍ତି। ବଲସକୁମ୍ପା ସରପଞ୍ଚ ଅଜୟ କୁମାର ମଲିକ, ଆର୍‌ଆଇ ପୂରନାଥ ମଲିକ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ଏନେଇ ତହସିଲଦାର ସ୍ୱପ୍ନିତା ନାୟକ କହିଛନ୍ତି, ଆର୍‌ଆଇ ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ଜିଲାପାଳଙ୍କ ନିକଟକୁ ପଠାଇବା ପରେ ସହାୟତା ଯୋଗାଇ ଦିଆଯିବ।



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଚଷମା ୨ କୋଟି ୫୫ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ଏହାକୁ ଆମେରିକାର ଜଣେ ସଂଗ୍ରାହକ କିଣିଛନ୍ତି। ଏନେଇ ଇଷ୍ଟ ବିଷ୍ଟଲ ନିଲାମ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଛି। ମହାତ୍ମାଙ୍କ ଏହି ଗୋଲାକାର ଚଷମା କିଣିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ବଢ଼ିବାରେ ଲାଗିଥିଲା। ୧୯୦୦ ମସିହାର ପ୍ରଥମ ଦଶକରେ ମହାତ୍ମାଙ୍କୁ ଉପହାରରେ ମିଳିଥିଲା। ଏହି ଚଷମା ବିକ୍ରେତା ଏଣ୍ଡି ଷ୍ଟୋଓ୍ୱଙ୍କ ଅନୁସାରେ ତାଙ୍କ ଦାଦା ୧୯୧୦ରୁ ୧୯୩୦ ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ବ୍ରିଟିଶ୍ ପେଟ୍ରୋଲିୟମ୍‌ରେ କାମ କରୁଥିଲେ। ଏହି ସମୟରେ ସେ ମହାତ୍ମାଙ୍କୁ ଚଷମା ଉପହାରରେ ଦେଇଥିଲେ।

ଦ୍ୱିତୀୟ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା

(ପିହୁ)
ସାନ୍‌ଭି ପ୍ରିୟଦର୍ଶିନୀ
(ଦେଓକୋରି) ବାଲିସାହି, ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ଦ୍ୱିତୀୟ ବାର୍ଷିକୀ ଜନ୍ମଦିନ ଉପଲକ୍ଷେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତଜନନୀ ମା ଶାରଳା ତୋର ଚଲାପଥ ଚିରକୁସୁମିତ କରନ୍ତୁ। ଏହି ଅବସରରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବଡ଼ ମାମା, ବାବା, ମାମା, ସୌମ୍ୟା ଦିଦି, ଗୁଡୁ ଭାଇ, ଜଗାମାମୁ, ଅମୁମାମୁ, ମାଈଁ, ବସନ୍ତ ମାଆ, ମୀନା ମାଆ, ଶ୍ରୀମତୀ ମାଆ, ପ୍ରଫୁଲ୍ଲ ଜେଜେ, ଓଷି ଦିଦି, ସୁମନ୍ତ ପିଉସା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୦୧୯

ଜନ୍ମଦିନ ଶୁଭେଚ୍ଛା

ଶ୍ରୀଯୁକ୍ତ ରବିପ୍ରସାଦ ନାୟକ
ମହାଶୟ, ଆଜି ଆପଣଙ୍କ ପବିତ୍ର ଜନ୍ମଦିନରେ ଆମ୍ଭେ ଆପଣଙ୍କର ଆଶୀର୍ବାଦ ଭିକ୍ଷା କରୁଛୁ। ଆପଣଙ୍କ ଆଶୀର୍ବାଦରୁ ଚଳଚ୍ଚିତ୍ର/ ଦୂରଦର୍ଶନରେ ଆମ୍ଭେମାନେ ଆଜି ପ୍ରତିଷ୍ଠିତ।
Orissa Film & TV Instituteର Students ମାନେ ।
ଧ-୬୯୪୩୧

ଜନ୍ମଦିନ ଶୁଭେଚ୍ଛା

ଶ୍ରୀଯୁକ୍ତ ରବିପ୍ରସାଦ ନାୟକ
ସାର୍, ପ୍ରଭୁ ଭଗବାନ ଶ୍ରୀରାମଙ୍କ କୃପାରୁ ଓ ଶ୍ରୀଶ୍ରୀ ଉତ୍ତରେଶ୍ୱର ପଞ୍ଚମୁଖୀ ହନୁମାନଙ୍କ କୃପାରୁ ଆପଣଙ୍କର ''ଦୂରଦର୍ଶନ ଓଡ଼ିଆ'' TV ସିରିଏଲ୍‌ରେ ବିଚିତ୍ର ରାମାୟଣ ''ସୁପରହିଟ୍'' ହେଉ। ଆଜି ପବିତ୍ର ଜନ୍ମଦିନରେ ଏତିକି କାମନା। ''ବିଚିତ୍ର ରାମାୟଣ'' ର ସମସ୍ତ ଅଭିନେତା ଓ Technician ମାନେ
ଧ-୬୯୪୩୦

ଜନ୍ମଦିନ ଶୁଭେଚ୍ଛା

ଶ୍ରୀଯୁକ୍ତ ରବିପ୍ରସାଦ ନାୟକ
ହେ ଭୀମଟାଙ୍ଗୀର ନାଟକ ଜଗତର ବାଦଶାହ ଆପଣ Indian School of Drama ୧୯୯୩-୯୪ରେ ପ୍ରତିଷ୍ଠା କରି ଯାତ୍ରା/ ନାଟକ/ ଚଳଚ୍ଚିତ୍ର ଓ ଦୂରଦର୍ଶନ ପାଇଁ ଅନେକ କଳାକାର ଓ Technician ତିଆରି କରିଛନ୍ତି, ଆଜି ଆପଣଙ୍କର ପବିତ୍ର ଜନ୍ମଦିନରେ ଆମ୍ଭେ ବିନମ୍ର ପ୍ରଣାମ କରୁଛୁ।
Indian School of Dramaର Students ମାନେ ।
ଧ-୬୯୪୨୯



ଧ-୬୯୭୬୬



ବିପାଶା ବସୁ

# ୫ ବର୍ଷ ପରେ ଫେରିବେ ବିପାଶା

**ମୁମ୍ବାଇ:** ବଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିର ବ୍ଲାକ୍ ବିୟୁଟି ଭାବେ ବିପାଶା ବସୁଙ୍କୁ କିଏ ନ ଜାଣେ। ଦୁଇ ଦଶକ ଧରି ସିନେ ଜଗତରେ ରାଜ୍ କରିଥିବା ବିପାଶା ପୁଣିଥରେ ପରଦାକୁ ଫେରିଛନ୍ତି। ସ୍ୱାମୀ କରନ ସିଂ ଗ୍ରୋଭରଙ୍କ ସହ 'ଡେଞ୍ଜରିୟସ୍'ରେ ସେ ନଜର ଆସୁଛନ୍ତି। ବିବାହ ପରେ ଅଭିନୟରୁ ଦୂରେଇ ଯାଇଥିବା ବିପାଶା ପାଞ୍ଚ ବର୍ଷ ପରେ ପୁଣି ଫେରିବାକୁ ନେଇ ଉତ୍ସାହିତ ଅଛନ୍ତି। ହେଲେ ବିପାଶାଙ୍କ ପାରମ୍ଭିକ ଅଭିନୟ ଜୀବନ ସଂଘର୍ଷପୂର୍ଣ୍ଣ ଥିଲା। ଏପରିକି ତାଙ୍କୁ କାଷ୍ଟିଂ କାଉଚ୍‌ର ସାମ୍ନା କରିବାକୁ ପଡ଼ିଥିଲା ବୋଲି ସେ ତାଙ୍କ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। 'ଡେଞ୍ଜରିୟସ'ର ପ୍ରମୋଶନରେ ବ୍ୟସ୍ତ ଥିବା ବିପାଶା ନିଜର ଅତୀତକୁ ମନେ ପକାଇଛନ୍ତି। କ୍ୟାରିୟର ଆରମ୍ଭ ସମୟରେ ତାଙ୍କୁ ଯୌନଶୋଷଣର ଶିକାର ହେବାକୁ ପଡ଼ିଥିଲା। ଖରାପ ବ୍ୟବହାରକୁ ସହି ପାରୁ ନ ଥିଲେ ସେ। ଜଣେ ଲୋକପ୍ରିୟ ଫିଲ୍ମନିର୍ମାତା ତାଙ୍କ ସହ ଅସଭ୍ୟ ବ୍ୟବହାର କରିଥିଲେ। ତାଙ୍କ ସହ ବିପାଶା ଏକ ଚଳଚ୍ଚିତ୍ରରେ କାମ କରିବାକୁ ହଁ ଭରିଥିଲେ। ଏପରିସ୍ଥଳେ ସେ ଏକଦା ଘରକୁ ଫେରିବା ପରେ ତାଙ୍କୁ ଏକ ମେସେଜ ମିଳିଥିଲା। ସେଥିରେ ଲେଖାଥିଲା 'ତୁମ ହସକୁ ମନେ ପକାଉଛି'। ଏହା ପଢ଼ି ବିପାଶାଙ୍କୁ ଅଜବ ଲାଗିଥିଲା। ହେଲେ ସେ ଏହାକୁ ଅଣଦେଖା କରିଥିଲେ। କିଛିଦିନ ପରେ ପୁଣି ଥରେ ନିର୍ମାତା ଜଣଙ୍କ ତାଙ୍କୁ ସମାନ ମେସେଜ୍ ପଠାଇଥିଲେ। ବିପାଶା ଏଥିରେ ରାଗିଯାଇ ଫିଲ୍ମ ପାଇଁ ନେଇଥିବା ଟଙ୍କା ଫେରାଇ ଦେବାକୁ ତାଙ୍କ ସେକ୍ରେଟେରୀଙ୍କୁ କହିଥିଲେ। ଏପରିକି ସେ ନିର୍ମାତାଙ୍କ ସହ କାମ କରିବାକୁ ଚାହୁଁ ନ ଥିବା ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏହା ଜାଣିବା ପରେ ନିର୍ମାତା ଜଣଙ୍କ ଟଙ୍କା ଫେରାଇବା ଦରକାର ନାହିଁ ବୋଲି କହିଥିଲେ। ସେବେଠାରୁ ତାଙ୍କ ପାଖକୁ ଆଉ ଖରାପ ମେସେଜ୍ ଆସି ନ ଥିବା ବିପାଶା କହିଛନ୍ତି।

# ଆହୁରି ବାକି ୭ବର୍ଷର ଇନ୍ଧନ

**ମହାକାଶ ଗବେଷଣାରେ ଭାରତର ଅନ୍ୟତମ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଚନ୍ଦ୍ରୟାନ-୨ । ଇତିମଧ୍ୟରେ ମହାଶୂନ୍ୟରେ ସଫଳତାର ସହ ବର୍ଷେ ପୂରଣ କରିଛି ଚନ୍ଦ୍ରୟାନ। ଏଥିରେ ଆହୁରି ୭ ବର୍ଷର ଇନ୍ଧନ ବାକି ରହିଛି। ଇନ୍ଧନ ସମାପ୍ତ ହେବା ପୂର୍ବରୁ ଚନ୍ଦ୍ର ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ହୋଇସାରିଥିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ କୁହାଯାଇଛି।**



ଚନ୍ଦ୍ରୟାନ-୨

**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଅଭିଯାନରେ 'ଚନ୍ଦ୍ରୟାନ-୨' ଏକ ମାଇଲଖୁଣ୍ଟ। ୨୦୧୯ ଜୁଲାଇ ୨୨ରେ ମହାକାଶକୁ ପ୍ରେରଣ କରାଯାଇଥିଲା ଚନ୍ଦ୍ରୟାନ-୨। ଏହା ଅଗଷ୍ଟ ୨୦ ତାରିଖରେ ଚନ୍ଦ୍ର କକ୍ଷପଥରେ ପ୍ରବେଶ କରିଥିଲା। ଏହା ସହିତ ବିକ୍ରମ ନାମକ ଏକ ଲ୍ୟାଣ୍ଡର ମଧ୍ୟ ପଠାଯାଇଥିଲା। ଏହି ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ପୃଷ୍ଠରେ ଅବତରଣ କରାଯିବାକୁ ଯୋଜନା କରାଯାଇଥିଲା। ହେଲେ ବୈଷୟିକ ତ୍ରୁଟି ଯୋଗୁ ଏହା ଠିକ୍ ଭାବେ ଲ୍ୟାଣ୍ଡିଂ କରିପାରି ନ ଥିଲା। ଇତିମଧ୍ୟରେ ଚନ୍ଦ୍ର କକ୍ଷପଥରେ ଚନ୍ଦ୍ରୟାନ ବର୍ଷେ ପୂରଣ କରିଛି। ଏହାର ସମସ୍ତ ଉପକରଣ ଠିକ୍ ଭାବେ କାର୍ଯ୍ୟ କରୁଛି। ଏଥିରେ ଏତେ ପରିମାଣର ଇନ୍ଧନ ଅଛି ଯେ, ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ଏହି ଇନ୍ଧନରେ ଚନ୍ଦ୍ରୟାନ-୨ ଆହୁରି ୭ବର୍ଷ କାର୍ଯ୍ୟକ୍ଷମ ରହିପାରିବ।

ଇସ୍ରୋ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭିଯାନରେ ଯଦିଓ ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡର ଠିକ୍ ଭାବେ ଲ୍ୟାଣ୍ଡିଂ ହୋଇପାରିନାହିଁ, ତଥାପି ୮ ବୈଜ୍ଞାନିକ ଉପକରଣରେ ସୁସଜ୍ଜିତ ଅର୍ବିଟରକୁ ସଫଳତାର ସହ ଚନ୍ଦ୍ର କକ୍ଷପଥରେ ସ୍ଥାପନ କରାଯାଇପାରିଥିଲା। ଏହି ଅର୍ବିଟର ଅଦ୍ୟାବଧି ୪,୪୦୦ ଥର ପରିକ୍ରମା କରିସାରିଲାଣି। ସବୁ ଉପକରଣ ବେଶ୍ ଭଲଭାବେ କାମ କରୁଛି। ଅର୍ବିଟରରେ ଲାଗିଥିବା ହାଇ ରେଜ୍ୟୁଲେଶନ କ୍ୟାମେରା ଚନ୍ଦ୍ରର ନକ୍ସା, ସେଠାକାର ବାୟୁମଣ୍ଡଳକୁ ଲଗାତର ନିରୀକ୍ଷଣ କରୁଛି। ଏହାର ତଥ୍ୟ ଇସ୍ରୋର ଇଣ୍ଡିଆନ ସ୍ପେସ ସାଇନ୍ସ ଡାଟା ସେଣ୍ଟରରେ ମହଜୁଦ ରଖାଯାଇଛି। ଏସବୁ ତଥ୍ୟକୁ ଚଳିତ ବର୍ଷ ଶେଷ ସୁଦ୍ଧା ସର୍ବସମ୍ମୁଖକୁ ଅଣାଯିବ। ଏହି ତଥ୍ୟରୁ ଚନ୍ଦ୍ରୟାନ-୨ରେ ଲାଗିଥିବା ଉପକରଣଗୁଡ଼ିକ କେତେ ଦକ୍ଷ ତାହା ପ୍ରମାଣିତ ହେବ। ସେହିପରି ଚନ୍ଦ୍ରର ଅଧ୍ୟୟନ ଲାଗି ପଥ ପ୍ରଶସ୍ତ ମଧ୍ୟ କରିବ।

ଚନ୍ଦ୍ର ପୃଷ୍ଠର ଭୂ-ଆକୃତି, ରାସାୟନିକ ସରଞ୍ଚନା, ବାୟୁମଣ୍ଡଳ, ଉଷ୍ମଭୌତିକ ଗୁଣ, ଚନ୍ଦ୍ରର ଉତ୍ପତ୍ତି, ବିକାଶ, ସେଠାରେ ଥିବା ଖଣିଜ ପଦାର୍ଥ ବିଷୟରେ ଜାଣିବା ଚନ୍ଦ୍ରୟାନ-୨ର ମୁଖ୍ୟ ଲକ୍ଷ୍ୟ। ଏହି ଅଭିଯାନରେ ଚନ୍ଦ୍ରର ଦକ୍ଷିଣ ପ୍ରାନ୍ତରେ ଏକ ରୋଭର ଅବତରଣ କରାଯିବାକୁ ଯୋଜନା କରାଯାଇଥିଲା। ହେଲେ ହାର୍ଡ ଲ୍ୟାଣ୍ଡିଂ ଯୋଗୁ ଏହା ସଫଳ ହୋଇପାରି ନ ଥିଲା। ସୂଚନାଯୋଗ୍ୟ, ୨୦୦୮ରେ ହୋଇଥିବା ପ୍ରଥମ ମୁନ୍ ମିଶନ ଭାରତୀୟ ମହାକାଶ ଗବେଷଣା କ୍ଷେତ୍ରରେ ଥିଲା ସଫଳତମ ଅଧ୍ୟାୟ। ଏହି ଅଭିଯାନରେ ଚନ୍ଦ୍ରରେ ପ୍ରଚୁର ମାତ୍ରାରେ ପାଣି ବରଫ ଆକାରରେ ଜମା ହୋଇ ରହିଥିବା ଜଣାପଡ଼ିଥିଲା।

# ପୋଲିସ ଚାକିରି ଛାଡ଼ି ସଫଳ ଚାଷୀ

**କୋଚି:** କଥାରେ ଅଛି, 'ମାଛ ଖାଇବ ଇଲିଶି ଚାକିରି କରିବ ପୋଲିସ'। ହେଲେ କେରଳର ଜଣେ ବ୍ୟକ୍ତି ପୋଲିସ ଚାକିରି ଛାଡ଼ି ଚାଷକୁ ଆପଣାଇଛନ୍ତି। ପୋଲିସ ଚାକିରି ପ୍ରତି ତାଙ୍କର କୌଣସି ଅସନ୍ତୋଷ ନ ଥିଲା। ହେଲେ ସେ ଜଣେ ଭଲ ଚାଷୀ ହେବାକୁ ସ୍ଥିର କରିଥିଲେ। ଇତିମଧ୍ୟରେ ସେ ରାଜ୍ୟ ସରକାରଙ୍କ ଠାରୁ 'ଶ୍ରେଷ୍ଠ କୃଷକ' ସମ୍ମାନ ପାଇବାରେ ସଫଳ ହୋଇଛନ୍ତି। ସେ ହେଲେ କେରଳର ମାଲାପ୍ପୁରମ୍ ଜିଲା ଏଡାପ୍ପାଲ୍ ଅଞ୍ଚଳର ଲତିଫ୍ କୋଲାଥ୍। ୧୯ ବର୍ଷ ବୟସରେ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ(ସିଆର୍‌ପିଏଫ୍)ରେ ଯୋଗ ଦେଇଥିଲେ। ଡେପୁଟେଶନରେ ଦିଲ୍ଲୀ ପୋଲିସରେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ଚାହିଁଥିଲେ ଅଧିକ ଷ୍ଟାର୍ ହାସଲ କରିପାରିଥାନ୍ତେ। ହେଲେ ସେ ଚାଷକାର୍ଯ୍ୟ ପାଇଁ ମନ ବଳାଇଥିଲେ।



୨୦୧୧ରେ ସେ ପୋଲିସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଚାଷକ୍ଷେତ୍ରକୁ ଓହ୍ଲାଇଥିଲେ। ଇତିମଧ୍ୟରେ ୯ବର୍ଷ ବିତିଯାଇଥିବାବେଳେ ସେ ଚାଷକୁ ନେଇ କେବେ ଅସନ୍ତୁଷ୍ଟ ହୋଇନାହାନ୍ତି। ମାତ୍ର ଅନେକ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୨୦୧୧ରେ ଲତିଫ୍ ୪ ଏକର ଜମିରେ ପରୀକ୍ଷାମୂଳକଭାବେ ପ୍ରଥମେ ଧାନ ଚାଷ କରିଥିଲେ। ପରେ ସେ ଆଉ ୮୫ ଏକର ଜମି ଲିଜ୍‌ରେ ନେଇ ଧାନ ଚାଷ କରୁଛନ୍ତି। ତାଙ୍କ କହିବା ଅନୁଯାୟୀ ନିଷ୍ଠା ଓ ପରିଶ୍ରମ ଦ୍ୱାରା ଏକର ପିଛା ୧୫ହଜାର ଟଙ୍କା ଲାଭ ମିଳିପାରିବ। କେବଳ ଧାନଚାଷ ନୁହେଁ, ସେ ଗୋପାଳନ, କୁକୁଡ଼ା, ଛେଳି ପାଳନ ଏବଂ ପରିବା ଚାଷ କରି ବେଶ୍ ସଫଳତା ପାଇଛନ୍ତି। ଲତିଫ୍ କୁହନ୍ତି, କରୋନା ମାନ୍ଦାବସ୍ଥା ଗୋଟିଏ କଥା ଶିଖାଇଲା, ଚାଷ କେବେ ମଧ୍ୟ ତଳକୁ ଖସିବାକୁ ଦେବନି। କରୋନା ତାଙ୍କ ଆୟକୁ କୌଣସି ପ୍ରକାରେ ପ୍ରଭାବିତ କରିପାରିନାହିଁ। ଏଭଳି ପରିସ୍ଥିତିରେ ମଧ୍ୟ ଅଣ୍ଡା, କ୍ଷୀର ଏବଂ ପନିପରିବା ବିକ୍ରିକରି ବେଶ୍ ଲାଭବାନ୍ ହେଉଥିବା ସେ କହିଛନ୍ତି। ଯଦି ଜଣେ ଚାଷକୁ ପେସା କରିବାକୁ ଚାହାନ୍ତି ଏବଂ କଠିନ ପରିଶ୍ରମ କରନ୍ତି, ତେବେ ଏହା ଯୁବଗୋଷ୍ଠୀଙ୍କ ପାଇଁ ଭଲ ରୋଜଗାରର ପନ୍ଥା ହୋଇପାରିବ ବୋଲି ଲତିଫ୍ କହିଛନ୍ତି।

# ମାସ୍କ ପିନ୍ଧାଇବ ମେଶିନ

**ନୂଆଦିଲ୍ଲୀ:** ମହାମାରୀ କରୋନାରୁ ବର୍ତ୍ତିବା ଲାଗି ମାସ୍କ ପିନ୍ଧିବା ସମସ୍ତଙ୍କ ପାଇଁ ଜରୁରୀ ଆବଶ୍ୟକତା। ଏନେଇ ଏବେ ସମସ୍ତେ ପ୍ରାୟ ସଚେତନ ହେଲେଣି ଏବଂ ଘରୁ ବାହାରିବା ମାତ୍ରେ ସମସ୍ତେ ମାସ୍କ ମଧ୍ୟ ପିନ୍ଧୁଛନ୍ତି। ତେବେ କିଛି ଲୋକ ଏବେ ବି ମାସ୍କ ପିନ୍ଧିବା ପାଇଁ ଇଚ୍ଛା କରୁନାହାନ୍ତି ଏବଂ ଅନେକେ ମାସ୍କ ପିନ୍ଧିବାକୁ ଭୁଲି ଯାଉଛନ୍ତି। ଏଭଳି ଲୋକଙ୍କୁ ଏବେ ମାସ୍କ ପିନ୍ଧାଇବ ଏକ ମେଶିନ୍।

ପୂର୍ବତନ ବାସ୍କେଟବଲ୍ ଖେଳାଳି ରେସ୍କ ଚାପମ୍ୟାନ୍ ସୋସିଆଲ୍ ମିଡିଆରେ ମାସ୍କ ପିନ୍ଧାଉଥିବା ମେଶିନ୍‌ର ଏକ ଭିଡିଓ ଶେୟାର କରିଛନ୍ତି। ଏହି ମେଶିନ୍‌ଟି ତା' ଆଗରେ ବସିଥିବା ଲୋକଙ୍କୁ ଜୋର କରି ଏକ ମାସ୍କ ପିନ୍ଧାଇ ଦେବ। ଏହି ମେଶିନ୍‌ର ନାଁ ରହିଛି 'ଦି କେରେନେଟର'। ଏହି ମେଶିନ୍‌ରେ ପ୍ରଥମେ ଏକ ମାସ୍କ ଲଗାଇ ଦିଆଯାଇଥାଏ। ଆଉ ମାସ୍କ ପିନ୍ଧି ନ ଥିବା ବ୍ୟକ୍ତିଙ୍କୁ ଏହି ମେଶିନ୍ ଆଗରେ ବସିବାକୁ ହିଁ ପଡ଼ିଥାଏ। ମେଶିନ୍ ଚଲାଇବାର କିଛି ସେକେଣ୍ଡ ମଧ୍ୟରେ ସେଥିରେ ଥିବା ମାସ୍କଟି ଖୁବ୍ ଜୋରରେ ଉଡ଼ିଆସି ଆଗରେ ବସିଥିବା ବ୍ୟକ୍ତିଙ୍କ ମୁହଁରେ ଠିକ୍ ଭାବରେ ଆପେ ଆପେ ଲାଗିଯିବ।



ମାସ୍କ ପିନ୍ଧାଇବାର ଏହି ମେଶିନ୍ ଏବେ ସୋସିଆଲ୍ ମିଡିଆରେ ଢେର ଚର୍ଚ୍ଚାର କାରଣ ହୋଇଛି। ତେବେ ଭିଡିଓରେ ମେଶିନ୍‌କୁ ଦେଖୁଥିବା ଲୋକେ ଏହାକୁ ମାସ୍କ ନ ପିନ୍ଧିଥିବା ଲୋକଙ୍କ ପାଇଁ ଏକ ଶକ୍ତ ଚାପୁଡ଼ା ବୋଲି ବର୍ଣ୍ଣନା କରିଛନ୍ତି। କାରଣ ମେଶିନ୍‌ରୁ ଏତେ ଜୋରରେ ମାସ୍କଟି ବାହାରି ଆସେ ଯେ ହଠାତ୍ ବ୍ୟକ୍ତିଜଣକ ପ୍ରସ୍ତୁତ ନ ଥିଲେ ଚମକି ପଡ଼ିବ। ସେଥିପାଇଁ ସୋସିଆଲ୍ ମିଡିଆରେ ଏହି ମେଶିନ୍ ପାଇଁ ଲୋକେ କ୍ୟାପ୍‌ସନରେ ଭିନ୍ନଭାବେ ପ୍ରତିକ୍ରିୟା ଦେଇଛନ୍ତି। ଅଧିକାଂଶ ଲୋକ ଏହାକୁ ନେଇ ମଜାଦାୟକ କମେଣ୍ଟ ଦେଇଛନ୍ତି।

# ଗୁରୁ-ଚେଲା ଆପ୍

**ଧାନ୍‌ବାଦ:** ଶାଶୁ ବୋହୂଙ୍କ ଯୋଡ଼ିକୁ ସାଧାରଣତଃ ସମସ୍ତେ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି। କିନ୍ତୁ ଝାଡ଼ଖଣ୍ଡ ଧାନ୍‌ବାଦର ଏକ ଶାଶୁ ବୋହୂ ଯୋଡ଼ି ଏବେ ତିଆରି କରିଛନ୍ତି ଗୁରୁ ଚେଲା ଆପ୍, ଯେଉଁଥି ପାଇଁ ଜୋରଦାର ଚର୍ଚ୍ଚା ହେଉଛି।

ଧାନ୍‌ବାଦର ଘୋୟା ନିବାସୀ ୭୦ ବର୍ଷୀୟା ମନୋରମା ସିଂହ ଓ ୩୨ ବର୍ଷୀୟା ଶ୍ୱାତୀ କୁମାରୀ ମିଳିତଭାବେ ତିଆରି କରିଛନ୍ତି ଗୁରୁ ଚେଲା ଆପ୍। ଏହି ଆପ୍ ମାଧ୍ୟମରେ ଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ରମାନେ ଯୋଗାଯୋଗ ରକ୍ଷା କରିପାରିବେ। ଉଭୟ ଏହି ଆପରେ ରେଜିଷ୍ଟର କରି ଆବଶ୍ୟକ ଅନୁସାରେ ଅନ୍‌ଲାଇନ୍ କ୍ଲାସ୍ କରିବାର ସୁଯୋଗ ପାଇଥାନ୍ତି। ବିଭିନ୍ନ ପ୍ରକାରର ସ୍କୁଲ ଶିକ୍ଷାଠାରୁ ଆରମ୍ଭ କରି ଇଞ୍ଜିନିୟରିଂ, ୟୁପିଏସ୍‌ସି, ଗୀତ, ସଙ୍ଗୀତ, ଯୋଗ, ଆର୍ଟ ଆଦି ବିଭିନ୍ନ ବିଭାଗର ଶିକ୍ଷକ ସହଜରେ ମିଳି ଯାଇଥାନ୍ତି। ତେଣୁ ଏହି ଆପ୍ ମାଧ୍ୟମରେ ଏବେ ବହୁ ଲୋକ ନିଯୁକ୍ତି ପାଇ ରୋଜଗାର କରି ପାରୁଛନ୍ତି। ବିଭିନ୍ନ ଅଞ୍ଚଳର ଭିନ୍ନ ଭିନ୍ନ ବିଭାଗର ଛାତ୍ର ଏହି ଆପ୍ ମାଧ୍ୟମରେ ପାଠ ପଢ଼ିବାର ବି ସୁଯୋଗ ପାଇଛନ୍ତି।

ଲକ୍‌ଡାଉନ୍ ସମୟରେ ପିଲାମାନେ ପାଠ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହ କେତେକ ସ୍ଥାନରେ ଗୁରୁମାନେ ବି ରୋଜଗାର ହରାଇଛନ୍ତି। ଏକଥାକୁ ଅନୁଭବ କରିବା ପରେ ମନୋରମା ଏବଂ ଶ୍ୱାତୀ ପ୍ରଥମେ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସହିତ ଫୋନ୍ ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରିଥିଲେ। ଏହାପରେ ଅଧିକ ଲୋକଙ୍କୁ ଏହି ମାଧ୍ୟମରେ ଯୋଡ଼ିବା ପାଇଁ ଉଭୟ ଏକ ଆପ୍ ତିଆରି କରିବାର ନିଷ୍ପତ୍ତି ନେଇଥିଲେ। ପ୍ଲେ ଷ୍ଟୋରରେ ଏହି ଗୁରୁ ଚେଲା ଆପ୍ ଉପଲବ୍ଧ ହେଉଛି। ଡାଉନଲୋଡ୍ କରିବା ପରେ ଏଥିରେ ରେଜିଷ୍ଟ୍ରେଶନ୍ କରିବାକୁ ପଡ଼ିଥାଏ। ଏହାପରେ ଆପ୍‌ରେ ବିକଳ୍ପ ଅନୁସାରେ ଚୟନ କରିବା ପରେ ସମସ୍ତ ସୂଚନା ମିଳିପାରିବ। ଲକ୍‌ଡାଉନ୍ ସମୟରେ ଏହି ଆପ୍ ଏବେ ଏତେ ଲୋକପ୍ରିୟ ହେଲାଣି ଯେ ଏଥିପାଇଁ ହିଁ ଶାଶୁ ବୋହୂଙ୍କ ଯୋଡ଼ିକୁ ନେଇ ଚର୍ଚ୍ଚା ମଧ୍ୟ ହେଉଛି।



# ଇକୋ ଫ୍ରେଣ୍ଡ୍‌ଲି ଗଣେଶ

**ଅହମଦାବାଦ:** କରୋନା କଟକଣା ପାଇଁ ଏଥର ହୋଇପାରିନି ଗଣେଶ ପୂଜା। କିନ୍ତୁ କଟକଣା ଭିତରେ ଗାଇଡ୍‌ଲାଇନ୍ ଅନୁସାରେ ଅନେକ ନିଜ ନିଜ ଷ୍ଟାଇଲରେ ଗଣପତିଙ୍କୁ ଆବାହନ କରିଛନ୍ତି। ବିଭିନ୍ନ ସ୍ଥାନରେ ଲୋକେ ଇକୋ ଫ୍ରେଣ୍ଡ୍‌ଲି ଗଣେଶ ତିଆରି କରି ପୂଜା କରିଛନ୍ତି। ତେଣୁ ଗଣେଶଙ୍କ ପୂଜା ଆରାଧନା ହେବା ସହିତ ପରିବେଶ ବି ପ୍ରଦୂଷଣ ମୁକ୍ତ ହୋଇପାରିବ। ଏହି ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଥିମ୍‌ରେ ଗଣେଶଙ୍କ ପ୍ରତିମା ତିଆରି କରାଯାଇଛି। କେତେକ ସ୍ଥାନରେ କଳାକାରମାନେ ଏଭଳି ମୂର୍ତ୍ତି ତିଆରି କରି ବାଣ୍ଟିଛନ୍ତି ତ କେତେକ ସ୍ଥାନରେ ସ୍ୱତନ୍ତ୍ର ଭାବରେ ବିକ୍ରି ଉଦ୍ଦେଶ୍ୟରେ ଏପରି ମୂର୍ତ୍ତି ତିଆରି କରାଯାଇଛି। ତେବେ ଇକୋ ଫ୍ରେଣ୍ଡ୍‌ଲି ମୂର୍ତ୍ତି ନିମନ୍ତେ କେଉଁଠି ଗୋବରରେ ଗଣେଶ ମୂର୍ତ୍ତି ତିଆରି ହୋଇଛି ତ କେଉଁଠି ଗଣେଶଙ୍କୁ ତିଆରି କରାଯାଇଛି ଚକୋଲେଟ୍‌ରେ। ଏଭଳି ଏକ ମୂର୍ତ୍ତି ତିଆରି କରି ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ଗୁଜରାଟର ସୁରଟରେ ଥିବା ଜଣେ ଡାକ୍ତର ଅଦିତି ମିତଲ। ସେ ବିଭିନ୍ନ ପ୍ରକାରର ଡ୍ରାଏ ଫ୍ରୁଟ୍‌ସକୁ ନେଇ ସୁନ୍ଦର ଭାବରେ ଏକ ଗଣେଶଙ୍କ ମୂର୍ତ୍ତି ତିଆରି କରିଛନ୍ତି, ଯାହା ଆକର୍ଷଣୀୟ ହେବା ସହିତ ପରିବେଶକୁ ପ୍ରଦୂଷଣ ମୁକ୍ତ କରିପାରିବ। ଡ୍ରାଏ ଫ୍ରୁଟସରେ ତିଆରି ହୋଇଥିବା ଏହି ମୂର୍ତ୍ତିକୁ ପୂଜା ଶେଷରେ ବିସର୍ଜନ କରିବା ପରେ କୋଭିଡ୍ ହସ୍‌ପିଟାଲର ରୋଗୀମାନଙ୍କୁ ପ୍ରସାଦ ରୂପେ ବାଣ୍ଟି ଦିଆଯିବ ବୋଲି ଡାକ୍ତରଜଣକ କହିଛନ୍ତି।

ସେହିପରି ଗୁଜରାଟ ଭଦୋଦରାର ଜଣେ କଳାକାର ବିଭିନ୍ନ ଗଛର ମଞ୍ଜିରେ ଗଣେଶଙ୍କ ମୂର୍ତ୍ତି ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ମତରେ ଗଣେଶଙ୍କ ପୂଜା ପରେ ଯେକୌଣସି ପୁଷ୍କରିଣୀରେ ବି ମୂର୍ତ୍ତି ବିସର୍ଜନ କରିବା ପରେ ସେଥିରେ ଥିବା ମଞ୍ଜିରୁ ଗଜା ବାହାରି ଗଛ ହୋଇପାରିବ। ତେଣୁ ପରିବେଶ ପ୍ରଦୂଷଣ ହେବନାହିଁ। ଏଥର କରୋନା କଟକଣା ମଧ୍ୟରେ ଅଧିକାଂଶ ସ୍ଥାନରେ ନିରାଡମ୍ବରଭାବେ ଇକୋ ଫ୍ରେଣ୍ଡ୍‌ଲି ଗଣେଶଙ୍କ ମୂର୍ତ୍ତି ପୂଜା କରାଯାଇଛି।



ମନେ ପଡ଼ନ୍ତି
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଡାକ୍ତର ଲକ୍ଷ୍ମୀଧର ପଣ୍ଡା
ଖେଲାର୍, ନିମାପଡ଼ା, ପୁରୀ
ଆବିର୍ଭାବ: ୧୨।୦୮।୧୯୪୭
ତିରୋଧାନ: ୧୨।୦୮।୨୦୨୦
ସାଂସାରିକ ମୋହର ଘନ ଅନ୍ଧକାରକୁ ହଟେଇ ତୁମେ କରିନେଲ ଜୀବନର ପରମ ଓ ଚିରନ୍ତନ ସତ୍ୟ, ଜୀବନବ୍ୟାପୀ ସତ୍‌ମାର୍ଗରେ ଚାଲିବା ପାଇଁ ତୁମ ଅଙ୍ଗୀକାରବଦ୍ଧତା ଥିଲା ଅନସ୍ୱୀକାର୍ଯ୍ୟ ତୁମେ ଗଲାପରେ ବହୁତ ଝୁରୁଛୁ ତୁମକୁ ଚତୁର୍ଦ୍ଦିଗ ହାହାକାରମୟ ଦିଶୁଛି। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଖେ ଆମ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ତୁମ ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀ ବୋହୂ, ବନ୍ଧୁଜନ ଓ ପରିବାରବର୍ଗ ।
ଧ-୬୯୬୧୨

# ଟ୍ରେଣ୍ଡରେ ଓଡ଼ିଆ ଟି-ଶାର୍ଟ

**ସମୟ ସହ ଯୁବପିଢିଙ୍କ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ସବୁବେଳେ ବଦଳିଥାଏ। ଠିକ୍ ଯେମିତି ବର୍ତ୍ତମାନ ଅନେକ ଯୁବତୀଯୁବକ ମେସେଜ୍ ଟି-ଶାର୍ଟ ପିନ୍ଧିବାକୁ ବେଶ୍ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଆଉ ଏମିତିରେ ଏବେ ନିଜ ମାତୃଭାଷା ଓଡ଼ିଆରେ କିଛି ଢଗ ଢମାଳି ଲେଖାଥିବା ଟି-ଶାର୍ଟ ସେମାନଙ୍କ ଲାଗି ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ...**



ପ୍ରଣତୀ

ମଣିଷ ଯେତେ ଉଚ୍ଚ ଶିକ୍ଷିତ ହୋଇ ଥାଉ ନା କାହିଁକି, ନିଜ ଆଞ୍ଚଳିକ ଭାଷା ପ୍ରତି ଥିବା ମୋହ କେବେ କମେନି। ବୋଧ ହୁଏ ସେଥିପାଇଁ ବର୍ତ୍ତମାନ ଓଡିଆ ମେସେଜ୍ ଥିବା ଟି-ଶାର୍ଟ ଯୁବପିଢିଙ୍କ ଲାଗି ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ବିଶେଷ କରି ଟି-ଶାର୍ଟ ଉପରେ ଆମେ ଓଡିଆ ଭାରି ବଢିଆ, ଗୋଟେ ଖୁସି ଆଉ, ନୋକାଲ ଟୋକା, ଖାଣ୍ଟି କଟକିଆ, ଆପଣମାନେ ଖୁସି ତ, ଭାରି ଜିଦିଆ, ଦୂରରୁ ନମସ୍କାର, ମୁଁ ନ ଥିଲେ ତ କିଛି ହବନି ଆଉ ଭଳି ଲେଖା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଆଉ ଏହି ଓଡିଆ ମେସେଜ୍ ଟି-ଶାର୍ଟ ପ୍ରସ୍ତୁତ କରିବାର ଅଭିନବ ପ୍ରୟାସ କରିଛନ୍ତି କଟକର କେତେଜଣ ଯୁବପିଢି। କେବଳ ଆମ ରାଜ୍ୟ ନୁହେଁ ରାଜ୍ୟ ବାହାରେ ରହୁଥିବା ପ୍ରବାସୀ



ଅଂଶୁମାନ

ଓଡିଆମାନଙ୍କ ମଧ୍ୟରେ ବି ଏହାର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ଯାହାକୁ ଆଖିଆଗରେ ରଖି ଗ୍ରାହକଙ୍କ ପାଖରେ ଅଧିକରୁ ଅଧିକ ଏଭଳି ଟି-ଶାର୍ଟ ସହଜରେ ପହଞ୍ଚାଇବା ଲାଗି ଏହାର ଏକ ୱେବସାଇଟ୍ ମଧ୍ୟ ଖୋଲାଯାଇଛି। ଦିନକୁ ଦିନ ଏହି ଓଡିଟିଜ୍‌ର ଲୋକପ୍ରିୟତା ବଢୁଥିବାର ଦେଖିବାକୁ ମିଳୁଛି।

## କ'ଣ କୁହନ୍ତି ଏମାନେ...

**ଅଂଶୁମାନ ଦ୍ୱିବେଦୀ (ବାଙ୍ଗାଲୋର)–** ଓଡିଆ ଭାବେ ମନରେ ଗର୍ବ ଅନୁଭବ କରେ। ତେଣୁ ଯେତେବେଳେ 'ଆମେ ଓଡ଼ିଆ ଭାରି ବଢ଼ିଆ' ଲେଖା ଥିବା ଟି-ଶାର୍ଟ ପିନ୍ଧିବାକୁ ପାଇଲି ଖୁସି ଲାଗିଲା। କାରଣ ବାହାରେ ସମସ୍ତେ ବିଭିନ୍ନ ଭାଷାରେ ଲାଟେଷ୍ଟ ଟ୍ରେଣ୍ଡିଂ ମେମେ ଥିବା ଟି-ଶାର୍ଟ ପିନ୍ଧୁଛନ୍ତି, ହେଲେ ଆମ ଓଡିଆ ଟି-ଶାର୍ଟ ନ ଥିଲା। ତେଣୁ ଆମେ ବାହାରେ ଏଭଳି ଟି-ଶାର୍ଟ ପିନ୍ଧିବା ଦ୍ୱାରା ଆମ ନନ୍ ଓଡିଆ ସାଙ୍ଗମାନେ ବି ଏସବୁ ଡାଇଲଗ୍ ବିଷୟରେ ଜାଣିବାକୁ ପାଉଛନ୍ତି। ମୋ ପାଖରେ ବର୍ତ୍ତମାନ ଏଭଳି ଓଡିଆ ଟି-ଶାର୍ଟର ଏକାଧିକ କଲେକ୍ସନ ରହିଛି।

**ସଞ୍ଜୟ ଦାସ( ବଙ୍ଗାଳି ସାହି, କଟକ)–** ନିଜ ମାତୃଭାଷାରେ କଥା ହେବାରେ ଯେଉଁ ମଜା ଅଛି ତାହା ଅନ୍ୟ କେଉଁଥିରେ ନାହିଁ। ଆଉ ଏମିତିରେ ଯଦି ଟି-ଶାର୍ଟରେ ନିଜ ଭାଷାରେ କିଛି ମେସେଜ୍ ପ୍ରିଣ୍ଟ ଥାଏ ତେବେ ତାକୁ ପିନ୍ଧିବାର ମଜା ଅଲଗା। କାରଣ ଇଂଲିଶ୍ ହେଉ କିମ୍ବା ହିନ୍ଦୀ ଭାଷାରେ କିଛି ଲେଖା ଥିବା ଟି-ଶାର୍ଟ ତ ମାର୍କେଟ୍‌ରେ ଅନେକ ମିଳୁଛି ହେଲେ ଓଡିଆ ଢଗଢମାଳି ଥିବା ଟି-ଶାର୍ଟ ନୂଆ। ଅନ୍ୟ ଭାଷା ଲେଖା ଥିଲେ ହୁଏତ କେହି ପଢି ନ ପାରନ୍ତି କିମ୍ବା ପଢିବାରେ ଅବହେଳା କରିଦିଅନ୍ତି, ହେଲେ ନିଜ ଭାଷାରେ ଲେଖା ଥିଲେ ଆଖି ଆପେ ଆପେ ଟାଣି ହୋଇଯାଏ। ସତ କହିବାକୁ ଗଲେ ଯେତେବେଳେ ପ୍ରଥମେ ଓଡିଟିଜ୍ ପିନ୍ଧିଲି ଆଉ କେତେଜଣ କେଉଁଠୁ କିଣିଲୁ ପଚାରିଲେ ଭାରି ଖୁସି ଲାଗିଲା। ତେଣୁ ଅଧିକ କିଣିବାକୁ ଆଗ୍ରହ ବଢିଲା।



ସତ୍ୟମ୍



ସଞ୍ଜୟ

**ପ୍ରଣତୀ ମହାରଣା(ବାଙ୍ଗାଲୋର)–** ଯେତେବେଳେ ଓଡିଟିଜ୍ ପ୍ରଥମ ଥର ଦେଖିଲି ଅଜଣା ଲୋକଙ୍କ ଭିତରେ କେହି ଚିହ୍ନା ଲୋକଙ୍କୁ ଭେଟିବା ଭଳି ଖୁସି ଲାଗିଲା। ତା'ଛଡା ଜବ୍ ଲାଗି ବାହାରେ ରହିବାକୁ ପଡୁଥିଲେ ବି ନିଜ ରାଜ୍ୟ ବିଶେଷ କରି ନିଜ କଟକ ସହର ପ୍ରତି ଥିବା ଭଲ ପାଇବା କମିନି। ଏମିତିରେ ଆମ ଲୋକାଲ ଢଗଢମାଳି ଥିବା ଟି-ଶାର୍ଟ ପିନ୍ଧିବାର ଆନନ୍ଦ ଅବର୍ଣ୍ଣନୀୟ। ଏହା ଅନ୍ୟମାନଙ୍କୁ ଆମ ଭାଷା ବିଷୟରେ ଜଣାଇବାର ଏକ ଭଲ ମାଧ୍ୟମ।

**ସତ୍ୟମ୍ ଝା(ଦିଲ୍ଲୀ)–** ବିଭିନ୍ନ ପ୍ରକାର ଡ୍ରେସ୍ କଲେକ୍ସନ୍ ମୋର ସଉକ। ବିଶେଷ କରି ଡିଫରେଣ୍ଟ ଡିଫରେଣ୍ଟ ମେସେଜ୍ ଟି-ଶାର୍ଟ ବେଶୀ ଭଲ ଲାଗେ। ତେଣୁ ଯେତେବେଳେ ଓଡିଟିଜ୍ ବିଷୟରେ ଜାଣିଲି, ଓଡିଆର ମଜାଦାର ବିଶେଷ କରି ଆମ କଟକିଆଙ୍କ ଲୋକ କଥା ସବୁ ଟି-ଶାର୍ଟରେ ପାଇଲି ଏହି ନୂଆ କନ୍ସେପ୍ଟ ମୋତେ ବହୁତ ପସନ୍ଦ ଆସିଲା। ଓଡିଟିଜ୍‌ର ବିଭିନ୍ନ ଭେରାଇଟି, ଡିଜାଇନ୍ ଏବଂ ଲେଖା ସହିତ ଗ୍ରାଫିକ୍ସ ଖୁବ୍ ଆକର୍ଷଣୀୟ। ତା'ଛଡା ଏହାର ଦାମ୍ କମ୍ ଏବଂ କ୍ୱାଲିଟୀ ଭଲ ଥିବାରୁ ପିନ୍ଧିବାକୁ ଭଲ ଲାଗୁଛି।

–ପୌର୍ଣ୍ଣମାସୀ




## ଡିମାଣ୍ଡ ବଢୁଥିବାରୁ ଖୁସି ଲାଗୁଛି

ମାର୍କେଟରେ ବିଭିନ୍ନ ଲାଙ୍ଗୁଏଜ୍‌ର ମେସେଜ୍ ଟି-ଶାର୍ଟ ମିଳୁଛି। ହେଲେ ଓଡିଆରେ ଏତେ ଭଲ ଭଲ ଢଗଢମାଳି ଥିଲେ ସୁଦ୍ଧା କେହି ସେ ସମ୍ପର୍କରେ ଜାଣି ପାରୁ ନାହାନ୍ତି। ଯାହାକୁ ଆଖି ଆଗରେ ରଖି ଜଣେ ବନ୍ଧୁ ଦେବାଶିଷ ସାମନ୍ତରାୟଙ୍କ ସହ ମିଶି ଏହି କନ୍ସେପ୍ଟ ଆରମ୍ଭ କଲୁ। ଧିରେ ଧିରେ ଓଡିଟିଜ୍‌ର ଡିମାଣ୍ଡ ବଢୁଥିବାରୁ ଖୁସି ଲାଗୁଛି। ବିଶେଷ କରି ଯୁବପିଢି ଏହାକୁ ଅଧିକ ପସନ୍ଦ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଆମେ ୪୫ଟି ଭେରାଇଟିର ଟି-ଶାର୍ଟ ପ୍ରସ୍ତୁତ କରୁଛୁ। ବ୍ଲାକ୍, ରେଡ୍, ବ୍ଲୁ, ହ୍ୱାଇଟ୍, ଗ୍ରୀନ୍ ଏବଂ ୟେଲୋ କଲର ଟି-ଶାର୍ଟ ଉପରେ ଆମେ ଏହି ଓଡିଆ ଲୋକ କଥା ଗୁଡିକୁ ପ୍ରିଣ୍ଟ କରୁଛୁ। ତେବେ ଓଡିଶା ବାହାରେ ମଧ୍ୟ ଯେପରି ଲୋକେ ଆମର ଏହି ଓଡିଆ ଢଗ ଢମାଳି ଜାଣିବେ ଏବଂ ସହଜରେ ପଢିପାରିବେ ସେଥିପାଇଁ କେତେକ ଶାର୍ଟରେ ଏସବୁକୁ ଇଂଲିଶ ଅକ୍ଷରରେ ପ୍ରିଣ୍ଟ କରୁଛୁ। ଦୁଇ ବର୍ଷ ହେବ ବାଲିଯାତ୍ରାରେ ଏକ ଷ୍ଟଲ୍ ପକାଉଛୁ ଏବଂ ବେଶ୍ ଭଲ ବିକ୍ରୀ ମଧ୍ୟ ହେଉଛି। ସାଧାରଣତଃ ଆମେ ଏହାର ଦାମ୍ ୩୫୦ ଟଙ୍କା ରଖିଛୁ, ହେଲେ ବାଲିଯାତ୍ରାରେ ଏହା ୨୯୯ଟଙ୍କା ରଖିଥାଉ। ଏହାକୁ ଏକ ବିଜନେସ୍ କରି ଲାଭବାନ୍ ହେବା ଆମର ଉଦ୍ଦେଶ୍ୟ ନୁହେଁ ବରଂ ଏହାଦ୍ୱାରା ମାତୃ ଭାଷାର ପ୍ରଚାର ପ୍ରସାର ଆମର ଲକ୍ଷ୍ୟ। ତେଣୁ ଏଥିରୁ ମିଳୁଥିବା ଅର୍ଥରୁ ୨୦% ସିଧାସଳଖ ଆମର ସିଲଭରସିଟି କଟକ– ପବ୍ଲିକ ଚାରିଟେବଲ୍ ଟ୍ରଷ୍ଟ ମାଧ୍ୟମରେ ଜନସେବାରେ ଲଗାଉଛୁ ଏବଂ ବାକି ଟଙ୍କା ଏହି ଟି-ଶାର୍ଟ ପ୍ରସ୍ତୁତ କରିବାରେ ଲଗାଉଛୁ। ଆଗକୁ ପ୍ରତ୍ୟେକ ଜିଲାର କିଛି କିଛି ଲୋକ କଥାକୁ ନେଇ ମଧ୍ୟ ଟି-ଶାର୍ଟ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ।



**ଅଭିଜିତ ପୃଷ୍ଟି,** କଟକ

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ଆଦିବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅନୁଧ୍ୟାନ କରିବା ଲାଗି ଆରମ୍ଭ ହୋଇଥିବା ଇ–ପୋର୍ଟାଲର ନାମ............ ?
୨– ସ୍ୱଚ୍ଛ ଭାରତ ମିଶନ ଏକାଡେମୀ ............ ସହରରେ ଉଦ୍‌ଘାଟନ କରାଯାଇଛି ?
୩– ଅଲିମ୍ପିକ୍‌ରେ ପଦକ ହାସଲ କରିଥିବା ସ୍ୱାଧୀନ ଭାରତର ପ୍ରଥମ ଖେଳାଳି ..........
୪– ଆଣ୍ଟିସେପ୍ଟିକ୍ ସର୍ଜରିର ଜନକ................ ?
୫– ଅଟଳ ଟନେଲ ........................ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ନୂଆଦିଲ୍ଲୀ
୨ ଆନ୍ଧ୍ରପ୍ରଦେଶ
୩ ବିଶାଖାପାଟଣା
୪ ଡକ୍ଟ. ଭି. ରମଣ
୫ ଡିସେମ୍ବର ୨୪

## ଉତ୍ତରଦାତା


ଚନ୍ଦନ ଗୁପ୍ତା, କଳାହାଣ୍ଡି


ଦେବାଶିଷ ସାହୁ, ନୟାଗଡ


ରାକେଶ କୁମାର ସାହୁ, ଖଣ୍ଡଗିରି, କୋରାପୁଟ


ଶୁଭଲକ୍ଷ୍ମୀ ସାହୁ, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

# ଅଲ୍‌ରାଉଣ୍ଡର ନୀତୀଶ



ଯୁବ ପ୍ରତିଭା

ସେ ଜଣେ ଇନ୍‌ଟର୍ନ ଡାକ୍ତର। ନିଶା ତାଙ୍କର ସମାଜସେବା। ଡ୍ୟୁଟି ପରେ କେତେବେଳେ ଅନାଥ ଆଶ୍ରମ ତ ଆଉ କେତେବେଳେ ବୃଦ୍ଧାଶ୍ରମ, ଆଉ ପୁଣି କେତେବେଳେ ଗରିବ ଅସହାୟଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା କରୁଥିବାର ଦେଖିବାକୁ ମିଳେ ତାଙ୍କୁ। ତେବେ ମାତ୍ର ୨୪ ବର୍ଷ ବୟସରୁ ଏଭଳି ବିଭିନ୍ନ ସାମାଜିକଧର୍ମୀ କାର୍ଯ୍ୟ କରି ଅନେକଙ୍କ ଲାଗି ଉଦାହରଣ ପାଲଟିଥିବା ଏହି ଯୁବ ଡାକ୍ତର ହେଉଛନ୍ତି ବାଲେଶ୍ୱର ବାଲିଆପାଳ ଅନ୍ତର୍ଗତ ଗଡସାହି ଅଞ୍ଚଳର ମା'ସାବିତ୍ରୀ ଏବଂ ବାପା ଆଶୁତୋଷ ଧଳଙ୍କ ପୁଅ ନୀତୀଶ କୁମାର। ବର୍ତ୍ତମାନ ସେ ଭୁବନେଶ୍ୱର ବାସିନ୍ଦା। ପିଲାଟି ଦିନୁ ସେ ବେଶ୍ କଳାପ୍ରେମୀ। ଅଭିନୟଠାରୁ ଆରମ୍ଭ କରି ପ୍ରଯୋଜନା ଏବଂ ନିର୍ଦ୍ଦେଶନା ପର୍ଯ୍ୟନ୍ତ ସବୁଥିରେ ରହିଛି ତାଙ୍କର ଦକ୍ଷତା। ଆଉ ଏଥିପାଇଁ ତାଙ୍କୁ ମିଳିଛି ଅନେକ ପ୍ରଶଂସା ଓ ପୁରସ୍କାର। ବର୍ତ୍ତମାନ ସୁଦ୍ଧା ସେ ନିଜ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ରୁମାନା, ପରିବର୍ତ୍ତନ, ତୋଫା, ଉମିଦ୍ ଏବଂ ମା' ନାମକ ୫ଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବା ସହ ପୁରସ୍କୃତ ମଧ୍ୟ ହୋଇସାରିଛନ୍ତି। ସେ ଦୂରଦର୍ଶନରେ ପ୍ରସାରିତ ଏକ ଟେଲି ଧାରାବାହିକରେ ମଧ୍ୟ ଅଭିନୟ କରିସାରିଛନ୍ତି। ଏହା ବ୍ୟତୀତ ସେ ଭାୟୋଲିନ୍‌ରେ ବିଷାରଦ ହାସଲ କରିବା ସହ ଜଣେ ଫଟୋଗ୍ରାଫର ଭାବେ ଏକାଧିକ ପୁରସ୍କାର ଲାଭ କରିଛନ୍ତି। ନୀତିଶ କୁହନ୍ତି, ''ଜେଜେବାପା(ରଘୁନାଥ ଧଳ) ଥିଲେ ଜଣେ ବରିଷ୍ଠ ନାଟ୍ୟକାର, ନିର୍ଦ୍ଦେଶକ ଏବଂ ସଂଗୀତକାର। ତାଙ୍କର 'ସରସ୍ୱତୀ ଲୋକନାଟ୍ୟ' ନାମରେ ଏକ ଯାତ୍ରାପାର୍ଟି ମଧ୍ୟ ଥିଲା, ଯାହା କି ସେ ସମୟରେ ବାଲେଶ୍ୱର ଅଞ୍ଚଳରେ ଖୁବ୍ ଲୋକପ୍ରିୟ ଥିଲା। ଜେଜେଙ୍କଠୁ ଅନୁପ୍ରାଣିତ ହୋଇ ମୋର ଅଭିନୟ ପ୍ରତି ଆଗ୍ରହ ବଢିଥିଲା।'' ତେବେ କଳା କ୍ଷେତ୍ରରେ ବିଶେଷ ରୁଚି ଥିଲେ ହେଁ ଡାକ୍ତରୀ ପଢ଼ିବାକୁ ମନ ବଳାଇବା ପଛରେ ଥିଲା ଏକ ବଡ କାରଣ। ପିଲାବେଳେ ଜେଜେଙ୍କୁ ଅଭିନୟ ଶିଖିବା ସହ ହସଖୁସିରେ କଟୁଥିଲା ତାଙ୍କ ଦିନ। ହେଲେ ହଠାତ୍ ଜେଜେଙ୍କର ହୃଦ୍‌ଘାତଜନିତ ମୃତ୍ୟୁ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଥିଲା। ଛୋଟ ଥିବାରୁ ଜେଜେଙ୍କୁ ସିନା ବଞ୍ଚାଇବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା ହେଲେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀ ଚିକିତ୍ସା କରିବାକୁ ସେ ମନସ୍ଥ କରିଥିଲେ। ସେବେଠୁ ଦୃଢ ମନୋବଳ ନେଇ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ ଏବଂ ସଫଳ ମଧ୍ୟ ହେଲେ।

ସ୍କୁଲରେ ପଢିବା ସମୟରୁ ହିଁ ତାଙ୍କ ଭିତରେ ଏକ ନେତୃତ୍ୱ ମନୋଭାବ ଥିଲା। ଏମିତି କି ଡାକ୍ତରୀ ପଢିବା ବେଳେ ମଧ୍ୟ ଅନେକ ରାଜ୍ୟ ତଥା ଜାତୀୟ, ଅନ୍ତର୍ଜାତୀୟ ଅନୁଷ୍ଠାନରେ ନେତୃତ୍ୱ ନେଲେ। ବର୍ତ୍ତମାନ ସେ ଗ୍ଲୋବାଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ମେଡିକାଲ୍ ଷ୍ଟୁଡେଣ୍ଟ ଆସୋସିଏଶନ୍‌ର ନ୍ୟାଶନାଲ୍ ଏକ୍‌ଜିକ୍ୟୁଟିଭ୍ ବୋର୍ଡ ମେମ୍ବର, ୱେବ୍–ମେଡ୍ କ୍ୱେଷ୍ଟର ପବ୍ଲିକ୍ ରିଲେସନ୍ସ ଓ ଆମ୍ବାସଡର ମୁଖ୍ୟ, ୟୁନାଇଟେଡ୍ ଡକ୍ଟର ଆସୋସିଏଶନ୍‌ର ନ୍ୟାଶନାଲ୍ ଷ୍ଟୁଡେଣ୍ଟ ରିପ୍ରେଜେଣ୍ଟେଟିଭ୍ ଏବଂ ସାଇଟୋପଟ୍ ନାମକ ଏକ ଇ–ଆପଏଣ୍ଟମେଣ୍ଟ ବୁକିଂ ଆପ୍ଲିକେଶନ୍‌ର ନ୍ୟାଶନାଲ୍ ପିଆର୍ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହା ବ୍ୟତୀତ ସେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନ୍– ମେଡିକାଲ୍ ଷ୍ଟୁଡେଣ୍ଟ ନେଟ୍‌ୱର୍କ ଏବଂ ଷ୍ଟୁଡେଣ୍ଟ ନେଟ୍‌ୱର୍କ ଅର୍ଗାନାଇଜେଶନ୍‌ର ଷ୍ଟେଟ୍ ପ୍ରେସିଡେଣ୍ଟ ହୋଇଥିବା ବେଳେ ଏସିଆନ୍ ମେଡିକାଲ୍ ଷ୍ଟୁଡେଣ୍ଟ ଆସୋସିଏଶନ୍‌ର ଷ୍ଟେଟ୍ ହେଡ୍ ଭାବେ କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ 'ବିଇଂ ଏବଂ ବିକମିଙ୍ଗ୍' ନାମକ ଏକ ଏନ୍‌ଜିଓରେ ନ୍ୟାଶନାଲ୍ ପ୍ରେସିଡେଣ୍ଟ ଭାବେ ଯୋଡି ହୋଇ ଗ୍ରାମାଞ୍ଚଳଗୁଡିକରେ ସ୍ୱାସ୍ଥ୍ୟ ଶିକ୍ଷା ସହ ବିଭିନ୍ନ ସଚେତନତାମୂଳକ ବର୍ତ୍ତା ପହଞ୍ଚାଇବା କାର୍ଯ୍ୟ କରିଆସୁଛନ୍ତି। ଭବିଷ୍ୟତରେ ଅଧିକରୁ ଅଧିକ ଅସହାୟଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ସମୟ ଏବଂ ସୁଯୋଗ ମିଳିଲେ ଶର୍ଟ ଫିଲ୍ମ ବଦଳରେ ଫୁଲ୍ ଟାଇମ୍ ଫିଲ୍ମ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି ନୀତୀଶ।

ୟୁ | ଥ୍ | ଆ | ଲ | ର୍ଟ

# ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିଲେ

**ଆଜିର ଯୁବପିଢ଼ି ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ପାଇଁ ବିଭିନ୍ନ ପ୍ରକାର ଉପାୟ ଆପଣେଇବାକୁ ପଛାଉ ନାହାନ୍ତି। ବିଶେଷ କରି ସେମାନେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧନ ବା ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏସବୁ ଅପରପକ୍ଷେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି, ସେ ଦିଗରେ ସେମାନେ ସଚେତନ ନାହାନ୍ତି...**

– ଯୁବପିଢିଙ୍କର ସାଧାରଣତଃ ଅନ୍ୟଠୁ ସୁନ୍ଦର ଏବଂ ଆକର୍ଷଣୀୟ ଦେଖାଯିବାକୁ ନେଇ ଏକ ପ୍ରତିଯୋଗିତାମୂଳକ ଭାବନା ରହିଥାଏ। ତେଣୁ ସେମାନେ ଅନ୍ୟଠାରୁ ଅଧିକ ଗୋରା ହେବା ନିଶାରେ ବିଭିନ୍ନ କମ୍ପାନୀର ଫେଆର୍‌ନେସ୍ କ୍ରିମ୍, ବ୍ଲିଚ୍ ଆଦି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଇନ୍‌ଷ୍ଟାଣ୍ଟ ଫେଆର୍‌ନେସ୍ ଦେଉଥିବା ଏହି କ୍ରିମ୍‌ଗୁଡିକରେ ବ୍ୟବହାର କରାଯାଉଥିବା ମର୍କ୍ୟୁରୀ, ହାଇଡ୍ରୋକୁଇନନ୍ ଭଳି ବିଭିନ୍ନ ରାସାୟନିକ ପଦାର୍ଥ ପରବର୍ତ୍ତୀ ସମୟରେ ତ୍ୱଚାକୁ ହାନି ପହଞ୍ଚାଇଥାଏ। କେବଳ ଏତିକି ନୁହେଁ, କେତେକ ଫେଆର୍‌ନେସ୍ କ୍ରିମ୍‌ରେ ଏକ୍‌ଜିମା ଭଳି ରୋଗର ଔଷଧରେ ବ୍ୟବହୃତ ଷ୍ଟିରଏଡ୍‌ର ଯଥେଷ୍ଟ ଅଧିକ ଗୁଣ ଷ୍ଟିରଏଡ୍ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଇଛି। ଅଷ୍ଟ୍ରେଲିଆନ୍ ପବ୍ଲିକ୍ ହିଟାଲ୍ ପକ୍ଷରୁ ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ଏଭଳି କ୍ରିମ୍ ଅନେକଙ୍କଠାରେ ବ୍ରଣ, ଲାଲ୍ ଦାଗ, କଳା ଦାଗ, ଷ୍ଟ୍ରେଚ୍‌ମାର୍କ ଭଳି ସମସ୍ୟା ସୃଷ୍ଟି କରୁଛି।

–ସେହିପରି ବିଭିନ୍ନ କଲର ବା ସେଡ୍‌ର ଲିପ୍‌ଷ୍ଟିକ୍ ବିନା ବର୍ତ୍ତମାନ ଯୁବତୀଙ୍କର ଯେମିତି ମେକ୍‌ଅପ୍ ଅଧୁରା। ହେଲେ କେତେକ ଲିପ୍‌ଷ୍ଟିକରେ ମିଶା ଯାଉଥିବା ଲେଡ୍ ବା ସୀସା ଶରୀର ପାଇଁ ହାନିକାରକ।

– ପରଫେକ୍ଟ ଲୁକ୍ ପାଇଁ ବର୍ତ୍ତମାନ ଯୁବତୀଯୁବକ ବିଭିନ୍ନ ପ୍ରକାର ହେୟାର କଟିଂ, ଷ୍ଟ୍ରେଟ୍‌ନିଂ, କଲରିଂ ପ୍ରତି ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ହେଲେ ଏସବୁ କରିବା ଲାଗି ବ୍ୟବହାର ହେଉଥିବା ପ୍ରଡକ୍ଟରେ ଥିବା କ୍ଷତିକାରକ କେମିକାଲ୍ ପରବର୍ତ୍ତୀ ସମୟରେ କେଶ ଝଡିବା, ପାଚିବା ସହ ଚନ୍ଦାପଣ ଭଳି ସମସ୍ୟାର କାରଣ ସାଜୁଛି।

– ସେହିପରି ଯୁବତୀମାନେ ନିଜ ଆଉଟ୍‌ଫିଟ୍ ସହିତ ମ୍ୟାଚିଂ କଲରର ନେଲ୍‌ପେଣ୍ଟ ଲଗାଇବା କିମ୍ବା ଏଥିରେ ଡେକୋରେଟିଭ୍ ନେଲ୍ ଆର୍ଟ ଡିଜାଇନ୍ କରିବା ଲାଗି ସେମାନେ ଖୁବ୍ ପସନ୍ଦ କରିଥାନ୍ତି। ହେଲେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଆଣ୍ଡ ଦି କ୍ୟାନ୍ସର ପ୍ରିଭେନ୍ସନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାଲିଫର୍ନିଆର ପ୍ରଫେସର୍ ଡା. ଥୁ କ୍ୱାଚ୍‌ଙ୍କ କହିବା ଅନୁଯାୟୀ, କେତେକ ନେଲ୍‌ପଲିସ୍‌ରେ ବ୍ୟବହାର କରାଯାଉଥିବା ଟଲୋୱିନ୍, ଫର୍ମାଲ୍‌ଡିହାଇଡ୍, ଡାଇବୁଟାଇଲ୍ ଥାଲେଟ୍ ଭଳି ତିନୋଟି ବିଷାକ୍ତ ରାସାୟନିକ ରହିଛି, ଯାହା କି କ୍ୟାନ୍ସରର ଆଶଙ୍କା ସୃଷ୍ଟି କରିବା ସହିତ ପ୍ରଜନନ କ୍ଷମତା ମଧ୍ୟ ହ୍ରାସ କରିଥାଏ।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଅଗଷ୍ଟ ୨୩/୨୦୨୦ Sunday, August 23/2020

# ପିପିଇ ଦାନ କଲେ କେ.ଏଲ୍. ରାହୁଲ

ନୂଆଦିଲ୍ଲୀ, ୨୨।୮(ପି.ଟି.): କୋଭିଡ୍-୧୯ ମହାମାରୀ ସମୟରେ ସହାୟତାର ହାତ ବଢ଼ାଇଛନ୍ତି ଭାରତ କ୍ରିକେଟର କେ.ଏଲ୍. ରାହୁଲ। ବେଙ୍ଗାଲୁରୁ ବିମାନବନ୍ଦରରେ କାର୍ଯ୍ୟରତ ସିଆଇଏସ୍ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) କର୍ମଚାରୀଙ୍କ ଲାଗି ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପମେଣ୍ଟ (ପିପିଇ) ଦାନ କରିଛନ୍ତି। ଭାରତରେ କୋଭିଡ୍-୧୯ରେ ସଂକ୍ରମିତଙ୍କ ସଂଖ୍ୟା ପାଖାପାଖି ୩୦ଲକ୍ଷ ରେକର୍ଡ କରାଯାଇଛି। ୫୬,୦୦୦ ଲୋକ ଏହି ମହାମାରୀରେ ପ୍ରାଣ ହରାଇ ସାରିଲେଣି। ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳର ନେତୃତ୍ୱ ନେବା ଲାଗି ପ୍ରସ୍ତୁତ ହେଉଛନ୍ତି ରାହୁଲ। ଏହି ଉଇକେଟକିପର ବ୍ୟାଟ୍ସମ୍ୟାନ ଜଣେ ପରୋପକାରୀ ବ୍ୟକ୍ତି। ଅତୀତରେ ଥାଲାସେମିଆ ରୋଗୀଙ୍କୁ ସହାୟତା କରିବାକୁ ଯାଇ ସେ ତାଙ୍କ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଜର୍ସି ଏବଂ ତାଙ୍କ ବିଶ୍ୱକପ୍ କିଟ୍ ଦାନ କରିଥିଲେ।

# ୫୮୩/୮ରେ ଇଂଲଣ୍ଡର ଇନିଂସ ଘୋଷଣା

**ଅନ୍ତିମ ଟେଷ୍ଟ**

ସାଉଥାମ୍ପଟନ,୨୨।୮(ପି.ଟି.)

ସ୍ଥାନୀୟ ରୋଜ୍ ବାଓଲ ଗ୍ରାଉଣ୍ଡରେ ଚାଲିଥିବା ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଜ୍ୟାକ୍ କ୍ରଲିଙ୍କ ଆକର୍ଷଣୀୟ ଦ୍ୱିଶତକ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲରଙ୍କ ଶତକ ସହାୟତାରେ ଘରୋଇ ଇଂଲଣ୍ଡ ୧୫୪.୪ ଓଭରରେ ୮ ଉଇକେଟ ବିନିମୟରେ ୫୮୩ ରନ କରି ପ୍ରଥମ ଇନିଂସ ଘୋଷଣା କରିଛି। କ୍ରଲି ୩୯୩ଟି ବଲର ସମ୍ମୁଖୀନ ହୋଇ ୩୪ ଚୌକା ଓ ଗୋଟିଏ ଛକା ସହ ୨୬୭ ରନ କରି ଆଉଟ ହୋଇଛନ୍ତି। ସେହିପରି ବଟଲର ୩୧୧ଟି ବଲ୍ ଖେଳି ୧୩ ଚୌକା ଓ ୨ ଛକା ସହ ୧୫୨ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ରିସ୍ ଓ୍ୱକ୍ସ ୪୦, ଷ୍ଟୁଆର୍ଟ ବ୍ରଡ୍ ୧୫ ରନ କରି ଆଉଟ ହୋଇଥିବା ବେଳେ ଡୋମିନିକ ବେସ୍ ୨୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଶାହିନ ଶାହା ଆଫ୍ରିଦି, ୟାସିର ଶାହା, ଫୱାଦ ଆଲମ ୨ଟି ଲେଖାଏ, ନସିମ ଶାହା ଓ ଆସାଦ ସାଫିକ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



୩୫୯ ରନର ଭାଗିଦାରୀ ଅବସରରେ ଜ୍ୟାକ କ୍ରଲି (୨୬୭) ଓ ଜୋସ୍ ବଟଲର (୧୫୨)।

୧୨୭ ରନରେ ୪ ଉଇକେଟ ହରାଇ ଇଂଲଣ୍ଡ ସଂଘର୍ଷ କରୁଥିବା ବେଳେ କ୍ରଲି ଓ ବଟଲର ଚତୁର୍ଥ ଉଇକେଟରେ ୩୫୯ ରନ କରି ପାକିସ୍ତାନ ବୋଲରଙ୍କୁ ନିରାଶ କରିବା ସହ ଇଂଲଣ୍ଡ ସ୍ଥିତି ଦୃଢ଼ କରିଥିଲେ।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୩୨/୪ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ କ୍ରଲି ୧୭୧ ରନରୁ ଖେଳ ଆରମ୍ଭ କରି ଦ୍ୱିଶତକ ଅର୍ଜନ କରିଥିଲେ। ସେହିପରି ବଟଲର ୮୭ରୁ ଖେଳ ଆରମ୍ଭ କରି ଶତକ ହାସଲ କରିଥିଲେ। ପୂର୍ବରୁ ଟସ୍ ଜିତି ଇଂଲଣ୍ଡ ପ୍ରଥମ ବ୍ୟାଟିଂ କରବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଟେଷ୍ଟ ଜିତି ଇଂଲଣ୍ଡ ୧-୦ରେ ସିରିଜ ଅଗ୍ରଣୀ ହାସଲ କରିଛି। ଦ୍ୱିତୀୟ ଟେଷ୍ଟ ଡ୍ର ରହିଥିଲା। ଅତିକମ୍‌ରେ ଏହି ମ୍ୟାଚ୍‌କୁ ଡ୍ର' ରଖିପାରିଲେ ଘରୋଇ ଦଳ ୧୦ ବର୍ଷ ପରେ ପାକିସ୍ତାନକୁ ପ୍ରଥମଥର ଟେଷ୍ଟ ସିରିଜରେ ପରାସ୍ତ କରିବ। ନିକଟରେ ଇଂଲଣ୍ଡ ଘରୋଇ ପରିବେଶରେ ଓ୍ୱେଷ୍ଟଇଣ୍ଡିଜ୍‌କୁ ଟେଷ୍ଟ ସିରିଜରେ ୨-୧ରେ ପରାସ୍ତ କରିଥିଲା।

# ଆରସିବିରେ ଯୋଗଦେଲେ ଡି'ଭିଲର୍ସ

ଦୁବାଇ, ୨୨।୮ (ପି.ଟି.)

ଦକ୍ଷିଣ ଆଫ୍ରିକାର ୩ଜଣ ଖେଳାଳି ଏବି ଡି'ଭିଲର୍ସ, ଡେଲ୍ ଷ୍ଟେଇନ ଓ ଖ୍ରୀସ୍ ମୋରିସ୍ ଶନିବାର ପ୍ରତ୍ୟୁଷରେ ଦୁବାଇରେ ପହଞ୍ଚିଛନ୍ତି। ଆସନ୍ତା ଆଇପିଏଲ୍ ପାଇଁ ସେମାନେ ସେମାନଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଟିମ୍‌ମେଟ୍‌ଙ୍କ ସହ ଯୋଗ ଦେଇଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଏହି ଟି୨୦ ଲିଗ୍‌ର ୧୩ତମ ସଂସ୍କରଣ ସେପ୍ଟେମ୍ବର ୧୯ରୁ ନଭେମ୍ବର ୧୦ ପର୍ଯ୍ୟନ୍ତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ତିନୋଟି ଭେନ୍ୟୁ ଦୁବାଇ, ଆବୁଧାବି ଓ ଶାରଜାଠାରେ ଖେଳାଯିବ। ଦକ୍ଷିଣ ଆଫ୍ରିକାର ଏହି ୩ ଖେଳାଳିଙ୍କ ପହଞ୍ଚିବାର ଦୃଶ୍ୟକୁ ଭିଡିଓ ଜରିଆରେ ଆରସିବି ସେମାନଙ୍କ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛି। ବିଶ୍ୱର ସବୁଠାରୁ ବଡ଼ ଟି୨୦ ଲିଗ୍ ଖେଳିବା ଲାଗି ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, କିଙ୍ଗ୍ସ ଇଲେଭେନ ପଞ୍ଜାବ, କୋଲକାତା ନାଇଟ ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ୟୁଏଇରେ ପହଞ୍ଚିଛନ୍ତି। ଏହି ଦଳଗୁଡ଼ିକରେ ବହୁ ଷ୍ଟାର ଖେଳାଳି ରହିଛନ୍ତି। ଉତ୍ତାପ ପରିବେଶରେ ଖେଳିବାର ମଜା ନିଆରା ବୋଲି କହିଛନ୍ତି ଭେଟେରାନ ସ୍ୱିଡ୍‌ଷ୍ଟର ଷ୍ଟେଇନ୍। ଆରସିବି ଅଧିନାୟକ ବିରାଟ କୋହଲି ନିଜସ୍ୱ ଆୟୋଜନରେ ମୁମ୍ବାଇରୁ ସିଧାସଳଖ ଆସି ଦୁବାଇରେ ପହଞ୍ଚିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମସ୍ତ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ସେ ପାଳନ କରିଛନ୍ତି। କିଛିଦିନ ବ୍ୟବଧାନରେ ଏକ ଟୁର୍ନାମେଣ୍ଟ ଖେଳିବାକୁ ଯାଉଥିବାରୁ ସାମାନ୍ୟ ନର୍ଭସ ଅନୁଭବ କରୁଥିବା ଏଠାରେ ପହଞ୍ଚିବା ପରେ ମୋରିସ୍ କହିଛନ୍ତି।



ଏବି ଡି'ଭିଲର୍ସ

# ପିଏସ୍‌ଜି-ବେୟର୍ନ ଫାଇନାଲ ଆଜି

**ଚାମ୍ପିୟନ୍ସ ଲିଗ୍**



ଲିସ୍‌ବନ୍,୨୨।୮(ଏପି): ୟୁନିୟନ ଅଫ୍ ୟୁରୋପିଆନ ଫୁଟବଲ ଆସୋସିଏଶନ (ୟୁଇଏଫ୍ଏ) ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହେଉଥିବା ହାଇପ୍ରୋଫାଇଲ୍ ଚାମ୍ପିୟନ୍ସ ଲିଗ୍‌ର ଫାଇନାଲ ମୁକାବିଲା ଏଥର ସ୍ୱଷ୍ଟ ହୋଇଛି। ରବିବାର ଫାଇନାଲ ମୁକାବିଲାରେ ପ୍ୟାରିସ୍-ସେଣ୍ଟ-ଜର୍ମେନ (ପିଏସ୍‌ଜି) ଓ ବେୟର୍ନ ମ୍ୟୁନିକ୍ ପରସ୍ପରକୁ ଭେଟିବେ। କୋଭିଡ୍-୧୯ ମହାମାରୀ କାରଣରୁ ଲିଗ୍ ଅବଶ୍ୟ କେତେମାସ ସ୍ଥଗିତ ଥିଲା। ଏପରିକି ଫାଇନାଲ ମ୍ୟାଚ୍‌ର ଭେନ୍ୟୁରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ହୋଇଥିଲା। ସଫଳ ହେଲେ ପିଏସ୍‌ଜି ପ୍ରଥମଥର ପାଇଁ ଏହି ଲିଗ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବ। ଅନ୍ୟପଟେ ବେୟର୍ନ ଷଷ୍ଠଥର ପାଇଁ ଟାଇଟଲ ହାସଲ କରିବ। ଫାଇନାଲ ମ୍ୟାଚ୍ ଦେଖିବାକୁ ମାତ୍ର କେତେଶହ ଲୋକଙ୍କୁ ସୁଯୋଗ ମିଳିବ। କରୋନା ଭାଇରସ ଟେଷ୍ଟର ସମ୍ମୁଖୀନ ହୋଇଥିବା ଖେଳାଳି ଓ ଅଫିସିଆଲମାନେ ପଡିଆକୁ ପ୍ରବେଶ କରିବେ। ପୂର୍ବରୁ ଏହି ଟାଇଟଲ ମୁକାବିଲା ଇସ୍ତାନବୁଲ୍‌ରେ ମେ'ରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ମହାମାରୀ କାରଣରୁ ଏହାକୁ ଲିସ୍‌ବନ୍‌ର ଇଷ୍ଟାଡିଓ ଡା ଲୁଜ୍‌ରେ ଆୟୋଜନ ହେବ। ପୂର୍ବରୁ ଏଭଳି କେବେ ଫାଙ୍କା ଷ୍ଟାଡିୟମରେ ଏହି ଫାଇନାଲ ମ୍ୟାଚ୍ ଆୟୋଜନ ହୋଇନାହିଁ। ପୂର୍ବରୁ ଏହି ଦୁଇ ଦଳ ପରସ୍ପରକୁ ଏହି ଟୁର୍ନାମେଣ୍ଟରେ ୮ଥର ଭେଟିଛନ୍ତି। ପିଏସ୍‌ଜି ୫ଥର ଓ ବେୟର୍ନ ୩ ଥର ଗ୍ରୁପ୍ ପର୍ଯ୍ୟାୟରେ ବିଜୟୀ ହୋଇଛି। ପିଏସ୍‌ଜି ତୃତୀୟଥର ପାଇଁ ଏହି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଅନ୍ୟପଟେ ବେୟର୍ନ ୧୧ଥର ପାଇଁ ଫାଇନାଲକୁ ଉଠିଛି। ଏହି ଲିଗ୍‌ରେ ରିୟଲ ମାଡ୍ରିଡ୍ ୧୩, ଏସି ମିଲାନ ୭ ଓ ଲିଭରପୁଲ ୬ ଥର ଟାଇଟଲ ହାସଲ କରିଛି। ଚାମ୍ପିୟନ ହେବା ପାଇଁ ଉଭୟଦଳ ଆଶାବାଦୀ ଅଛନ୍ତି।

# ମହିଳା ରେସ୍‌ଲିଂ କ୍ୟାମ୍ପ ପୁଣି ସ୍ଥଗିତ

ନୂଆଦିଲ୍ଲୀ, ୨୨।୮ (ପି.ଟି.): କୋଭିଡ୍-୧୯ ଯୋଗୁ ମହିଳା ରେସ୍‌ଲରମାନଙ୍କ ଲାଗି ହେବାକୁଥିବା ଜାତୀୟ କ୍ୟାମ୍ପକୁ ପୁଣି ସ୍ଥଗିତ ରଖାଯାଇଛି। କରୋନା ଭାଇରସ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଖେଳାଳିମାନେ କ୍ୟାମ୍ପରେ ଯୋଗଦେବା ଲାଗି କୁଣ୍ଠିତ ହେଉଛନ୍ତି। ଜାତୀୟ କ୍ୟାମ୍ପ ସେପ୍ଟେମ୍ବର ୧ରୁ ଲକ୍ଷ୍ନୌରେ ଆରମ୍ଭ ହେବାର ଥିଲା। ମାତ୍ର ଟପ୍ ରେସ୍‌ଲରମାନେ ଏଥିରେ ଯୋଗଦେବା ଲାଗି ଅନିଚ୍ଛା ପ୍ରକାଶ କରିଥିଲେ। ମହିଳା କ୍ୟାମ୍ପକୁ ଦ୍ୱିତୀୟ ଥର ପାଇଁ ସ୍ଥଗିତ ରଖାଯାଇଛି। ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ) ପ୍ରଥମେ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ କ୍ୟାମ୍ପ ଆରମ୍ଭ ହେବାର ଥିଲା। ମାତ୍ର କୋଭିଡ୍ ଯୋଗୁ ଏହା ସ୍ଥଗିତ ରହିଥିଲା। ଅନ୍ୟପକ୍ଷରେ ସୋନେପତ୍‌ଠାରେ ପୁରୁଷ କ୍ୟାମ୍ପ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆରମ୍ଭ ହେବ। ନିକଟରେ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନ ଲାଗି ମନୋନୀତ ହୋଇଥିବା ଭିନେଶ ଫୋଗଟ୍ ବର୍ତ୍ତମାନ ପରିସ୍ଥିତିରେ ଲକ୍ଷ୍ନୌ ଗସ୍ତ କରିବାକୁ ମନା କରିଦେଇଛନ୍ତି।

# କୌଶଳ ବିକାଶକୁ ଗୁରୁତ୍ୱ ଦିଆଯିବ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଭାରତୀୟ ପୁରୁଷ ହକି ଦଳର କୋର ଗ୍ରୁପ୍ କେତୋଟି ମୌଳିକ ବ୍ୟାୟାମ ସହ ଟ୍ରେନିଂ ଆରମ୍ଭ କରିଛନ୍ତି। ତେବେ କେତେ ସପ୍ତାହ ପରେ ଦଳ ସ୍କିଲ୍ ଡେଭଲପମେଣ୍ଟ ଉପରେ ଫୋକସ କରିବ ବୋଲି ଶନିବାର ଭାରତୀୟ ହେଡ୍ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି। ଭାରତର ୬ ଜଣ ଖେଳାଳି କୋଭିଡ୍-୧୯ର ଶିକାର ହୋଇଥିବାରୁ ସାମାନ୍ୟ ସମସ୍ୟା ରହିଛି ବୋଲି ସେ କହିଛନ୍ତି।

ଅଧିନାୟକ ମନପ୍ରୀତ ସିଂ, ସୁରେନ୍ଦର କୁମାର, ଜସକରଣ ସିଂ, ବରୁଣ କୁମାର, କ୍ରିଷନ ବାହାଦୁର ପାଠକ ଓ ମନଦୀପ ସିଂ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ବୋଲି ଜଣାପଡିବା ପରେ ବେଙ୍ଗାଲୁରୁର ଏକ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଗତ ୧୦ରୁ ୧୨ ତାରିଖ ମଧ୍ୟରେ ଖେଳାଳିମାନଙ୍କର ପରୀକ୍ଷା ହୋଇଥିଲା। ଇତିମଧ୍ୟରେ ୫ ଖେଳାଳି ସୁସ୍ଥ ହୋଇଛନ୍ତି। ତେବେ ସୁରେନ୍ଦରଙ୍କୁ ପୁଣି ଥରେ ହସ୍ପିଟାଲରେ ଭର୍ତ୍ତିକରିବାକୁ ପଡିଛି। ଦଳରେ ଯୋଗ ଦେବା ପୂର୍ବରୁ ଏହି ୫ ଖେଳାଳି ଆହୁରି କିଛି ଦିନ ଆଇସୋଲେଶନରେ ରହିବାକୁ ପଡିବ।

ତେବେ ବାକି ଖେଳାଳିମାନେ ବୁଧବାରଠାରୁ ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ କରିଛନ୍ତି। ଆଉ କେତେ ସପ୍ତାହ ପରେ ସବୁ ଖେଳାଳିଙ୍କ ଡେଭଲପ୍‌ମେଣ୍ଟ ପ୍ଲାନ ଓ ସ୍କିଲ୍ ଡେଭଲପମେଣ୍ଟ ଉପରେ ଫୋକସ କରାଯିବ ରିଡ୍ କହିଛନ୍ତି। ଆସନ୍ତାବର୍ଷ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବାରୁ ଖେଳାଳିମାନେ କେତେ ପ୍ରସ୍ତୁତ ସେନେଇ ଆକଳନ କରାଯିବ। ଅଲିମ୍ପିକ୍ ପ୍ରସ୍ତୁତି ନେଇ ସବୁ ଖେଳାଳିଙ୍କୁ ଅବଗତ କରାଇଛି ବୋଲି ୫୬ ବର୍ଷିଆ ରେଡ୍ କହିଛନ୍ତି। ଦଳରେ ଯୋଗ ଦେବା ପୂର୍ବରୁ ରିଡ୍ ଦୁଇ ସପ୍ତାହ କ୍ୱାରାଣ୍ଟାଇନ୍‌ରେ ରହିଥିଲେ।



ଗ୍ରାହାମ ରିଡ୍

# ପରିସ୍ଥିତି ଦେଖି ଆରମ୍ଭ ହେବ ଘରୋଇ କ୍ରିକେଟ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଘରୋଇ କ୍ରିକେଟର ଆରମ୍ଭ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ମୁହଁ ଖୋଲିଛନ୍ତି। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ପରସ୍ଥିତି ସୁଧୁରିବା ଉପରେ ସବୁକିଛି ନିର୍ଭର କରୁଛି। ପରିସ୍ଥିତିରେ ଉନ୍ନତି ଆସିଲେ ଦେଶରେ ଘରୋଇ କ୍ରିକେଟ ଆରମ୍ଭ ହେବ ବୋଲି ଗାଙ୍ଗୁଲି ସବୁ ରାଜ୍ୟ ଆସୋସିଏଶନକୁ ଆଶ୍ୱାସନା ଦେଇଛନ୍ତି। ତେବେ ଘରୋଇ ସେସନ କେବେ ଆରମ୍ଭ ହେବ ସେ କୌଣସି ନିର୍ଦ୍ଦିଷ୍ଟ ତାରିଖ ନେଇ ସ୍ୱଷ୍ଟ କରିନାହାନ୍ତି।

ସାଧାରଣତଃ ଘରୋଇ ସେସନ ଅଗଷ୍ଟରେ ଆରମ୍ଭ ହୋଇଥାଏ। ତେବେ କୋଭିଡ୍-୧୯ ପାଇଁ ଘରୋଇ କ୍ୟାଲେଣ୍ଡରକୁ ଗୁରୁତର ଭାବେ ପ୍ରଭାବିତ କରିଛି। ତେଣୁ ବିସିସିଆଇ ନିର୍ଦ୍ଦିଷ୍ଟ ତାରିଖ ନେଇ କିଛି ସ୍ୱଷ୍ଟ କରିନାହିଁ ଓ ଗାଙ୍ଗୁଲି ଏ ନେଇ ଚିଠି ଲେଖି ସବୁ ଆସୋସିଏଶନକୁ ଅବଗତ କରାଇଛନ୍ତି।

ନଭେମ୍ବର ତୃତୀୟ ସପ୍ତାହରେ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ସହ ଘରୋଇ ସେସନ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ତେବେ ଯେବେ ପରିସ୍ଥିତି ଅନୁକୂଳ ହେବ ସେତେବେଳେ ଘରୋଇ ସେସନ ଆରମ୍ଭ କରିବାକୁ ବିସିସିଆଇ ସବୁ ପ୍ରକାର ପ୍ରୟାସ କରିବ। ଖେଳାଳି, ଘରୋଇ କ୍ରିକେଟ ସହ ଜଡିତ ସବୁ ଲୋକଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ବୋର୍ଡ ପ୍ରାଧାନ୍ୟ ଦେଉଛି। କ୍ରମାଗତ ଭାବେ ବୋର୍ଡ ପରସ୍ଥିତି ଉପରେ ନଜର ରଖିଛି ବୋଲି ଗାଙ୍ଗୁଲି ରାଜ୍ୟ ଆସୋସିଏଶନଗୁଡିକର ସଭାପତି ଓ ସମ୍ପାଦକମାନଙ୍କୁ ଚିଠି ଲେଖି ଉଲ୍ଲେଖ କରିଛନ୍ତି। ଭବିଷ୍ୟତରେ କି ନିଷ୍ପତ୍ତି ନିଆଯିବ ସେ ନେଇ ସବୁ ସଦସ୍ୟଙ୍କୁ ସୂଚନା ଦିଆଯିବ। ତେବେ ଘରୋଇ କ୍ରିକେଟ ଆରମ୍ଭ କରିବାକୁ ପୂର୍ବରୁ ସମସ୍ତଙ୍କ ପରାମର୍ଶ ନିଆଯିବ। ଆଗାମୀ କେତେ ମାସରେ କୋଭିଡ୍-୧୯ ପରିସ୍ଥିତିରେ ସୁଧାର ଆସିବ ଓ ଘରୋଇ କ୍ରିକେଟ ଏକ ସୁରକ୍ଷିତ ପରିବେଶରେ ଆରମ୍ଭ ହେବ ବୋଲି ବିସିସିଆଇ ଆଶା ପ୍ରକାଶ କରିଛି।

ପୁଣି ଭାରତର ଫ୍ୟୁଚର ଟୁର ପ୍ରୋଗ୍ରାମ୍ ନେଇ ମଧ୍ୟ ଗାଙ୍ଗୁଲି ସଦସ୍ୟମାନଙ୍କୁ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଶେଷ ଆଡକୁ ଭାରତ ଅଷ୍ଟ୍ରେଲିଆ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨୦୨୧ ପ୍ରାରମ୍ଭରେ ଇଂଲଣ୍ଡ ଭାରତ ଗସ୍ତରେ ଆସିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଭାରତ ମଧ୍ୟ ଆସନ୍ତା ବର୍ଷ ଟି୨୦ ବିଶ୍ୱକପ୍ ଆୟୋଜନ କରିବ। ସେହିପରି ୨୦୨୩ରେ ଭାରତ ଦିନିକିଆ ବିଶ୍ୱକପ୍ ମଧ୍ୟ ଆୟୋଜନ କରିବ ଓ ଫ୍ୟୁଚର ଟୁର ପ୍ରୋଗ୍ରାମ ପାଇଁ ଭାରତ ପ୍ରତିବଦ୍ଧ ରହିବ ବୋଲି ଗାଙ୍ଗୁଲି ସ୍ୱଷ୍ଟ କରିଛନ୍ତି। ଆଗାମୀ ଡିସେମ୍ବରରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରି ସିରିଜ ଖେଳିବ। ଏହାପରେ ଭାରତୀୟ ଦଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ଫେବୃୟାରୀରେ ଇଂଲଣ୍ଡ ବିପକ୍ଷରେ ସିରିଜ ଖେଳିବା ଆରମ୍ଭ କରିବ ଓ ଏପ୍ରିଲ୍‌ରେ ୨୦୨୧ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଟି୨୦ ବିଶ୍ୱକପ୍ ୨୦୨୧ ଓ ୫୦ ଓଭର ବିଶିଷ୍ଟ ଆଇସିସି କ୍ରିକେଟ ବିଶ୍ୱକପ୍ ୨୦୨୩ରେ ଆୟୋଜନ କରିବାକୁ ଭାରତ ବଦ୍ଧପରିକର ବୋଲି ଗାଙ୍ଗୁଲି କହିଛନ୍ତି। ଅନ୍ୟପକ୍ଷେ ଭାରତୀୟ ମହିଳା ଦଳର ଟୁର ନେଇ ଆଲୋଚନା ଜାରି ରହିଛି। ତେବେ ଏ ସଂକ୍ରାନ୍ତରେ ସେ ବିସ୍ତୃତ ଭାବେ ଅଧିକ କିଛି କହିନାହାନ୍ତି।



ସୌରଭ ଗାଙ୍ଗୁଲି









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ